Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 33 | ISSUE 312 ଭାଗ ୩୩ | ସଂଖ୍ୟା ୩୧୨
Wednesday 4 February 2026 | Page 8 Rs. 5.00
ଭୁବନେଶ୍ୱର ବୁଧବାର ୪ ଫେବୃଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

# ସଂଚାର
THE SANCHAR



ୟୁମନାମ ଖେମଚାନ୍ଦ ମଣିପୁର ମୁଖ୍ୟମନ୍ତ୍ରୀ

ପୃଷ୍ଠା ୬

ମା' ତାରା ତାରିଣୀଙ୍କ ପୀଠରୁ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଆରମ୍ଭ

# ଝିଅ ବୋଝ ନୁହଁ, ଆଶୀର୍ବାଦ



## ସାମୂହିକ ବିବାହରେ ମୁଖ୍ୟମନ୍ତ୍ରୀଙ୍କ କନ୍ୟାଦାନ

## କର୍ତ୍ତା ଭାବେ ହୋମକୁଣ୍ଡରେ ଆହୁତି ପ୍ରଦାନ

ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଏକ ସାଧାରଣ ଜନମଙ୍ଗଳକାରୀ ଯୋଜନା ନୁହେଁ, ଏହା ସାମାଜିକ ସୁରକ୍ଷାକୁ ମଜବୁତ୍ କରିବା ପାଇଁ ରାଜ୍ୟ ସରକାରଙ୍କର ଏକ ଅଭିନବ ପ୍ରୟାସ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ର ଶୁଭାରମ୍ଭ ଅବସରରେ କହିଛନ୍ତି। ଆଜି ମା' ତାରା ତାରିଣୀଙ୍କ ପୀଠରେ ଏହି ଯୋଜନାର ଶୁଭାରମ୍ଭ କରାଯାଇ ୨୦୧ ଜଣ କନ୍ୟାଙ୍କ ଶୁଭ ବିବାହ ସମ୍ପନ୍ନ ହୋଇଛି।

ମୁଖ୍ୟମନ୍ତ୍ରୀ ନିଜେ ଉପସ୍ଥିତ ରହି ବିବାହ ମଣ୍ଡପରେ କର୍ତ୍ତା ଭାବେ ହୋମ କୁଣ୍ଡରେ ଆହୁତି ପ୍ରଦାନ କରି ନବ ଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ଲକ୍ଷ୍ୟ ହେଉଛି ଏପରି ଏକ ଓଡିଶା ଗଢିବା ଯେଉଁଠି କୌଣସି କନ୍ୟା ଆର୍ଥିକ ଦୁର୍ବଳତା କିମ୍ବା ସାମାଜିକ ଚାପ ହେତୁ ବିବାହର ପ୍ରାପ୍ତ ବୟସ ପୂର୍ବରୁ ବିବାହ କରିବାକୁ ବାଧ ହେବେ ନାହିଁ। ଆହୁରି ମଧ ଏହି ଯୋଜନା ସମାଜକୁ ଏକ ନୂତନ ବାର୍ତ୍ତା ଦେବ ଯେ, ଝିଅମାନେ ପିତାମାତାଙ୍କ ପାଇଁ ବୋଝ ନୁହନ୍ତି, ସେମାନେ ହେଉଛନ୍ତି ଭଗବାନଙ୍କ ଆଶୀର୍ବାଦ। ସୂଚନାଯୋଗ୍ୟ ଯେ ଆଜିଠାରୁ ଆରମ୍ଭ ହୋଇଥିବା ଏହି ମାଙ୍ଗଳିକ ଯୋଜନାରେ ସାମିଲ୍ ହେବା ପାଇଁ କନ୍ୟାର ବୟସ ୧୮ରୁ ୩୫ ବର୍ଷ ଏବଂ ବରର ବୟସ ୨୧ରୁ ୩୫ ବର୍ଷ ମଧରେ ହୋଇଥିବା ଆବଶ୍ୟକ ଏବଂ ସେମାନେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ। ଏହି ଯୋଜନାରେ ଯୋଗ୍ୟ କନ୍ୟାଙ୍କୁ ୬୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଉଛି। ୪୫ ହଜାର ଟଙ୍କା ସିଧାସଳଖ କନ୍ୟାର ପୃଷ୍ଠା-୬

ଭାରତ-ଆମେରିକା ଟ୍ରେଡ୍ ଡିଲ୍ ପରେ ଟଙ୍କା ଟାଣ

# ଶେୟାର ବଜାରକୁ ଫେରିଲା ଜୋଶ୍



ମୁମ୍ବାଇ,୩।୨x (ସଂଚାର ବ୍ୟୁରୋ): ଗତକାଲି ଭାରତ ଓ ଆମେରିକା ମଧରେ ଟ୍ରେଡ୍ ଡିଲ୍ ହେବା ସହ ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଲଗାଇଥିବା ଅତିରିକ୍ତ ଟିକସକୁ ହ୍ରାସ କରିଛନ୍ତି। ଏହାର ପ୍ରଭାବ ଆଜି ଶେୟାର୍ ମାର୍କେଟ୍ ଉପରେ ପଡ଼ିଥିଲା। ଏହି ଡିଲ୍‌କୁ ନିବେଶକମାନେ ସକାରାତ୍ମକ ଭାବେ ଗ୍ରହଣ କରି ଆଜି ବେଶ୍ ଅଧିକ କିଣାବିକା କରିଥିଲେ। ଫଳରେ ପ୍ରାରମ୍ଭରେ ଶେୟାର୍ ମାର୍କେଟ୍‌ର ପ୍ରତିଟି ଇଣ୍ଡେକ୍ସ ବେଶ୍ ଗ୍ୟାପ୍ ଅପ୍ ଓପନିଂ ଦେଇଥିଲେ। ଦେଶର ୫୦ଟି ଶୀର୍ଷ କମ୍ପାନୀକୁ ନେଇ ଗଠିତ ନିଫ୍ଟି ପାଖାପାଖି ୫ ପ୍ରତିଶତ ପଏଣ୍ଟ ଗ୍ୟାପ୍‌ଅପ୍‌ରେ ଖୋଲିଥିବା ୨୦ଟି କମ୍ପାନୀର ଇଣ୍ଡେକ୍ସ ସେନ୍ସେକ୍ସ ମଧ ୫.୧୫ ପ୍ରତିଶତ ଉପରେ ଖୋଲିଥିଲା। ଏହାଛଡ଼ା ବ୍ୟାଙ୍କ୍ ନିଫ୍ଟି ପ୍ରାୟ ସାଢ଼େ ୫ ପ୍ରତିଶତ ଗ୍ୟାପ୍‌ଅପ୍‌ରେ ଖୋଲିଥିଲା। ଫଳରେ ନିବେଶକମାନେ ବେଶ୍ ଲାଭବାନ ହୋଇଥିଲେ। ଆଜି ଅପରାହ୍ନ ସାଢ଼େ ୩ଟା ବେଳେ ମାର୍କେଟ୍ ବନ୍ଦ ହେବା ବେଳକୁ ମଧ ତିନିଟିଯାକ ଇଣ୍ଡେକ୍ସ ନିଜର ସ୍ଥିତିକୁ ବଜାୟ ରଖିଥିଲେ। ଅର୍ଥାତ୍ ଆଜି ମାର୍କେଟ୍‌ରେ ବିଶେଷ ବିକ୍ରିବଟା ଦେଖିବାକୁ ମିଳିନାହିଁ। ଏପରି ବ୍ୟାପକ ଲମ୍ଫ ନିବେଶକମାନଙ୍କ ମନରେ ସ୍ୱତନ୍ତ୍ର ଉତ୍ସାହ ଭରିଦେଇଥିଲା। ବିଶେଷକରି ଗତ ୧ ତାରିଖରେ କେନ୍ଦ୍ର ବଜେଟ୍ ଉପସ୍ଥାପନ ପରେ ମାର୍କେଟ୍‌ରେ ରକ୍ତପାତ ସ୍ଥିତି ଦେଖିବାକୁ ମିଳିଥିବା ବେଳେ ଆଜି ତା'ର ଭରଣା ହୋଇଛି। ଟ୍ରେଡ୍ ଡିଲ୍ ମାର୍କେଟ୍‌ରେ ଦୀର୍ଘ ସମୟ ଧରି ଲାଗି ରହିଥିବା ଅନିଶ୍ଚିତତାର ବାଦଲକୁ ସମ୍ପୂର୍ଣ୍ଣ ଭାବେ ହଟାଇ ଦେବା ସହ ଏକ ପୃଷ୍ଠା-୬

ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ରାଷ୍ଟ୍ରପତି

# ବ୍ୟାସକବିଙ୍କ 'ରେବତୀ' ପ୍ରେରଣାର ସ୍ରୋତ




ବାଲେଶ୍ୱର,୩।୨(ସଂଚାର ବ୍ୟୁରୋ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ୬ଦିନିଆ ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ଆଜି ବାଲେଶ୍ୱର ଗସ୍ତ କରି ସେଠାରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ (ଏଫ୍‌ଏମ୍‌ୟୁ)ର ସମାବର୍ତ୍ତନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହ ବିଶ୍ୱବିଦ୍ୟାଳୟର ନୂତନ ଅଡିଟୋରିୟମ୍‌କୁ ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ରାଷ୍ଟ୍ରପତି ବ୍ୟାସକବିଙ୍କ ସ୍ମୃତିଚାରଣ କରି କହିଛନ୍ତି ଯେ ଛାତ୍ରାବସ୍ଥାରେ ସେ ବ୍ୟାସ କବିଙ୍କର କାଳଜୟୀ କାହାଣୀ 'ରେବତୀ' ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଥିଲେ। ସେହି ପ୍ରଭାବ ଏବେବି ଜାରି ରହିଛି। ଉନବିଂଶ ଶତାବ୍ଦୀରେ ଜଣେ ଝିଅର ଶିକ୍ଷା ଗ୍ରହଣ କରିବାର ଦୃଢ଼ସଂକଳ୍ପ ସାହସର ଏକ ଅଲିଭା ପ୍ରମାଣ। ସେହିପରି ସେ ଏକ ଦୂରବର୍ତ୍ତୀ ଆଦିବାସୀ ଗାଁରେ ପାଠ ପଢ଼ିବା ପରେ ଦୃଢ଼ସଂକଳ୍ପ ନେଇ ଭୁବନେଶ୍ୱର ଯାଇଥିଲେ। ସେଠାରେ ସେ ତାଙ୍କର ହାଇସ୍କୁଲ ଓ କଲେଜ ଶିକ୍ଷା ଶେଷ କରିଥିଲେ। ଏହିପରି ଭାବେ ଫକୀର ମୋହନ ତାଙ୍କ ପାଇଁ ପ୍ରେରଣାର ସ୍ରୋତ ପାଲଟିଥିବା ଶ୍ରୀମତୀ ମୁର୍ମୁ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଫକୀରମୋହନଙ୍କର ନିଜ ମାତୃଭାଷା ପ୍ରତି ଗଭୀର ପ୍ରେମ ଥିଲା। ତେଣୁ ସେ 'ମୋ ପାଇଁ ମୋ ମାତୃଭାଷା ସବୁଠୁ ବଡ଼' ବୋଲି ମଧ ଲେଖିଯାଇଛନ୍ତି। ମାତୃଭାଷାରେ ଶିକ୍ଷା ଗ୍ରହଣ କରିବା ଦ୍ୱାରା ଛାତ୍ରଛାତ୍ରୀମାନେ ନିଜ ପାଠପଢ଼ା ସହ ନିଜ ପରିବେଶ, ରୀତିନୀତି ଓ ସାଂସ୍କୃତିକ ପରିବେଶକୁ ଭଲ ଭାବେ ବୁଝିପାରିଥାଆନ୍ତି। ଜାତୀୟ ଶିକ୍ଷା ନୀତି-୨୦୨୦ ମାତୃଭାଷା ଉପରେ ଗୁରୁତ୍ୱାରୋପ କରିଥିବା ବେଳେ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସଂସ୍କୃତି ସହ ଯୋଡ଼ି ହୋଇ ରହିବା ଦିଗରେ ମାର୍ଗଦର୍ଶନ କରୁଛି ବୋଲି ରାଷ୍ଟ୍ରପତି କହିଛନ୍ତି।

ରାଷ୍ଟ୍ରପତି କହିଥିଲେ, ଭାରତରେ ଜ୍ଞାନର ଏକ ସମୃଦ୍ଧ ପରମ୍ପରା ରହିଛି। ଆମର ଶାସ୍ତ୍ର ଏବଂ ପାଣ୍ଡୁଲିପି ଜ୍ଞାନ ଏବଂ ବୁଦ୍ଧିମତ୍ତାରେ ପରିପୂର୍ଣ୍ଣ। କବିତା ଏବଂ ସାହିତ୍ୟ ବ୍ୟତୀତ, ଏହା ବିଜ୍ଞାନ, ଚିକିତ୍ସା, ଜ୍ୟୋତିର୍ବିଜ୍ଞାନ ଏବଂ ସ୍ଥାପତ୍ୟ ଭଳି କ୍ଷେତ୍ରରେ ମଧ ଜ୍ଞାନର ଉତ୍ସ। ଯୁବ ଛାତ୍ରଛାତ୍ରୀ ଏହି ପ୍ରାଚୀନ ଜ୍ଞାନ ପରମ୍ପରାରେ ଗବେଷଣା କରିପାରିବେ। ସେ କହିଥିଲେ, ଅତୀତକୁ ବୁଝି ଏବଂ ବର୍ତ୍ତମାନକୁ ଗ୍ରହଣ କରି ବିଦ୍ୟାର୍ଥୀମାନେ ନିଜର ଏବଂ ଦେଶର ଭବିଷ୍ୟତକୁ ଗଢ଼ିପାରିବେ।

ଏହି ଅବସରରେ ସେ ବିଶ୍ୱବିଦ୍ୟାଳୟର ସ୍ନାତକ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ ଜ୍ଞାନ, ସମର୍ପଣ ଓ ପ୍ରତିବଦ୍ଧତା ମାଧ୍ୟମରେ ସେମାନେ ସମାଜରେ ସମ୍ମାନ ଓ ସ୍ୱୀକୃତି ପାଇପାରିବେ। ସେମାନେ ଯେଉଁଠାକୁ ଯାଆନ୍ତୁ ଓ ଯାହା ବି କରନ୍ତୁ, ପ୍ରତ୍ୟେକ କ୍ଷେତ୍ରରେ ପୃଷ୍ଠା-୬

# ବାଥରେ ପୁଲିସ ବାବୁ



କଟକ ଅର୍ବାନ ପୁଲିସର ପାୱାରଫୁଲ ଏସିପିଙ୍କର ଉପରିସ୍ଥ ଅଧିକାରୀଙ୍କୁ ବି ଖାତିର ନାହିଁ। ବଦଳି ନିର୍ଦ୍ଦେଶ ଆସିଲା ପରେ ବି ତାଙ୍କ ପାଇଁ ତାହା କାର୍ଯ୍ୟକାରୀ ହେଉନାହିଁ। ପ୍ରଶ୍ନ ଉଠୁଛି, କାହା ଛତ୍ରଛାୟା ତଳେ ରହିଛନ୍ତି ଏହି ପୁଲିସ ବାବୁ? ଆଜ୍ଞା ହଁ, କଟକ ସହରାଞ୍ଚଳର ଜଣେ ପାୱାରଫୁଲ ଏସିପିଙ୍କୁ ନେଇ ଚର୍ଚ୍ଚା। ଏହି ପୁଲିସ ବାବୁଙ୍କର କୁଆଡ଼େ ଉପର ସ୍ତରରେ ବେଶ ଦବଦବା ରହିଛି ବୋଲି ସେ କହିବୁଲୁଛନ୍ତି। ଆଉ କଥା କଥାରେ ଅନ୍ୟ ଅଫିସରଙ୍କୁ ତୋଡ଼ ଦେଖାଇ କହୁଛନ୍ତି 'ମୋର ଏଠୁ ଆଉ ବଦଳି ହେବନି। କାହିଁକି ନା ମୋର ଉପରେ ସେଟିଂ ଅଛି, କେହି କିଛି କରିପାରିବେନି।' ଏହି ଏସିପି ସାର୍‌ଙ୍କର ସାଧାରଣ ଲୋକଙ୍କ ପ୍ରତି ବ୍ୟବହାର ଭାରୀ ରୁକ୍ଷ ବୋଲି ବାରମ୍ବାର ଅଭିଯୋଗ ହୋଇଆସିଛି। ଆଉ ତାଙ୍କର କାର୍ଯ୍ୟ ଦକ୍ଷତାକୁ ନେଇ ମଧ ବଡ଼ ସାର କୁଆଡେ ସବୁବେଳେ ଖପ୍ପା। ହେଲେ ବାବୁଙ୍କୁ କାହା ସ୍ୱାର୍ଥରେ କଟକ ସହରାଞ୍ଚଳରେ ଦାୟିତ୍ୱ ଦିଆଯାଉଛି, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଭିଯୋଗ ହେଉଛି ଯେ ବାବୁଙ୍କର କୁଆଡେ ବାରଙ୍ଗ ଅଞ୍ଚଳରେ ଥିବା ଜମି ଆଉ ବାଲି ମାଫିଆଙ୍କ ସହ ପୂର୍ବରୁ ଭଲ ସମ୍ପର୍କ ରହିଛି। ବିଜେଡି ସରକାର ଅମଳରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜଣେ ମୋଷ୍ଟ ପାୱାରଫୁଲ ଅଫିସରଙ୍କ ନାଁରେ ଧମକାଉଥିଲେ। ଆଉ ଏବେ କହୁଛନ୍ତି, ମୋ ଉପରେ ଉପରୁ ହାତ ରହିଛି, କେହି କିଛି କରିପାରିବେନି। ଏହି କରିତ୍‌କର୍ମା ଅଫିସରଙ୍କୁ ନେଇ ପୁଲିସ ପ୍ରଶାସନରେ ପ୍ରବଳ ଅସନ୍ତୋଷ। ହେଲେ କେହି କିଛି କରିପାରୁନାହାଁନ୍ତି। ତେଣୁ ବାବୁଙ୍କ ତୋଡ଼ କେତେଦିନ ରହୁଛି, ତା' ଦେଖିବାର କଥା।

## ପ୍ରଥମ ଥର ପାଇଁ ବାଂଲାଦେଶୀଙ୍କୁ ଦଣ୍ଡାଦେଶ

### ଭୁବନେଶ୍ୱର ଷ୍ଟେସନରୁ ଗିରଫ ହୋଇଥିଲେ

ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ): ଦେଶରେ ଅନୁପ୍ରବେଶକାରୀଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିଚାଲିଥିବାରୁ କେନ୍ଦ୍ର ସରକାର ବେଆଇନ ଭାବେ ରହୁଥିବା ବ୍ୟକ୍ତିବିଶେଷମାନଙ୍କୁ ବିଦା କରିବା ଉପରେ ଜୋର୍ ଦେଉଛନ୍ତି। ଏହି କ୍ରମରେ ଓଡ଼ିଶାରେ ବିଶେଷକରି ବାଂଲାଦେଶୀମାନଙ୍କୁ ସେମାନଙ୍କ ଦେଶକୁ ପଠାଇବା ସକାଶେ ଗତ କିଛି ମାସ ହେଲା ତନାଘନା ଚାଲିଛି। ଏହି କ୍ରମରେ ଆଜି ୯ ଜଣ ବାଂଲାଦେଶକୁ ଜେଲ୍‌ଦଣ୍ଡ ମିଳିଛି। ସେମାନଙ୍କୁ ଭୁବନେଶ୍ୱର ରେଳ ଷ୍ଟେସନରୁ ଗିରଫ କରାଯାଇଥିବା ବେଳେ ଆଜି କୋର୍ଟ ସେମାନଙ୍କୁ ୨ ବର୍ଷ ଲେଖାଏଁ ଜେଲ୍‌ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ରାଜ୍ୟରେ ପ୍ରଥମ ଥର ପାଇଁ କୌଣସି ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଦଣ୍ଡାଦେଶ ହୋଇଛି। ଏଥିସହ ସେମାନଙ୍କୁ ୧୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ପରିସ୍ଥିତିରେ ୩ ବର୍ଷ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବାକୁ ମଧ କୋର୍ଟ ଆଦେଶ ଦେଇଛନ୍ତି। ୬ ଜଣ ସାକ୍ଷୀଙ୍କ ବୟାନ ଓ ଦସ୍ତାବିଜ ଆଧାରରେ କୋର୍ଟ ସେମାନଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ପୃଷ୍ଠା-୬

# କଟକ ଜିଲ୍ଲାପାଳଙ୍କ ବିରୋଧରେ ସଂସଦରେ ଉଠିଲା ସ୍ୱର



ସ୍ୱାଧୀକାର ଭଙ୍ଗ ନୋଟିସ ଆଣିଲେ ସାଂସଦ ଦେବାଶିଷ

ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ): କଟକ ଜିଲ୍ଲାପାଳଙ୍କ ମନମୁଖୀ କାର୍ଯ୍ୟକୁ ନେଇ ସଂସଦରେ ହଙ୍ଗାମା। ରାଜ୍ୟସଭାରେ କଟକ ଜିଲ୍ଲାପାଳଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଲେ ସାଂସଦ ଦେବାଶିଷ ସାମନ୍ତରାୟ। ସଂସଦର ସବୁ ସଦସ୍ୟଙ୍କ ସମ୍ମାନ ରକ୍ଷା କରିବାର ଦାୟିତ୍ୱ ଗୃହର ଅଧକ୍ଷଙ୍କର। କିନ୍ତୁ କଟକର ବର୍ତ୍ତମାନର ଜିଲ୍ଲପାଳ ରାଜ୍ୟସଭା ସଦସ୍ୟଙ୍କୁ ଅଣଦେଖା ଓ ଅପମାନିତ କରୁଛନ୍ତି ବୋଲି ସେ ଅଭିଯୋଗ କରି ତାଙ୍କ ବିରୋଧରେ ସ୍ୱାଧିକାର ନୋଟିସ ଦେଇଛନ୍ତି। ଆଜି ରାଜ୍ୟସଭାର ଶୂନ୍ୟକାଳରେ ସେ ଏହି ପ୍ରସଙ୍ଗ ଉଠାଇଥିଲେ। ସେ ଅଭିଯୋଗ କରିଥିଲେ ଯେ, ନିକଟରେ ନେତାଜୀ ଜୟନ୍ତୀରେ ରାଜ୍ୟସଭା ଅଧକ୍ଷ କଟକକୁ ମୁଖ୍ୟ ଅତିଥି ହୋଇ ଯାଇଥିଲେ। ପ୍ରୋଟକଲ ଦୃଷ୍ଟିରୁ ସେ ସେଠାକାର ପୂର୍ବତନ ବିଧାୟକ ଓ ବର୍ତ୍ତମାନର ରାଜ୍ୟସଭା ସାଂସଦ ହୋଇଥିବାରୁ ତାଙ୍କୁ ନିମନ୍ତ୍ରଣ କରାଯିବା କଥା। କଟକ ଜିଲ୍ଲାପାଳ ଉଦ୍ଦେଶ୍ୟମୂଳକ ଭାବେ ତାଙ୍କୁ ଏହି କାର୍ଯ୍ୟକ୍ରମରୁ ଦୂରେଇ ରଖିଥିଲେ। ଏପରିକି ତାଙ୍କ ନାଁ ନିମନ୍ତ୍ରଣପତ୍ରରେ ନଥିଲା କି ତାଙ୍କୁ ସେହି କାର୍ଯ୍ୟକ୍ରମକୁ ଡକାମଧ ଯାଇନଥିଲା। ରାଜ୍ୟସଭା ଅଧକ୍ଷ ତଥା ଉପରାଷ୍ଟ୍ରପତି ନେତଜୀ ଜୟନ୍ତିରେ କଟକରେ ସୁବାଷ ବୋଷଙ୍କ ସମ୍ମାନରେ ସଂଗ୍ରହାଳୟର ଉଦଘାଟନ କରିଥିଲେ। ପୃଷ୍ଠା-୬

# ଭକ୍ତଙ୍କୁ ସମୟ ଦେଉନାହାନ୍ତି ନବୀନ



ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ): ରାଜ୍ୟସଭା ନିର୍ବାଚନ ନେଇ ଆଲୋଚନା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସମୟ ମାଗିଛନ୍ତି। ସେ ସମୟ ମାଗିବାର ଇତିମଧରେ ୫ ଦିନ ହେଲାଣି। ହେଲେ ନବୀନ ଭକ୍ତଙ୍କୁ ସମୟ ଦେଉନାହାଁନ୍ତି। ଶ୍ରୀ ଦାସ ଚଳିତ ସପ୍ତାହରେ ସମୟ ମାଗିଥିଲେ। ତେଣୁ ସେ ମଧ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଅପେକ୍ଷା କରିଛନ୍ତି। ରାଜ୍ୟସଭା ନିର୍ବାଚନରେ ଖାଲି ହେଉଥିବା ୪ଟି ଆସନ ମଧରୁ ତିନୋଟିରେ ଚିତ୍ର ସ୍ପଷ୍ଟ ରହିଛି। ସଂଖ୍ୟା ଗଣିତରେ ବିଜେଡି ଗୋଟିଏ ଓ ବିଜେପି ଦୁଇ ଆସନ ପାଇବା ସ୍ଥିର। ଦ୍ୱନ୍ଦ୍ୱ ରହିଛି ଚତୁର୍ଥ ଆସନକୁ ନେଇ। ଚତୁର୍ଥ ଆସନ ପାଇଁ କାହା ପାଖରେ ବି ସଂଖ୍ୟା ନାହିଁ। ଚର୍ଚ୍ଚା ହେଉଛି ବିଜେପି ଓ ବିଜେଡି ମିଳିତ ଭାବେ ସହମତିରେ ଜଣଙ୍କୁ ପ୍ରାର୍ଥୀ କରିପାରନ୍ତି। ସେପଟେ କଂଗ୍ରେସ ପ୍ରାଖରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆବଶ୍ୟକ ବିଧାୟକ ନାହାଁନ୍ତି। ଏଭଳି ଏକ ଗୋଳିଆ ସମୟରେ ଭକ୍ତ ଖେଳିଛନ୍ତି ଗୁଗଲି। ସେ ବିଜେଡି ପୃଷ୍ଠା-୬



## କାନ ଡେରିଥା

କୁଚକ୍ରୀ ଗୋଷ୍ଠୀ ନଥିଲେ ଜୀବନେ
ସଫଳତା ମିଳେ ନାହିଁ
କୁଚକ୍ରୀ ହିଁ ତମ ଡିଣ୍ଡିମ ପିଟିବେ
ଚର୍ଚ୍ଚାରେ ରହିବା ପାଇଁ
ବାଡ଼ବତା କିଛି ନାହିଁ...
ଆଗକୁ ଆଗକୁ ଯିଏ ବି ଯାଇଛି
ତା ପଛେ ଅଛନ୍ତି ସାଇଁ ।।

■ ଦେବାଶିଷ

# ଦୋହଲୁଛି ବିଜେଡିର ଜିଲ୍ଲା ସଂଗଠନ



## ସଭାପତିଙ୍କ ପଛରେ ଲାଗୁଛି ହୁକ

## ସ୍ଥିତି ସମ୍ଭାଳିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ

ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ): ବିଜେଡିର ଜିଲ୍ଲାସ୍ତରୀୟ ସଂଗଠନ ଦୋହଲିବାରେ ଲାଗିଛି। ବିଶେଷକରି ଜିଲ୍ଲା ସଭାପତିମାନଙ୍କୁ ଆଉ ବିଶ୍ୱାସକୁ ନେଇନାହିଁ ଦଳର ହେଡକ୍ୱାର୍ଟର। ସେଥିପାଇଁ ଅନେକ ଜିଲ୍ଲାରେ ନିଯୁକ୍ତି ହେଉଛନ୍ତି କାର୍ଯ୍ୟକାରୀ ସଭାପତି। ଆନମନା ହେଉଥିବା ସଭାପତିଙ୍କ ପଛରେ ଏକପ୍ରକାର ହୁକ ଲଗାଇଛି ଦଳ। ଆଜି ଦଳର ଏକାଧିକ କାର୍ଯ୍ୟକାରୀ ସଭାପତି ନିଯୁକ୍ତିରୁ ଏହା ଜଳ ଜଳ ହୋଇ ଦିଶୁଛି।

ଆଜି ବିଜେଡି ଭଦ୍ରକରେ ନୂଆ ସଭାପତି ଭାବେ ବିଧାୟକ ବ୍ୟୋମକେଶ ରାୟଙ୍କୁ ନିଯୁକ୍ତି ଦେଇଛି। ଏଥିସହ ଦୁଇ ଥରର ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁଙ୍କୁ ଦଳ ହଟାଇଦେଇଛି। ଏହାର କାରଣ ଜଗନ୍ନାଥ ବିଜେପିମୁହାଁ ପୂର୍ବତନ ବିଧାୟକ ମୁକ୍ତିକାନ୍ତଙ୍କ ନିକଟତର ବୋଲି କୁହାଯାଉଛି। ଚାନ୍ଦବାଲି ଛାଡ଼ି ଭଣ୍ଡାରିପୋଖରୀମୁହାଁ ହେଉଥିବା ବ୍ୟୋମକେଶଙ୍କୁ ବି ଏପରି ଅଭିଯୋଗ ବେଶ୍ ସୁହାଇଛି।

ସେହିଭଳି ବିଜେଡି ଆଜି ଗଞ୍ଜାମ ଜିଲ୍ଲାରେ ଦୁଇ ଜଣ କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରିଛି। ଜିଲ୍ଲାରେ ଗତ ୨୦୨୪ ନିର୍ବାଚନରେ ନବୀନଙ୍କ ଆସନ ହିଞ୍ଜିଳିକୁ ବାଦ୍ ଦେଲେ ଅବଶିଷ୍ଟ ସବୁତକ ଆସନ ବିଜେପି ପୋଛିନେଇଛି। ବିଜେଡି ଜିଲ୍ଲା ସଭାପତି ବିକ୍ରମ ପଣ୍ଡା ଜଣାଶୁଣା ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ମାମଲାରେ ଏବେ ଜେଲ୍‌ରେ ଅଛନ୍ତି। ଅନ୍ୟତମ ନାରୀ ନେତ୍ରୀ ତଥା ପୂର୍ବତନ ବିଧାୟିକା ଲତିକା ପ୍ରଧାନ ଦଳର ପରାଜୟକୁ ନେଇ ଦଳୀୟ ନେତୃତ୍ୱଙ୍କୁ ପ୍ରଶ୍ନବାଣରେ ଘାଇଲା କରୁଛନ୍ତି। ତେଣୁ ଦଳ ତାଙ୍କ ଉପରେ ବି ଭରସା କରିପାରୁନାହିଁ। ଏଭଳି ସ୍ଥିତିରେ ଦଳ କାର୍ଯ୍ୟକାରୀ ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ଭଗବାନ ଗନ୍ତାୟତଙ୍କୁ ନିଯୁକ୍ତି ଦେଇଛି। ଭଗବାନ ହେଉଛନ୍ତି ବିଜେପି ସାଂସଦ ପ୍ରଦୀପ ପାଣିଗ୍ରାହୀଙ୍କ ପାଖଲୋକ। ଏବେ ପ୍ରଦୀପ-ବିଭୂତି ଫାଟରୁ ଫାଇଦା ପାଇବା ସକାଶେ ଦଳ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି। ପୂର୍ଣ୍ଣଚନ୍ଦ୍ରଙ୍କୁ ବି ଆସିକା ସୋରଡ଼ା ପଟ ସମ୍ଭାଳିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି।

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜରେ ବି ସମାନ ଅବସ୍ଥା। ସେଠାରେ ଆଜି ରାଇସେନ ମୁର୍ମୁଙ୍କୁ ଦଳ ପୃଷ୍ଠା-୬

SANCHAR ସଂଚାର

## ରାସ୍ତାରେ ଲହଡ଼ି ଭାଙ୍ଗୁଛି ଡ୍ରେନ୍ ପାଣି



**କେନ୍ଦ୍ରାପଡା,୩।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ପୁରୁଣା ଚିକିତ୍ସାଳୟ ନିକଟରେ ଡ୍ରେନ୍ ପାଣି ଲହଡୀ ଭାଙ୍ଗୁଛି । ମହାଭୋଇ ପୋଖରୀ ସାମ୍ନାରେ ଥିବା ପୌରାଂଚଳର ଡ୍ରେନ୍ ଭାଙ୍ଗିରୁଜି ଜିବାସହ ଜାମ୍ ହୋଇଯାଇଥିବାରୁ ମୁଖ୍ୟ ରାସ୍ତା ଉପରେ ଡ୍ରେନ୍ ପାଣି ଗୁଡିକ ଲହଡୀ ଭାଙ୍ଗୁଥିବାରୁ ସ୍ଥାନୀୟ ଅଂଚଳ ଦୁର୍ଗନ୍ଧରେ ବାସିନ୍ଦାମାନେ ରହିପାରୁନାହାଁନ୍ତି। ଏହି ଅଂଚଳରେ ତିନି ଚାରିଗୋଟି ନର୍ସିଂହୋମ୍, ମଳମୂତ୍ର ପରୀକ୍ଷାଗାର ଆଦି ଥିବାରୁ ଏହି ଆବର୍ଜନା ଗୁଡିକୁ ଡ୍ରେନ୍‌ରେ ଛାଡୁଥିବାରୁ ରାସ୍ତା ଉପରେ ଯାତାୟତ କରୁଥିବା ବାଟୋଇ ପଚାପାଣି ଭିତରେ ପ୍ରବେଶ କରି ଯାତାୟତ କରୁଛନ୍ତି । ଏଥିସହିତ ସ୍ଥାନୀୟ ଅଂଚଳକୁ ଆସୁଥିବା ଶହ ଶହ ରୋଗୀ ମଧ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଡ୍ରେନ୍‌କୁ ସଫା କରିବା ସହିତ ଅଳିଆ ଆବର୍ଜନା ସ୍ଥାନୀୟ ଅଂଚଳରୁ ହଟାଇବା ପାଇଁ ଦାବି ହେଉଛି ।

## କେନ୍ଦ୍ର ବଜେଟ୍‌ରେ କେନ୍ଦ୍ରାପଡ଼ାକୁ ଜଳପଥ, ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରରେ ଅଧିକାର



**କେନ୍ଦ୍ରାପଡ଼ା,୩।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ପ୍ରଦକ୍ଷଣ ଭବନରେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ଶଶାଙ୍କଶେଖର ସେଠୀଙ୍କ ସଭାପତିତ୍ୱରେ କେନ୍ଦ୍ର ବଜେଟ୍ ୨୦୨୬ ଉପରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ କୁମାର ସ୍ୱାଇଁ ଯୋଗଦେଇ ଚଳିତ କେନ୍ଦ୍ର ବଜେଟ୍ ଏକ ଯୁଗାନ୍ତକାରୀ ବଜେଟ୍ ବୋଲି ଅଭିହିତ କରିବା ସହ ଏହା ବିକସିତ ଭାରତ ଗଠନ ନିମନ୍ତେ ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କର ଏକ ବଳିଷ୍ଠ ତଥା ମହତ୍ୱାଙ୍କକ୍ଷି ପଦକ୍ଷେପ ବୋଲି ପ୍ରକାଶ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲା ସାଧାରଣ ସମ୍ପାଦକ ଅମିତାଭ ସୁଆର, ଉପସଭାପତି ଜୀବନାନନ୍ଦ ସାହୁ, ବିଚିତ୍ର କୁମାର ପ୍ରଧାନ, ପ୍ରଥେଶ୍ ନାୟକ ସମ୍ପାଦିକ ଶୁଭକାନ୍ତ ନାୟକ, ଝିଲ୍ଲି ରାଣୀ ଦାସ, ପ୍ରଶାନ୍ତ ସେଠୀ, ଶ୍ରୀଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ବରିଷ୍ଠ ନେତୃବୃନ୍ଦ ପୂର୍ବତନ ଜିଲ୍ଲା ସଭାପତି କିଶୋର ପଣ୍ଡା, କେନ୍ଦ୍ରାପଡା ନେତ୍ରୀ ଗୀତାଞ୍ଜଳୀ ସେଠୀ, ଆଳି ବିଧାନସଭା ନେତା କୃଷ୍ଣଚନ୍ଦ୍ର ପଣ୍ଡା, ପାଟକୁରା ବିଧାନସଭା ନେତା ତେଜେଶ୍ୱର ପରିଡା, ରାଜ୍ୟ ସାମାଜିକ ଗଣମାଧ୍ୟମ ସଂଯୋଜକ ଉମାକାନ୍ତ ପଟ୍ଟନାୟକ, ରାଷ୍ଟ୍ରୀୟ ପରିଷଦ ସଭ୍ୟ ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବାଲି ବୋଝେଇ ୩ଟି ହାଇୱାକୁ ଜବତ କଲା ପୁଲିସ



**ରାଜନଗର,୩।୨ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସାନବଡଗୋପାଳପୁର ବଜାରରେ ବାଲି ବୋଝେଇ କରି ୩ଟି ହାଇୱା ଆସୁଥିବା ବେଳେ ରାଜନଗର ଥାନା ପୋଲିସ ଜବତ କରିଛି । ବେଆଇନ ବାଲି ଚାଲାଣ କରୁଥିବା ହାଇୱା ନଂ- ଓଡି-୨୯-ଆର-୬୭୦୫, ଓଡି-୨୯-ଜେ-୯୦୯୭ ଏବଂ ଓଡି-୨୯-ଆର -୯୦୯୭ ଏହି ୩ଟି ଗାଡକୁ ଜବତ କରିଛି। ସେମାନଙ୍କ ନାମରେ ପୋଲିସ ୨୭/୨୬, ୨୮/୨୬ ଓ ୨୯/୨୬ରେ ତିନୋଟି ମାମଲା ରୁଜୁ କରାଯାଇଥିବା ଜଣାପଡିଛି।

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ



**ଡେରାବିଶ, ୩।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ନଚ୍ଛିପୁର ଗ୍ରାମସ୍ଥିତ ଜଳସେଚନ ବିଭାଗ କାର୍ଯ୍ୟାଳୟ ନିକଟରେ ଗତକାଲି ବିଳମ୍ବିତ ରାତିରେ ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ସୂଚନା ଅନୁଯାୟୀ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଡାବଳ ଗ୍ରାମର ରଞ୍ଜନ ମଳିକଙ୍କ ସାନପୁଅ ବିମଳ ମଳିକ (୨୦) ଗତକାଲି ବିଳମ୍ବିତ ରାତିରେ ଚାନ୍ଦୋଳ ବଜାରରୁ ଏକ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ କେନ୍ଦ୍ରାପଡ଼ା କେନାଲର ଶାଖା ୧୧ନଂ ଏ କେନାଲ୍ ମଧକୁ ଖସିଯାଇ ଏହାର ସାଇଫନ୍‌ରେ ଖୁବ୍ ଜୋରରେ ବାଡ଼େଇ ହୋଇଯାଇଥିଲେ। ଫଳରେ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଘଟଣାଟି ବିଳମ୍ବିତ ରାତିରେ ଘଟିଥିବାରୁ ଏ ସମ୍ପର୍କରେ କେହି ଜାଣିପାରିନଥିଲେ। ଆଜି ସକାଳୁ ଲୋକମାନେ କାରବାର ହେବାରୁ ଏହି ଦୁର୍ଘଟଣା ସମ୍ପର୍କରେ ଜାଣି ବିମଳଙ୍କ ଘରକୁ ଖବର ଦେଇଥିଲେ। ଖବର ପାଇ ପରିବାର ଲୋକ ଘଟଣା ସ୍ଥଳରେ ପହଞ୍ଚି ଚାନ୍ଦୋଳ ଫାଣ୍ଡିକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଚାନ୍ଦୋଳ ଫାଣ୍ଡି ଅଧିକାରୀ ପ୍ରତାପ ଚନ୍ଦ୍ର ରଥ ପୋଲିସ୍ ଟିମ ସହ ପହଞ୍ଚି ମୃତକଙ୍କୁ ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ବାଇକ୍‌ଟିକୁ ଜବତ କରିଥିବା ଜଣାଯାଇଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ସଦର ଥାନାରେ ୬୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁରହିଥିବା ଫାଣ୍ଡି ଅଧିକାରୀ ଶ୍ରୀ ରଥ ସୂଚନା ଦେଇଛନ୍ତି।

## ବାଇକ୍ ଦୁର୍ଘଟଣାରେ ଦୁଇ ଗୁରୁତର



**ଢେଙ୍କାନାଳ,୩।୨ (ସଂଚାର ବ୍ୟୁରୋ):** ବାଇକ୍ ଆକ୍ସିଡ଼େଣ୍ଟରେ ଦୁଇ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ମୋନଜ ନାୟକ ଓ ହରେଶ । ବାଇକ୍ ଯୋଗେ କାଇମାଟିରୁ ଫେରୁଥିବା ସମୟରେ କୁକୁଡ଼ାଝର ନିକଟରେ ଦୁଇ ବାଇକ୍ ମଧରେ ଧକ୍କା ହୋଇଥିଲା। ଘଟଣାସ୍ଥଳରୁ ଅନ୍ୟ ଏକ ବାଇକ୍‌ରେ ଦୁଇ ଯୁବକ ପଳାଇ ଯାଇଛନ୍ତି। ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଆମ୍ବୁଲାନ୍ସ ଯୋଗେ ଆହତଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଦୁଇ ଗୁରୁତରଙ୍କ ଘର ଢେଙ୍କାନାଳ ନରଣପୁରୁ ଅଞ୍ଚଳରେ ବୋଲି ଜଣାପଡିଛି।

### ଉଜ୍ଜ୍ୱଳା ଗ୍ୟାସ ନାଁରେ ଏଜେନ୍ସୀର ଜୁଲମ୍ ଘଟଣା

### ୧୮ ଦିନ ପରେ ବି ଚୁପ୍ ଯୋଗାଣ ଅଧିକାରୀ

# ଏଯାଏଁ ହିତାଧିକାରୀଙ୍କୁ ମିଳିଲାନି ଗ୍ୟାସ



**ମହାକାଳପଡ଼ା,୩।୨(ସଂଚାର ବ୍ୟୁରୋ):** ସରକାରଙ୍କ ମାଗଣା ଉଜ୍ଜ୍ୱଳା ଯୋଜନା ଆଳରେ କିଛି ଏଜେନ୍ସି ହିତାଧିକାରୀଙ୍କୁ ଶୋଷଣ କରୁଛନ୍ତି। ଯୋଜନା ଅଧୀନରେ ମିଳିବାକୁ ଥିବା ଗ୍ୟାସ ଚୁଲା ନଦେଇ ଭଲ ଚୁଲା ଦେବା ବାହାନାରେ ହିତାଧିକାରୀଙ୍କୁ ଅଧିକ ଟଙ୍କା ଦାବି କରିବା ଓ ନୂତନ ଗ୍ୟାସ ପ୍ରଦାନରେ ବିଳମ୍ବ କରାଯାଉଛି। ଏନେଇ ଜଣେ ହିତାଧିକାରୀ ଅଭିଯୋଗ ଆଣିଥିଲେ। ଅଭିଯୋଗ ଆଧାରରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଧ ଯୋଗାଣ ବିଭାଗ ତରଫରୁ କୌଣସି ତତ୍ପରତା ପ୍ରକାଶ ନପାଇବା ଓ ହିତାଧିକାରୀଙ୍କୁ ତାଙ୍କ ଅଧିକାର ମିଳିବାରେ ବିଳମ୍ବ ହେବାରୁ ଉଦବେଗ ପ୍ରକାଶ କରିଛନ୍ତି ହିତାଧିକାରୀ ଜଣଙ୍କ।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଦେଉଳପଡା ପଞ୍ଚାୟତ ଅଧିନସ୍ଥ ଚଣ୍ଡିଆପଲ୍ଲୀ ଗ୍ରାମର ତରଙ୍ଗିଣୀ ପରିଡ଼ା ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ୍ ପାଇଁ ମହାକାଳପଡ଼ା ଠାରେ ଥିବା ଏମଏସ ସ୍ୱସ୍ତିଦୀପ ଏଚପି ଗ୍ୟାସ ଏଜେନ୍ସୀରେ ଆବେଦନ କରିଥିଲେ। ସମସ୍ତ ଆବଶ୍ୟକୀୟ କାଗଜପତ୍ର ଦାଖଲ ପରେ ତାଙ୍କ ନାମରେ ଗ୍ୟାସ୍ ଅନୁମୋଦନ ହୋଇସାରିଥିଲା। ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ଏଜେନ୍ସୀ ଗ୍ୟାସ୍ ପ୍ରଦାନ କରୁନି। ଯୋଜନା ଅଧୀନରେ ଯେଉଁ ଗ୍ୟାସ୍ ଚୁଲ୍ଲା ମିଳୁଛି ତାହାକୁ ନଦେଇ ଭଲ ଗ୍ୟାସ୍ ଚୁଲ୍ଲା ଦେବାକୁ କହି ୧୮୦୦ ଟଙ୍କା ଦେବାକୁ ଏଜେନ୍ସୀ କର୍ମଚାରୀ ଦାବି କରୁଥିବା ତରଙ୍ଗିଣୀଙ୍କ ପୁଅ ପବିତ୍ର ପରିଡ଼ା ୧୬ ଜାନୁଆରୀରେ ଗଣମାଧମ ଆଗରେ ଅଭିଯୋଗ ଆଣିଥିଲେ। ଗ୍ୟାସ୍ ପାଇଁ ପବିତ୍ର ବାରମ୍ବାର ଅଫିସକୁ ଆସୁଥିଲେ ମଧ ତାଙ୍କୁ ଗ୍ୟାସ୍ ପ୍ରଦାନରେ ବିଳମ୍ବ କରାଯାଉଛି ବୋଲି କହିଥିଲେ। ଏନେଇ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇଥିଲା। ଘଟଣାକୁ ୧୮ଦିନ ଦିନ ବିତିଯାଇଥିଲେ ମଧ ପ୍ରଶାସନ ପକ୍ଷରୁ କିମ୍ବା ଜିଲ୍ଲା ଯୋଗାଣ ଅଧିକାରୀଙ୍କ ତରଫରୁ କୌଣସି ତତ୍ପରତା ଦେଖିବାକୁ ମିଳିନାହିଁ।

ମୋହନ ସରକାର ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାରେ କିନ୍ତୁ ଏହାର ପ୍ରତିଫଳନ ଦେଖିବାକୁ ମିଳୁନି। ବିଭାଗୀୟ ଅଧିକାରୀଙ୍କ କୋହଳ ମନୋଭାବ ଓ ଏଜେନ୍ସିର ଖାଉଟି ମାରଣ ନୀତି ପାଇଁ ସରକାରଙ୍କ ଯୋଜନା ସାଧାରଣ ଲୋକଙ୍କୁ ଠକାମିର ଶିକାର ହେବାକୁ ବାଧ କରାଉଛି ବୋଲି ପବିତ୍ର ସରକାରଙ୍କ ବ୍ୟବସ୍ଥା ଉପରକୁ ପ୍ରଶ୍ନ କରିଛନ୍ତି। ତେବେ ଏଜେନ୍ସି କେବେ ତରଙ୍ଗିଣୀ ଙ୍କୁ ନୂତନ ଗ୍ୟାସ ପ୍ରଦାନ କରିବ ଓ ପ୍ରଶାସନ କେବେ ପଦକ୍ଷେପ ନେବ ତାହା ଦେଖିବାକୁ ବାକି ରହିଲା।

### ଓଳାଭର ବଜାର ଉଚ୍ଛେଦ ପ୍ରସଙ୍ଗ

## ଜବରଦଖଲକାରୀଙ୍କୁ ପ୍ରଶାସନିକ ଛାଟ, ୬ ତାରିଖରେ ଭଙ୍ଗାଯିବ ଦୋକାନ ଘର

**ରାଜକନିକା,୩।୨(ସଂଚାର ବ୍ୟୁରୋ):** ବହୁ ବିବାଦୀୟ ରାଜକନିକା ବ୍ଲକ ଅନ୍ତର୍ଗତ ବାଣିଜ୍ୟିକ ପେଣ୍ଠସ୍ଥଳୀ ଓଳାଭର ବଜାର ସରକାରୀ ରାସ୍ତା ଅବରୋଧକାରୀଙ୍କ ଉଦ୍ଦେଶ୍ୟରେ ଆଜି କନିକା ତହସିଲ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ଆଗାମୀ ପାଞ୍ଚ ତାରିଖ ସୁଦ୍ଧା ଦୋକାନ ଘର ଖାଲି କରିବାକୁ ଚେନାବନୀ ଦେଇଛି। ଏଥିରେ ଅମାନ୍ୟ କଲେ ୬ ତାରିଖ ଦିନ ଉଚ୍ଛେଦ କରାଯିବ ବୋଲି ସ୍ପଷ୍ଟ ହୋଇଛି। ଫଳରେ ପ୍ରାୟ ଦେଢ ବର୍ଷରୁ ଅଧିକ ସମୟ ହେବ ଗଣମାଧମର ଶିରୋନାମା ପାଲଟି ଥିବା ପ୍ରସଙ୍ଗ ଉପରେ ଯବନିକା ପଡିବାକୁ ଯାଉଛି ବୋଲି ଚର୍ଚ୍ଚା ହେଉଛି ।

ପ୍ରକାଶଯୋଗ୍ୟ ଯେ ସବୁ ଆଇନକୁ ଦଳିମକଚି ପ୍ରାୟ ୪୦ବର୍ଷ ହେବ ସରକାରୀ ରାସ୍ତା ଅବରୋଧ କରିଥିବା କିଛି ବ୍ୟବସାୟୀଙ୍କ ଯୋଗୁଁ ଯାତାୟାତରେ ନାହିଁ ନ ଥିବା ହିନସ୍ତା ଭୋଗୁଥିଲେ ଲୋକେ। ଆମ୍ବୁଲାନ୍ସ, ଦମକଳ ଗାଡି ଦୀର୍ଘ ସମୟ ଧରି ଅଟକି ରହି ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏ ସମ୍ପର୍କରେ ୨୦୨୪ ମସିହାରେ ସାମାଜିକକର୍ମୀ ନଳିନୀକାନ୍ତ ପୃଷ୍ଟିଙ୍କ ନେତୃତ୍ୱରେ ବହୁ ବୁଦ୍ଧିଜିବୀ, ଲୋକ ପ୍ରତିନିଧି ଜବରଦଖଲ ହଟାଇବା ନିମନ୍ତେ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଜିଲ୍ଲାପାଳ,ତହସିଲଦାରଙ୍କ ପାଖେ ଗୁହାରୀ କରିଥିଲେ। ତେବେ ଆଇନର ଗଳାବାଟ ଦେଇ ଜବରଦଖଲକାରୀ ଖସି ଯାଉଥିଲେ। କିନ୍ତୁ ଏତେ ପରେ ବି କନିକା ତହସିଲ ପ୍ରଶାସନ, ଜିଲ୍ଲାପାଳ, ଉପ ଜିଲ୍ଲାପାଳଙ୍କ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିବାରୁ ଆବେଦନକାରୀ ଶ୍ରୀ ପୃଷ୍ଟି କୃତଜ୍ଞତା ପ୍ରଦାନ କରି ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବ ବୋଲି କହିଥିଲେ । ହେଲେ ଆଜି ଉଚ୍ଛେଦ ଘୋଷଣା ପରେ କିଛି ବ୍ୟବସାୟୀ ପୁନର୍ବାର ଏଥିରେ ରୋକ୍ ଲଗାଇବା ନିମନ୍ତେ ଉଦ୍ୟମ କରୁ ଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

## ନିଆରା ଢଙ୍ଗରେ ଭୋଜନାଳୟ ଉଦ୍‌ଘାଟିତ

**ସାଲେପୁର,୩।୨ (ସଂଚାର ବ୍ୟୁରୋ):** ସାଲେପୁର ମାଛୁଆଡି ନିକଟରେ ନିଆରା ଢଙ୍ଗରେ ଇଣ୍ଟ୍ରେସ ଡା ଇନ ନାମକ ଏକ ଫ୍ୟାମିଲି ହୋଟେଲ ଉଦ୍ଘାଟିତ ହୋଇଯାଇଛି। ଉଦ୍ଘାଟନ ଦିବସରେ ହୋଟେଲ ର ପ୍ରତିଷ୍ଠାତା ତୋଫାନ ସାହୁ ମାନବ ସେବା ହିଁ ମାଧବ ସେବା ନ୍ୟାୟରେ କିଛି ଦରିଦ୍ର ନାରାୟଣ ମାନଙ୍କର ସେବା କରିବା ସହ, ବିଭିନ୍ନ ପ୍ରକାର ବ୍ୟଞ୍ଜନ ରେ ସେମାନଙ୍କୁ ଆପ୍ୟାୟିତ କରିଥିଲେ। ଏଥିରେ ସଲେପୁର ଏସ ଡ଼ି ପି ଓ ବିରଞ୍ଚି ନାରାୟଣ ପତି ,ସଲେପୁର ଥାନା ଆଇ ଆଇ ସି ମହେଶ୍ୱର ବେହେରା ଓ ବ୍ୟାଙ୍କ ଅଫ ବରୋଦା ଶାଖା ପରିଚାଳକ ସ୍ନେହସିସ ପାଢ଼ୀ ଏବଂ ପ୍ରତିଷ୍ଠାତା ଙ୍କ ମା ସରତଲତା ସାହୁ ଏବଂ ବହୁ ଗଣମାଧମ ପ୍ରତିନିଧିମାନେ ଉପସ୍ଥିତ ରହି ଏହାକୁ ଉଦ୍‌ଘାଟନ କରିଥିଲେ।



## ରାଜନଗର-ସାତଭାୟା ରାସ୍ତା ଶିଳାନ୍ୟାସ କଲେ ବିଧାୟକ



**ରାଜନଗର,୩।୨ (ସଂଚାର ବ୍ୟୁରୋ):** ଗ୍ରାମ୍ୟ ଉନ୍ନୟନ ବିଭାଗ ଓଡିଶା ସରକାରଙ୍କ ଗ୍ରାମ୍ୟ ନିର୍ମାଣ ବିଭାଜନ -୨ କେନ୍ଦ୍ରାପଡ଼ାର ରାଜନଗର ସବଡିଭିଜନ ପକ୍ଷରୁ ରାଜନଗର ସାତଭାୟା ରାସ୍ତା ଉନ୍ନତିକରଣ କାର୍ଯ୍ୟ କରାଯାଇଛି। ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ରାସ୍ତାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୬ କୋଟି ୫୨ ଲକ୍ଷ ଟଙ୍କା ବେୟରେ ୫ କିମି ୬୦୦ ମିଟର ରାସ୍ତା ଉନ୍ନତିକାରଣ କରାଯିବ। ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ରାସ୍ତାର ଦୁଇପାର୍ଶ୍ୱ ଚଉଡା କରାଯିବା ସହ ମେଣ୍ଟଲିଙ୍ଗ କରି ପିଚୁ କରାଯିବ। ରାସ୍ତାକୁ ୫.୫ ମିଟର ଚଉଡା କରାଯିବ।

ଆଜି ଏହି ଭିତ୍ତି ପ୍ରସ୍ତର କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଜନ୍ତ୍ରୀ ସୁବାସ ଚନ୍ଦ୍ର ସାହୁ , କନିଷ୍ଟ ଯନ୍ତ୍ରୀ ସମୀର କୁମାର ବେହେରା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଉପାଧାକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ସରପଞ୍ଚ ନିରଞ୍ଜନ ରାଉତ , ଅଶୋକ କୁମାର ମହାନ୍ତି, ସସ୍ମିତ ମହାନ୍ତି, ବୀଣାପାଣି ପ୍ରଧାନ, ଶୈଳେନ୍ଦ୍ର କୁମାର ମିଶ୍ର, ସମିତି ସଭ୍ୟ ଆର୍ତବନ୍ଧୁ ମହାନ୍ତି, ଉତ୍ତମା ସେଠୀ, ରବୀନ ମଲ୍ଲିକ , ସମବାୟ ସମିତି ସଭାପତି ଶ୍ରୀକାନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ୧୪ ବର୍ଷରୁ କମ୍ ବାଳକ/ବାଳିକା ଚୟନ ପ୍ରତିଯୋଗିତା



**କେନ୍ଦ୍ରାପଡ଼ା,୩।୨ (ସଂଚାର ବ୍ୟୁରୋ):** ସିଏମ୍ ଟ୍ରଫି ୧୪ ବର୍ଷରୁ ବାଳକ/ବାଳିକା ପ୍ରତିଯୋଗିତାର ଚୟନ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଂଚଳର କ୍ରୀଡାବିତ୍‌ମାନେ ପ୍ରାୟ ତିନିଶହରୁ ଊର୍ଦ୍ଧ୍ୱ ଭାଗ ନେଇଥିଲେ। ୧୦ଟି ଦଳ ବାଳକ ଓ ୬ଟି ଦଳ ବାଳିକା ବିଭାଗର ଖେଳାଳୀମାନେ ଜିଲ୍ଲା ପ୍ରତିଯୋଗୀତାରେ ଭାଗ ନେବେ ବୋଲି କ୍ରୀଡା ସଂସଦର ସାଧାରଣ ସମ୍ପାଦକ ସୟଦ୍ ଅକମଲ୍ ଅଲ୍ଲୀ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଦେବେନ୍ଦ୍ର କୁମାର ସାହୁ, ଅବସରପ୍ରାପ୍ତ ଶାରିରୀକ ଶିକ୍ଷକ ମୁଖ୍ୟ ଅତିଥି ଓ କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ । ଜ୍ୟୋର୍ତିମୟୀ ଦାସ, ଚନ୍ଦନ ମହାପାତ୍ର, ମନୋଜ ଦାସ, ପ୍ରତିଭା ଦ୍ୱିବେଦୀ, ସସ୍ମିତା ପଣ୍ଡା, ଜ୍ୟୋର୍ତିମୟୀ ସେନାପତି ପ୍ରଭୃତି ବରିଷ୍ଠ ଶାରିରୀକ ଶିକ୍ଷକ ଯୋଗ ଦେଇଥିଲେ ।

### ● ରେଞ୍ଜ କାର୍ଯ୍ୟାଳୟରେ ଏସିଏଫଙ୍କୁ ଆଇଆଇସିଙ୍କ ଧମକ ଘଟଣା

## କେନ୍ଦ୍ରୀୟ ରେଞ୍ଜ ଆଇଜିଙ୍କୁ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଲେ ସଚିବ

**ରାଜନଗର,୩।୨(ସଂଚାର ବ୍ୟୁରୋ):** କେନ୍ଦ୍ରପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ବନବିଭାଗର ରେଞ୍ଜ କାର୍ଯ୍ୟଳୟରେ ପଶି ଏସିଏଫଙ୍କ ଉପରେ ବର୍ଷିବା ଘଟଣାରେ ଓଡିଶା ବନସେବା ସଂଘ ଯାଏଁ ସମସ୍ତେ ସମ୍ପୃକ୍ତ ଆଇଆଇସିଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ପାଇଁ ଅଡି ବସିଛନ୍ତି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସ୍ୱତନ୍ତ୍ର ସଚିବ କେନ୍ଦ୍ରୀୟ ରେଞ୍ଜ ଆଇଜି କଟକଙ୍କୁ ଚିଠି ଲେଖି ଘଟଣାର ତଦନ୍ତ କରିବା ସହ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜଣାଇଛନ୍ତି। ଆଇଜି ନିର୍ଦ୍ଦେଶ ପରେ ଆଜି କେନ୍ଦ୍ରାପଡା ଅତିରିକ୍ତ ଏସପି ସୁଧାକର ସାହୁ ରାଜନଗର ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚି ଜାନୁୟାରୀ ୨୧ ତାରିଖ ଦିନ କଣ କଣ ଘଟଣା ଘଟିଥିଲା, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ଏଠାରେ କଣ କଣ କହିଥିଲେ, କଣ ଧମକ ଦେଇଥିଲେ ସେ ନେଇ ତଥ୍ୟ ସଂଗ୍ରହ କରିଛନ୍ତି। ରାଜନଗର ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେହୁରା, ଫରେଷ୍ଟର ବିଜୟ କୁମାର ପାତ୍ର ଓ ଅନ୍ୟ ବନ କର୍ମଚାରୀଙ୍କୁ ଘଟଣା ସମ୍ପର୍କରେ ପଚରା ଉଚରା କରିଥିବା ଜଣାପଡିଛି।

ଅନ୍ୟପକ୍ଷରେ ଓଡ଼ିଶା ବନ ସେବା ସଂଘ ଆଜି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନୂତନ ପିସିସିଏଫ ଡକ୍ଟର କେ ମୁରୁଗେସନଙ୍କୁ ଭେଟି ରାଜନଗର ଏସିଏଫଙ୍କ ଉପରେ କିପରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ଅଭିଯୁକ୍ତ ଆଗରେ ବର୍ଷିବା ସହ ମିଛ ମାମଲା କରିବାକୁ ଧମକ ଦେଇଛନ୍ତି ସେ ନେଇ ଜଣାଇଛନ୍ତି। ଘଟଣାର କାର୍ଯ୍ୟନୁଷ୍ଠାନ ଓ ସୁରକ୍ଷା ଦାବି କରିଛନ୍ତି। ଏସିଏଫ ଗଗନ ବିହାରୀ ମଲ୍ଲିକ ପିସିସିଏଫ ବନ୍ୟଜନ୍ତୁଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇଛନ୍ତି। ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ବିଶୃଙ୍ଖଳିତ ଆଚରଣ ପୋଲିସ ବିଭାଗ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି।

## ଡେରାବିଶର ସଂସ୍କୃତିକୁ ସମୃଦ୍ଧ କରିଛି ଯୁବ ମହୋତ୍ସବ: ସିଦ୍ଧାର୍ଥ କାଟାରିଆ




### ଦ୍ୱିତୀୟ ସନ୍ଧ୍ୟାରେ ଇରା ମହାନ୍ତିଙ୍କ ସଙ୍ଗୀତରେ ମତୁଆଲା ହେଲେ ଜନତା

**ଡେରାବିଶ,୩।୨ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ମିନିଷ୍ଟାଡ଼ିୟମ ପରିସରରେ ଅନୁଷ୍ଠିତ ହେଉଥିବା ଡେରାବିଶ ଯୁବ ମହୋତ୍ସବ ଓ ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ମେଳାର ରବିବାର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରାପଡ଼ା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆ ଯୋଗଦେଇ ଏହି ମହୋତ୍ସବ ଡେରାବିଶ ସଂସ୍କୃତିକୁ ସମୃଦ୍ଧ କରିଛି ବୋଲି କହିଥିଲେ। ଏଥିସହିତ ଏହି ମହୋତ୍ସବରେ ହେଉଥିବା ବିଭିନ୍ନ କର୍ମଶାଳା ଦ୍ୱାରା ଗ୍ରାମାଞ୍ଚଳର ଯୁବକ ଓ ମହିଳାମାନେ ସ୍ୱଦେଶୀ ଜିନିଷକୁ ଆପଣାଇବାକୁ ପ୍ରୋତ୍ସାହିତ ହେଉଥିବା ବେଳେ ଅତ୍ମନିର୍ଭରଶୀଳ ହେବାପାଇଁ ପ୍ରେରଣା ପାଉଥିବା ଶ୍ରୀ କାଟାରିଆ ପ୍ରକାଶ କରିଥିଲେ।

ଯୁବ ମହୋତ୍ସବର ଅଧକ୍ଷ ତେଜେଶ୍ୱର ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଶ୍ରୀ କାଟାରିଆ, ମୁଖ୍ୟବକ୍ତା ଭାବେ ୧୩ ନଂ ଜୋନ ବିଜେପି ସଭାପତି ବିଜୟ ଜେନା ଯୋଗଦେଇ ମହୋତ୍ସବରେ ଉପସ୍ଥିତ ଥିବା ଯୁବକମାନଙ୍କୁ ନିଶା ରାକ୍ଷସ କବଳରୁ ନିଜକୁ ଓ ନିଜ ପରିବାର ତଥା ସମାଜକୁ ଦୂରେଇ ରଖିବା ପାଇଁ ଶପଥପାଠ କରାଇଥିଲେ। ଏହି ଅବସରରେ ଅତିଥିମାନେ ଓଡ଼ିଶାର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ତଥା ଓଡ଼ିଆ ଚଳଚିତ୍ର, ଦୂରଦର୍ଶନ ଓ ଆକାଶବାଣୀର ସୁନାମଧନ୍ୟ ଗାୟିକା ଇରା ମହାନ୍ତିଙ୍କୁ ଓଡ଼ିଆ ସଙ୍ଗୀ ଜଗତକୁ ତାଙ୍କର ମହାନ ଅବଦାନ ପାଇଁ ସମ୍ବର୍ଦ୍ଧିତ କରିଥିଲେ। ପରେ ଇରା ମହାନ୍ତି ଓ ତାଙ୍କ ଟ୍ରୁପ ଦ୍ୱାରା ପ୍ରଦର୍ଶିତ ସଙ୍ଗୀତ ଓ ନୃତ୍ୟରେ ଉପସ୍ଥିତ ଦର୍ଶକ ମାନେମତୁଆଲା ହୋଇଥିଲେ। ଏଥିସହିତ ବଲାଙ୍ଗୀର ଲୋଇସିଂହାର ଶଙ୍କର ପ୍ରସାଦ ବେହେରାଙ୍କ ସଙ୍ଗୀତ ସାଧାନ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ପରେ ଅତିଥିମାନେ ଓରମାସ ଓ ମିଶନ ଶକ୍ତି ପକ୍ଷରୁ ହୋଇଥିବା ଷ୍ଟଲକୁ ପରିଦର୍ଶନରେ ଯାଇ ବିଭିନ୍ନ ସ୍ୱଦେଶୀ ଜିନିଷକୁ ବୁଲି ଦେଖିଥିଲେ।

## ୨୫ରେ କେନ୍ଦ୍ରାପଡ଼ାରେ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା



**କେନ୍ଦ୍ରାପଡ଼ା,୩।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆରେ ଆସନ୍ତା ୨୫ ତାରିଖରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ଏହି ପରିପରିପ୍ରେକ୍ଷୀରେ ମଙ୍ଗଳବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଜିଲ୍ଲା ନିୟୋଜନ ଅଧିକାରୀ ଇନ୍ଦିରା ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ,ବିଭିନ୍ନ କଲେଜ, ଆଇ.ଟି.ଆଇ ଓ ଡିପ୍ଲୋମା କଲେଜ କର୍ତୃପକ୍ଷ ପ୍ରମୁଖ ଯୋଗଦେଇଥିଲେ। ନିଯୁକ୍ତି ମେଳାକୁ ଶୃଙ୍ଖଳିତ ଏବଂ ସଠିକଭାବେ ଆୟୋଜନ ନେଇ ଜିଲ୍ଲାପାଳ ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ(ଓଏସଡିଏ) ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ କେନ୍ଦ୍ରାପଡ଼ାଙ୍କ ଦ୍ୱାରା ଓ ଜିଲ୍ଲା ପ୍ରଶାସନର ସହଯୋଗରେ ଆସନ୍ତା ଫେବୃଆରୀ ମାସ ୨୫ତାରିଖ ପୂର୍ବାହ୍ନ ୧୦ ଘଟିକାରୁ ୩ ଘଟିକା ମଧରେ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ ହେବ। ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ କେତେକ ନିଯୁକ୍ତିଦାତା ସଂସ୍ଥା ଯୋଗଦାନ କରିବା ନିମନ୍ତେ ସମ୍ମତି ପ୍ରକାଶ କରିଛନ୍ତି। ନିଯୁକ୍ତି ସଂସ୍ଥା ମାନଙ୍କ ଦ୍ୱାରା କିଛି ପ୍ରାର୍ଥୀଙ୍କୁ ସିଧାସଳଖ ନିଯୁକ୍ତି ଓ ଆଉ କିଛି ଜଣଙ୍କୁ ନିଯୁକ୍ତି ଭିକ ତାଲିମ ପରେ ନିଯୁକ୍ତି ପ୍ରଦାନର ବ୍ୟବସ୍ଥା ରହିଛି । ଏହି ନିଯୁକ୍ତି ମେଳାରେ ଜିଲ୍ଲାର ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥୀନୀମାନେ, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ଦଶମ ଶ୍ରେଣୀରୁ +୩, ଏଏନଏମ, ଜିଏନଏମ , ଆଇ. ଟି. ଆଇ ଓ ଡିପ୍ଲୋମା ପାସ୍ କରିଥିବା ୧୮ ବର୍ଷରୁ ୩୫ବର୍ଷ ମଧରେ ସମସ୍ତେ ଯୋଗଦେଇ ପାରିବେ ।

# ମହାକାଳପଡ଼ା ଆସିଲେନି ବିଡିଓ ସଞ୍ଜୀବ ସାହୁ

### ● ବଦଳି ଚିଠି ପରେ ଛୁଟିରେ ଥିଲେ ● ପୁଣି ନୂଆ ଜାଗାକୁ ବଦଳି କଲା ବିଭାଗ

**ମହାକାଳପଡ଼ା,୩।୨ (ସଂଚାର ବ୍ୟୁରୋ):** ଜଣେ ବିଡ଼ିଓଙ୍କୁ ଗୋଟିଏ ବ୍ଲକ୍‌ରୁ ଅନ୍ୟ ଏକ ବ୍ଲକ୍‌କୁ ବଦଳି କରିଥିଲା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ। କିନ୍ତୁ ବଦଳି ଆଦେଶକୁ ୬୪ ଦିନ ବିତିଗଲା ହେଲେ ଆଦେଶ ହୋଇଥିବା ନୂତନ ବ୍ଲକରେ ବିଡ଼ିଓ ଜଣଙ୍କ ଯୋଗ ଦେଲେନି କି ଦାୟିତ୍ୱ ନେଲେନି। ଯାହାଫଳରେ ବିଡ଼ିଓ ଚଉକିରେ ପୁରୁଣା ବିଡ଼ିଓ ବସି ଏକମାସ ପର୍ଯ୍ୟନ୍ତ କାମ ଚଳାଇବା ପରେ ତହସିଲଦାରଙ୍କୁ କାମଚଳା ବିଡ଼ିଓ ଭାବେ ଜିଲ୍ଲା ପ୍ରଶାସନ ଅତିରିକ୍ତ ଦାୟିତ୍ୱ ମୁଣ୍ଡେଇ ଦେଲା। ବଦଳି ହୋଇଥିବା ନୂଆ ଜାଗାକୁ ନଆସିବାରୁ ଦୀର୍ଘ ଦୁଇ ମାସ ପରେ ବିଭାଗ ପୁଣି ତାଙ୍କୁ ଅନ୍ୟ ଏକ ବ୍ଲକ୍‌କୁ ବଦଳି କରିଛି। ଏ ଘଟଣା ଏବେ ଯେତିକି ରୋଚକ ସେତିକି ଆଲୋଚନାର ବିଷୟବସ୍ତୁ ପାଲଟିଛି।




ସୂଚନା ମୁତାବକ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ମହାକାଳପଡ଼ା ବ୍ଲକ୍‌ରେ ଏବେ ସ୍ଥାୟୀ ବିଡ଼ିଓ ନାହାଁନ୍ତି। ତତ୍କାଳୀନ ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ୨୯ ନଭେମ୍ବର ୨୦୨୫ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ବଦଳି କରିଥିଲା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ। ସୌମ୍ୟଙ୍କ ବଦଳରେ ସୋନପୁରର ବିଡ଼ିଓ ଭାବରେ କାର୍ଯ୍ୟ କରୁଥିବା ସଞ୍ଜୀବ କୁମାର ସାହୁଙ୍କୁ ମହାକାଳପଡ଼ାର ନୂତନ ବିଡିଓ ଭାବେ ବିଭାଗ ବଦଳି ଆଦେଶ କରିଥିଲା। ନୂଆ ବିଡ଼ିଓଙ୍କ ଯୋଗଦାନ କରିବାକୁ ଅପେକ୍ଷା କରି ପଦ୍ମ ସିନା ଘୁଞ୍ଚି ଘୁଞ୍ଚି ଗଲା ହେଲେ ନୂଆ ବିଡ଼ିଓଙ୍କ ପାଦ ମହାକାଳପଡ଼ାରେ ପଡିଲା ନାହିଁ। ହେଲେ ୨୯ ନଭେମ୍ବରରେ ମହାକାଳପଡ଼ା ବିଡ଼ିଓ ଭାବେ ଯୋଗଦେବାକୁ ବଦଳି ଆଦେଶ କରିଥିବା ବିଭାଗ ୨ ତାରିଖରେ ସଞ୍ଜୀବ କୁମାର ସାହୁଙ୍କୁ ଡୁଙ୍ଗୁରିପାଲି ବ୍ଲକ୍ ବିଡିଓ ଭାବେ ବଦଳି କରିଛି।

ସେପଟେ ମହାକାଳପଡ଼ା ଭଳି ଏକ ସମ୍ବେଦନଶୀଳ ଅଞ୍ଚଳର ବିଭିନ୍ନ କାର୍ଯ୍ୟ ତୁଲାଉଥିବା ତହସିଲଦାର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ସହିତ ବିଡ଼ିଓ ପଦବୀ ତୁଲାଇବା ରବିନାରାୟଣଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ଭଳି ଘଟଣା ପାଲଟିଥିଲା। ତହସିଲରୁ ବ୍ଲକ୍, ବ୍ଲକ୍‌ରୁ ତହସିଲ ଓ ପ୍ରଶାସନିକ ବୈଠକ ଆଦିରେ ଯାଆଆସ ଭିତରେ ସାଧାରଣ ଲୋକେ ସେମାନଙ୍କ କାର୍ଯ୍ୟ ପାଇଁ ତହସିଲ ଓ ବ୍ଲକ୍‌କୁ ଆସି ଘଣ୍ଟା ଘଣ୍ଟା ଅପେକ୍ଷା କରୁଥିବା ଦେଖିବାକୁ ମିଳୁଥିଲା। ସୌମ୍ୟ ଗଲାପରେ କାହିଁକି ନୂତନ ବିଡିଓ ମହାକାଳପଡ଼ା ଆସୁନାହାଁନ୍ତି ତାହାକୁ ନେଇ ଉଠିଛି ପ୍ରଶ୍ନ।

## ଜିଲ୍ଲାସ୍ତରୀୟ ଦିନିକିଆ ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**କେନ୍ଦ୍ରାପଡା,୩।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ସମାଜମଙ୍ଗଳ ବିଭାଗ ପକ୍ଷରୁ ଆଦବିକା ଯୋଜନାରେ ଏକ ଜିଲ୍ଲାସ୍ତରୀୟ ଦିନିକିଆ ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୫୦ରୁ ଉର୍ଦ୍ଧ୍ୱ କିଶୋର, କିଶୋରୀ, ଜିଲ୍ଲାର ସମସ୍ତ ସିଡିପିଓ, ପିଓ, ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଭୋକେସନାଲ୍ ଟ୍ରେନିଙ୍ଗ୍, ଫାଇନାନ୍ସସିଆଲ୍ ଲିଟେରାସି କ୍ୟାରିୟର୍ କାଉନ୍‌ସିଲିଂ, ଆର୍ଥିକ ସାକ୍ଷରତା ଓ ପେଷାଗତ ପରାମର୍ଶ ଧନ୍ଦାମୂଳକ ଶିକ୍ଷା ଓ ବୃ ମୂଳକ ଶିକ୍ଷା ଉପରେ କିଶୋର କିଶୋରୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

## ଇଟାଭାଟି ମାଲିକଙ୍କଠୁ ନେଉଥିଲେ ୨୦ ହଜାର ଲାଞ୍ଚ

# ଟାଟା ପାୱାର୍ ଜେଇଙ୍କୁ ଧରିଲା ଭିଜିଲାନ୍ସ



**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଟାଟା ପାୱାର୍‌ର କନିଷ୍ଠ ଯନ୍ତ୍ରୀ। ୨୦ ହଜାର ଟଙ୍କା ଲାଞ୍ଚ ନେବା ନେବା ସମୟରେ ତାଙ୍କୁ ଭିଜିଲାନ୍ସ ଗିରଫ କରିଛି। ଏକ ଇଟା କାରଖାନାକୁ ବିଦ୍ୟୁତ ସଂଯୋଗ ଦେବା ପାଇଁ ମାଲିକଙ୍କଠାରୁ ମାଲକାନଗିରି ଟିପିଏସ୍‌ଓଡିଏଲ୍‌ର କନିଷ୍ଠ ଯନ୍ତ୍ରୀ (ଜେଇ) ପ୍ରଦେଶ ପ୍ରସାଦ ନାୟକ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ମାଲିକ ଜଣଙ୍କ ଭିଜିଲାନ୍ସକୁ ଜଣାଇଥିଲେ। ଯୋଜନା ସ୍ୱରୂପ ଆଜି ଇଟା କାରଖାନା ମାଲିକ ଲାଞ୍ଚ ଟଙ୍କା ଦେଉଥିବା ସମୟରେ ପ୍ରମାଣ ସହ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଛନ୍ତି। ଏଥିସହ ଏହି ଲାଞ୍ଚ କାରବାରରେ ଶ୍ରୀ ନାୟକଙ୍କୁ ସହଯୋଗ କରୁଥିବା ଭଞ୍ଜ କିଶୋର ସ୍ୱାଇଁଙ୍କୁ ମଧ ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଶ୍ରୀ ନାୟକଙ୍କ ସହ ଜଡ଼ିତ ଦୁଇଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଉଛି। ଏଥିସହ ଉଭୟଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

## ମେଲୋଡି କଳାକାରଙ୍କୁ ଅସଦାଚରଣ ଓ ଲୁଟ୍ ଅଭିଯୋଗ



**ଆଠଗଡ଼,୩।୨(ସଂଚାର ବ୍ୟୁରୋ):** କାର୍ଯ୍ୟକ୍ରମ ସାରି ଫେରୁଥିବା ସମୟରେ ଏକ ମେଲୋଡି ପାର୍ଟିର କଳାକାରଙ୍କୁ ରାସ୍ତାରେ ଅସଦାଚରଣ କରାଯିବା ସହ ସେମାନଙ୍କଠାରୁ ଲୁଟ୍‌ପାଟ ହୋଇଥିବା ନେଇ ଅଭିଯୋଗ ହୋଇଛି। ସେମାନଙ୍କଠାରୁ ନଗଦ ଟଙ୍କା ସହ ସୁନା ଚେନ ଆଦି ଦୁର୍ବୃତ୍ତମାନେ ଛଡ଼ାଇ ନେଇଛନ୍ତି। ଏନେଇ କଳାକାରମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମିଳିଥିବା ସୂଚନାନୁସାରେ, ଗତକାଲି ଯାଜପୁର ଅଞ୍ଚଳର ଏହି ମେଲୋଡି ପାର୍ଟି ତିଗିରିଆ ଥାନା ଶୁଣ୍ଡିପାଳ ଗାଁରେ ମେଲୋଡି କରିବାକୁ ଆସିଥିଲେ। ତେବେ ସେମାନେ ସେଠାରୁ ଫେରିବା ସମୟରେ ସ୍ଥାନୀୟ ପାଳପୁଟ ଗାଁର କେତେକ ଯୁବକ ସେମାନଙ୍କୁ ବାଟରେ ଅଟକାଇଥିଲେ। ପରେ ସେମାନେ ଉକ୍ତ କଳାକାରମାନଙ୍କୁ ମାଡ଼ ମାରିବା ସହ ମହିଳାମାନଙ୍କୁ ଅସଦାଚରଣ

# ନାରୀ ସୁରକ୍ଷାକୁ ପ୍ରାଥମିକତା ଦିଅନ୍ତୁ ସରକାରଃ ବିଜେଡି



**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଞ୍ଜାମ ଜିଲ୍ଲାରେ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଆରମ୍ଭ କରିଥିଲେ ହେଁ ଏହାକୁ ବିଜେଡି ପକ୍ଷରୁ ବିରୋଧ କରାଯାଇଛି। ପଡ଼ୋଶୀ କନ୍ଧମାଳ ଜିଲ୍ଲାରେ ନାବାଳିକାଙ୍କୁ ଜଙ୍ଗଲକୁ ଟେକି ନେଇ ଦୁଷ୍କର୍ମ କରାଯିବା ଭଳି ଲଜ୍ଜାଜନକ ଘଟଣା ସହ ରାଜ୍ୟରେ ଦିନକୁ ଦିନ କନ୍ୟାମାନେ ଅସୁରକ୍ଷିତ ହୋଇପଡୁଛନ୍ତି। ଏପରି ସ୍ଥିତିରେ ରାଜ୍ୟ ସରକାର କନ୍ୟାମାନଙ୍କୁ ସୁରକ୍ଷାର ଗ୍ୟାରେଣ୍ଟି ଦେବା ଦରକାର ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଆଜି ଦଳ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଡବଲ ଇଞ୍ଜିନ ସରକାରରେ ଗତ ୧୮ ମାସରେ ନାରୀ ନିର୍ଯାତନା ଶୀର୍ଷରେ ରହିଛି। ମୁଖ୍ୟମନ୍ତ୍ରୀ ନିଜେ ୧୫ ମାସରେ ୩୭,୬୧୧ ମହିଳାବିରୋଧୀ ଅପରାଧ ମାମଲା ରୁଜୁ ହୋଇଥିବା ବିଧାନସଭାରେ ସ୍ୱୀକାର କରିଛନ୍ତି। ଡବଲ ଇଞ୍ଜିନ ସରକାରରେ ୪୦୦୦ରୁ ଅଧିକ ଦୁଷ୍କର୍ମ ହୋଇଥିବାରୁ ନାରୀମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା ବି ଏ କ୍ଷେତ୍ରରେ ପଛରେ ନାହିଁ। ଏଫ୍‌ଏମ୍ ଛାତ୍ରୀ ପୋଡ଼ି ହୋଇ ଆତ୍ମହତ୍ୟା କରିବା, ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କ ଗଣଦୁଷ୍କର୍ମ ଘଟଣା, ବଲାଙ୍ଗୀରରେ ନାବାଳିକାକୁ ଜିଅନ୍ତା ଜାଳିଦେବା ଆଦି ଅମାନବୀୟ କାର୍ଯ୍ୟ ସମାଜରେ ଭୟର ବାତାବରଣ ସୃଷ୍ଟି କରିଛି । ଏପରି ସ୍ଥିତିରେ ଛାତ୍ରୀ ଓ ନାରୀମାନଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇ ଦେବା ସହ ଓଡ଼ିଶାରେ ଅହେତୁକ ବୃଦ୍ଧି ପାଉଥିବା ଛାତ୍ରୀ ଓ ନାରୀ ନିର୍ଯାତନା ଓ ଅପରାଧୀମାନଙ୍କ ବିରୁଦ୍ଧରେ ପୁଲିସ ତ୍ୱରିତ କାର୍ଯ୍ୟାନୁଷ୍ଠାନର ଆବଶ୍ୟକ ରହିଛି। ନାରୀଙ୍କୁ ସୁରକ୍ଷା ଓ ନ୍ୟାୟ ଦାବିରେ ବିଜେଡି ସବୁବେଳେ ଆନ୍ଦୋଳନ କରିଆସିଛି। ତେଣୁ ରାଜ୍ୟ ସରକାର ମହିଳାମାନଙ୍କୁ ସୁରକ୍ଷା ଓ ନ୍ୟାୟ ଦେବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି।

### ବିଭାଗୱାରୀ ଖର୍ଚ୍ଚ ଓ ଆୟର ସମୀକ୍ଷା କଲେ ମୁଖ୍ୟ ସଚିବ

# ମାଗିଲେ ଦୁର୍ନୀତିଗ୍ରସ୍ତ ଓ ଅପାରଗ ଅଧିକାରୀଙ୍କ ତାଲିକା



**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ୨୦୨୫-୨୬ ଆର୍ଥିକ ବର୍ଷରେ ବିଭିନ୍ନ ବିଭାଗ ପାଇଁ ହୋଇଥିବା ବ୍ୟୟବରାଦ ଉପରେ ଖର୍ଚ୍ଚର ହିସାବ ନେଲେ ମୁଖ୍ୟ ଶାସନ ସଚିବ। ନିର୍ଦ୍ଧାରିତ ସମୟରେ ବଜେଟ ଅନୁମୋଦିତ ଖର୍ଚ୍ଚ କରିବା ସହ ଆସନ୍ତା ଆର୍ଥିକ ବର୍ଷ ପାଇଁ ଯୋଜନା ପ୍ରସ୍ତୁତି ଉପରେ ତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଆଲୋଚନା ହୋଇଛି।

ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ବିଭିନ୍ନ ବିଭାଗର ସଚିବ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉପସ୍ଥିତ ଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ବଜେଟ ଅନୁମୋଦନ ଅନୁସାରେ ଆସନ୍ତା ୩୧ ସୁଦ୍ଧା ହୋଇଥିବା ଖର୍ଚ୍ଚ ଓ ରାଜସ୍ୱ ଆଦାୟ ସ୍ଥିତିର ସମୀକ୍ଷା କରାଯାଇଥିଲା। କୃଷି, ମତ୍ସ୍ୟ ଓ ପ୍ରାଣୀପାଳନ, ସମବାୟ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଶକ୍ତି ଓ ସାମାଜିକ କ୍ଷେତ୍ରରେ ଗତ ବର୍ଷ ଏହି ସମୟ ମଧରେ ହୋଇଥିବା ଖର୍ଚ୍ଚ ତୁଳନାରେ ଚଳିତ ବର୍ଷ ଖର୍ଚ୍ଚ ହାର ଅଧିକ ରହିଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଖର୍ଚ୍ଚ ବୃଦ୍ଧି କରିବା ସହ ରାଜସ୍ୱ ସଂଗ୍ରହ ତ୍ୱରାନ୍ୱିତ କରିବାକୁ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ୧୫ କାର୍ଯ୍ୟସୂଚୀ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରାଯିବା ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରୁନଥିବା ତଥା ଦୁର୍ନୀତିଗ୍ରସ୍ତ, ଅପାରଗ ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ସଚିବ ଚେତାଇ ଦେଇଛନ୍ତି।

**ଭିଜନ ଓଡ଼ିଶା ଆଧାରରେ ବଜେଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ**

## କୁନି ଝିଅକୁ ଦେଖି ଓହ୍ଲାଇପଡ଼ିଲେ ରାଷ୍ଟ୍ରପତି



**ବାଲେଶ୍ୱର,୩।୨(ସଂଚାର ବ୍ୟୁରୋ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଯୋଗଦେବା ସକାଶେ ଆସିଥିଲେ। ତେବେ କାର୍‌କେଡ୍‌ରେ ଆସୁଥିବା ସମୟରେ ରାଷ୍ଟ୍ରପତି ହଠାତ୍ ଜଣେ କୁନି ଝିଅ ପାଖରେ ଅଟକିଯାଇଥିଲେ। କିଛି ସମୟ ପେର ପରେ ଦେଖିବାକୁ ମିଳିଥିଲା ଏକ ନିଆରା ଦୃଶ୍ୟ। ଉକ୍ତ କୁନି ପିଲାଟିକୁ ରାଷ୍ଟ୍ରପତି ଉପହାର ଭାବେ ଚକୋଲେଟ୍ ଦେଇଥିଲେ। ଉକ୍ତ କୁନି ଝିଅଟି ବିଶ୍ୱବିଦ୍ୟାଳୟରେ ସାମ୍ବାଦିକତା ବିଭାଗର ଶେଷ ବର୍ଷ ଛାତ୍ର ବାଲେଶ୍ୱର ଜିଲ୍ଲା ନୀଳଗିରି ଏନଏସି ଅନ୍ତର୍ଗତ କଦମ୍ବସାହିର ବଳରାମ ବାରିକଙ୍କ ଝିଅ ଦୀକ୍ଷିତା। ସେ ଉକ୍ତ ଉତ୍ସବକୁ ଦୀକ୍ଷିତାଙ୍କୁ ସାଙ୍ଗରେ ନେଇ ଆସିଥିଲେ। ଅଡିଟୋରିୟମ ନିକଟରେ ଦୀକ୍ଷୀତା ଛିଡ଼ା ହୋଇଥିବା ସମୟରେ ରାଷ୍ଟ୍ରପତି ଅଟକିଯାଇ ତାଙ୍କୁ ଚକୋଲେଟ ଦେଇଥିଲେ। ଏଥିସହ ଅଧିକ ଚକୋଲେଟ୍ ନ ଖାଇବାକୁ ରାଷ୍ଟ୍ରପତି ଦୀକ୍ଷିତାଙ୍କୁ ପରାମର୍ଶ ମଧ ଦେଇଥିଲେ। ରାଷ୍ଟ୍ରପତିଙ୍କଠାରୁ ଚକୋଲେଟ ପାଇ ଦୀକ୍ଷିତା ବେଶ୍ ଖୁସି ହୋଇଯାଇଥିଲେ। ଏଥିସହ ତାଙ୍କ ବାପା-ମା' ମଧ ବିଭୋର ହୋଇଯାଇଥିଲେ।

● ପିଜିଟି ଶିକ୍ଷକଙ୍କ ଦିଗଦର୍ଶନ କର୍ମଶାଳା ଆୟୋଜିତ

## ୨ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ନେବେ ୨୪୦ ଜଣ ପିଜିଟି




**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କ ନିମନ୍ତେ ଦିଗଦର୍ଶନ କର୍ମଶାଳା ଆୟୋଜିତ ହୋଇଛି। ଏହି କର୍ମଶାଳାରେ ୨୪୦ ଜଣ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଅଧିବେଶନରେ ବ୍ରହ୍ମପୁର ଉଚ୍ଚ ମାଧମିକ ଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ସେଠୀ, ଯୁଗ୍ମ ନିର୍ଦ୍ଦେଶକ ବିନିତା ସେନାପତି, ରାଜ୍ୟ ଶିକ୍ଷା ବିଶେଷଜ୍ଞ, ୟୁନିସେଫ୍ ଲଳିତା ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ସ୍ନିଗ୍ଧା ମିଶ୍ର, ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳି, ଉପନିର୍ଦ୍ଦେଶକ ସିଏଚ୍ ବିଜୟଲକ୍ଷ୍ମୀ, ଉପନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ ଉପସ୍ଥିତ ଥିଲେ। ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀ ସେଠୀ ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମାଧାନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ସମାଜ ଓ ଦେଶ ପାଇଁ ଉତ୍ତମ ନାଗରିକର ଗଠନର ଭାର ଶିକ୍ଷକଙ୍କ ଉପରେ ନ୍ୟସ୍ତ ଥାଏ। ତେଣୁ ଛାତ୍ରଛାତ୍ରୀଙ୍କୁ ଉଚିତ୍ ଦିଗଦର୍ଶନ ଦେବା ଶିକ୍ଷକମାନଙ୍କ କର୍ତ୍ତବ୍ୟ। ଛାତ୍ର ଓ ଶିକ୍ଷକ ମଧରେ ରହୁଥିବା ବ୍ୟବଧାନକୁ ଚିହ୍ନଟ କରି ଏହାର ସମାଧାନ କରିବାକୁ ଶ୍ରୀ ସେଠୀ ପରାମର୍ଶ ଦେଇଛନ୍ତି। ଏହାଛଡ଼ା ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସେନାପତି ପିଜିଟି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସର୍ବଦା ଜ୍ଞାନ ଆହରଣ ପ୍ରକ୍ରିୟା ଜାରି ରଖିବାକୁ ଉପଦେଶ ଦେଇଛନ୍ତି। ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ମାଳି ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଉପନିର୍ଦ୍ଦେଶକ ଶ୍ରୀ ନାୟକ ଧନ୍ୟବାଦ ଦେଇଥିଲେ।

## ମଞ୍ଚରେ ସାପ, ଅଡୁଆରେ ଯାତ୍ରା ପାର୍ଟି

ବନ ବିଭାଗ ପଠାଇଲା ନୋଟିସ୍



**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ଯାତ୍ରା ମଞ୍ଚକୁ ସାପ ନେଇ ବିବାଦରେ ଫସିଛି ଯାତ୍ରା ପାର୍ଟି। ଖଳନାୟକ ସାଇ ସତ୍ୟଜିତ ପଣ୍ଡା ହାତରେ ଏକ ବଲ୍ ପାଇଥନ୍ (ଏକଜୋଟିକ୍)କୁ ଧରି ମଞ୍ଚ ଉପରେ ଚଢ଼ିଥିଲେ। ତେବେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏନେଇ ବନ ବିଭାଗ ପକ୍ଷରୁ ଯାତ୍ରା ପାର୍ଟିର ମ୍ୟାନେଜର ଓ କମିଟି କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଜାରି କରାଯାଇଛି। ମଞ୍ଚରେ କୌଣସି ପ୍ରକାର ସାପ ପ୍ରଦର୍ଶନ କରାଯାଇପାରିବ ନାହିଁ ବୋଲି ଉକ୍ତ ନୋଟିସ୍‌ରେ ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଦିଆଯାଇଛି।

ବନ୍ୟପ୍ରାଣୀ ଆଇନ୍‌ରେ ସିଡ୍ୟୁଲ-୧ ତାଲିକାରେ ସାପ ସଂରକ୍ଷିତ ଥିବାରୁ ଏହାକୁ ବ୍ୟବହାର କରାଯାଇପାରିବ ନାହିଁ ବୋଲି ପରିବେଶବିତ୍‌ମାନେ ଅଭିଯୋଗ କରିଛନ୍ତି। ସେହିପରି ଏନେଇ ପରିବେଶ ବିଶେଷଜ୍ଞମାନେ କହିଛନ୍ତି ଯେ ଅପେରାରେ ଏହି ସାପକୁ ଦେଖାଇବା ପାଇଁ ବନ୍ୟପ୍ରାଣୀ ମଙ୍ଗଳ ବୋର୍ଡର ଅନୁମତି ଜରୁରୀ। ଅବଶ୍ୟ ବଲ୍ ପାଇଥନ୍ ଭାରତୀୟ ସାପ ହୋଇନଥିବାରୁ ଏହାକୁ ପୋଷ୍ୟ ଭାବେ ଗ୍ରହଣ କରାଯାଇପାରିବ। ହେଲେ ମଞ୍ଚକୁ ନିଆଯାଇପାରିବ ନାହିଁ, କେବଳ ଘରେ ରଖାଯାଇପାରିବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ କହିଛନ୍ତି।

## ପିଣ୍ଡି ଉପରେ ଡିପ ଫ୍ରିଜ୍, କ୍ୟାବିନ୍; ରାସ୍ତାରେ ବ୍ୟବସାୟୀ




**କଟକ,୩।୨(ସଂଚାର ବ୍ୟୁରୋ):** କଟକ ଅର୍ବାନ ହାଟ ପିଣ୍ଡିରେ ପାଖାପାଖି ୨ ବର୍ଷ ହେଲା ବ୍ୟବସାୟ ଆରମ୍ଭ ହୋଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ ଏହାକୁ ନେଇ ବିବାଦ ଲାଗି ରହିଛି। କେନାଲ ରୋଡ କଡ଼ରେ ବ୍ୟବସାୟ କରୁଥିବା ବ୍ୟବସାୟୀ, ଚାଷୀଙ୍କ ପାଇଁ ଅର୍ବାନହାଟ ପିଣ୍ଡି ନିର୍ମାଣ ହୋଇଥିଲେ ହେଁ ଏହା କାହାକୁ ବି ଆବଣ୍ଟିତ ହୋଇନାହିଁ। ତେଣୁ ଏବେ ଏହି ହାଟର ପିଣ୍ଡିଗୁଡ଼ିକୁ ପ୍ରଭାବଶାଳୀ ବ୍ୟକ୍ତିମାନେ ନିଜ ଅକ୍ତିଆରରେ ରଖିବା ସହ ଭଡ଼ାରେ ଲଗାଇ ଟଙ୍କା ରୋଜଗାର କରୁଥିବା ଦେଖାଯାଉଛି। ଯାହାର ଫଳସ୍ୱରୂପ ପିଣ୍ଡି ଉପରେ ଏକାଧିକ ଡିପ ଫ୍ରିଜ୍, କ୍ୟାବିନ୍ ଆଦି ପଡ଼ିଥିବା ବେଳେ ପିଣ୍ଡିରୁ ବଞ୍ଚିତ ବ୍ୟବସାୟୀ, ଚାଷୀ ନିରାଶ ହୋଇ ପେଟପାଟଣା ପାଇଁ ତାଳଦଣ୍ଡା କେନାଲ ରୋଡ, ଛତ୍ରବଜାର ରାସ୍ତାରେ ବ୍ୟବସାୟ କରିବାକୁ ବାଧ ହେଉଛନ୍ତି। ଏଥିପାଇଁ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ସହ ଦୁର୍ଘଟଣା ଆଶଙ୍କାବି ଉପୁଜୁଛି। କିନ୍ତୁ ଏସବୁ ପ୍ରତି ନା କଟକ ମହାନଗର ନିଗମ (ସିଏମ୍‌ସି) କମିଶନର କି ମେୟରଙ୍କ ଦୃଷ୍ଟି ପଡୁନାହିଁ। ଏଥିସହ ପିଣ୍ଡି ବଣ୍ଟନ ହୋଇ ନ ଥିବାରୁ ଏବେ ଯେଉଁମାନେ ପିଣ୍ଡିରେ ବସି ବ୍ୟବସାୟ କରୁଛନ୍ତି, ସେମାନଙ୍କଠାରୁ ମଧ ୟୁଜର୍ସ ଫି' ଆଦାୟ ହେଉଥିବା ଶୁଣିବାକୁ ମିଳୁଛି। ପିଣ୍ଡିରେ ବସି ବ୍ୟବସାୟ କରିବା ପାଇଁ ଜବରଦଖଲରେ ରଖିଥିବା ଲୋକଙ୍କୁ ୧୫୦ରୁ ୨୦୦ ଟଙ୍କା, କଟକ ମହାନଗର ନିଗମକୁ ୨୦ ଟଙ୍କା ଓ ପୂଜା କମିଟିକୁ ୮ ଟଙ୍କା ଏହିପରି ସର୍ବମୋଟ ୨୨୮ ଟଙ୍କା ଦେଉଥିବା ଅଭିଯୋଗ ହେଉଛି। ଏପରି ସ୍ଥିତିରେ ଏହି ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇବା ସକାଶେ ଦାବି ହେଉଛି।

### ଗଡ଼ଖାଇ ବ୍ୟାଖ୍ୟାନ କେନ୍ଦ୍ରର ହେବ ବିକାଶ

# ଖର୍ଚ୍ଚ ହେବ ୧.୭୨ କୋଟି, ସ୍ଥାନ ପାଇବ ଦୁର୍ଗ ପ୍ରତିକୃତି



**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ଦୀର୍ଘ ଦିନ ଧରି ବନ୍ଦ ଥିବା ଗଡ଼ଖାଇ ପାର୍ଶ୍ୱରେ ସୁନ୍ଦର ହେରିଟେଜ୍ ବିଲ୍ଡିଂ ବା ପର୍ଯ୍ୟଟକ ବ୍ୟାଖ୍ୟାନ କେନ୍ଦ୍ର କାର୍ଯ୍ୟକାରୀ କରିବା ସକାଶେ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି। ପ୍ରାୟ ୧ କୋଟି ୭୨ ଲକ୍ଷ ଟଙ୍କା ଖର୍ଚ୍ଚରେ ଏହାର ରୂପରେଖ ବଦଳିବ। ବିଶେଷକରି ଏହି କୋଠାରେ ପର୍ଯ୍ୟଟକଙ୍କ ପାଇଁ ଆବଶ୍ୟକ ଉପାଦାନ ଖଞ୍ଜାଯିବ। ଏହାଦ୍ୱାରା ବାରବାଟୀ ଦୁର୍ଗ ଓ ଏହାର ଐତିହ୍ୟ ସମ୍ପର୍କରେ ପର୍ଯ୍ୟଟକମାନେ ଜାଣିବାକୁ ପାଇବେ। ଅଡିଓ ଭିଜୁଆଲ୍ ସ୍କ୍ରିନିଂ ସହ ବାରବାଟୀ ଦୁର୍ଗ ପରିସରର ଖନନ ସମୟରେ ସାମ୍ନାକୁ ଆସିଥିବା ଐତିହାସିକ ସାମଗ୍ରୀକୁ ଏଠାରେ ସ୍ଥାନିତ କରାଯିବା ପରେ ବାରବାଟୀ ଦୁର୍ଗର ପ୍ରତିକୃତି ଆକର୍ଷଣୀୟ ହେବ। ପ୍ରାୟ ୫ କୋଟି ଖର୍ଚ୍ଚରେ ନିର୍ମିତ ଏହି କୋଠାକୁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏଏସ୍‌ଆଇକୁ ହସ୍ତାନ୍ତର କରାଯାଇଛି। କିନ୍ତୁ ଏହା ଏଏସ୍‌ଆଇ କାମରେ ଲଗାଇପାରୁନି। ଫଳରେ ଏହି ବ୍ୟାଖ୍ୟାନ କେନ୍ଦ୍ର ଏବେ ନଷ୍ଟ ହେବାକୁ ବସିଲାଣି। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏଏସ୍‌ଆଇକୁ ହସ୍ତାନ୍ତର କରାଯିବାର ଦେଢ଼ ବର୍ଷ ବିତିଯାଇଥିବା ବେଳେ ଏହାର ଉପଯୁକ୍ତ ବ୍ୟବହାର ହୋଇ ନ ପାରିବାରେ ଅସନ୍ତୋଷ ଦେଖାଯାଉଛି। ୧୫ ବର୍ଷ ତଳେ ଗଡ଼ଖାଇ ଓ ବାରବାଟୀ ଦୁର୍ଗର ସୌନ୍ଦର୍ଯ୍ୟକରଣ ପାଇଁ ୨୨ କୋଟିର ଯୋଜନା ଘୋଷଣା କରାଯାଇଥିଲା। ଗତ ୨୦୧୨ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ସରିବ ବୋଲି ଧାର୍ଯ୍ୟ ହୋଇଥିଲା। କିନ୍ତୁ ଏଏସ୍‌ଆଇର ଆପତ୍ତି ଯୋଗୁଁ କାମ ଅନେକ ଥର ପ୍ରଭାବିତ ହୋଇଥିଲା। ଏମିତିକି ଗଡ଼ଖାଇର ସୁରକ୍ଷା ପାଇଁ ପଥର ପ୍ୟାକିଂ କରାଯାଇଥିବା ବେଳେ ଦୁର୍ଗ ପାର୍ଶ୍ୱରେ ବ୍ୟାଖ୍ୟାନ କେନ୍ଦ୍ର ହେବ ବୋଲି ଘୋଷଣା କରାଯାଇଥିଲା। କେନ୍ଦ୍ରରେ ଲାଇଟ୍ ଆଣ୍ଡ ସାଉଣ୍ଡ ବ୍ୟବସ୍ଥା କରାଯିବ। କାଫେଟେରିଆ, ପାର୍କ, ପିଲାଙ୍କ ପାଇଁ ମନୋରଞ୍ଜନ ଆଦି ବ୍ୟବସ୍ଥା ବି ରହିବ। ଇତିମଧରେ ଏହି ବ୍ୟାଖ୍ୟାନ କେନ୍ଦ୍ରର କାମ ଶେଷ ହୋଇସାରିଛି। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ୫ କୋଟି ଖର୍ଚ୍ଚରେ ଏହି କେନ୍ଦ୍ର

**ସ୍ଥାନ ପାଇବ ଅଡିଓ ଭିଜୁଆଲ୍**

ନିର୍ମାଣ କରାଯାଇଥିବା ବେଳେ ଏଥିରେ କ୍ଲୋଜ୍‌ଆଇ ଲାଟେରାଇଟ୍ ପଥର ବ୍ୟବହୃତ ହୋଇଛି, ଯାହା ବେଶ୍ ଦାମୀ। ବାରବାଟୀ ଦୁର୍ଗ ଖନନ ସମୟରେ ବାହାରିଥିବା ବିଭିନ୍ନ ଐତିହ୍ୟ ସାମଗ୍ରୀକୁ ଏଠାରେ ସ୍ଥାନ ଦିଆଯିବାର ଯୋଜନା ହୋଇଥିଲା। ଏବେ ଏହି ଯୋଜନାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଗେଇଛି। ସାମଗ୍ରୀଗୁଡ଼ିକର ଐତିହାସିକ ଗୁରୁତ୍ୱର ଅଡିଓ-ଭିଜୁଆଲ୍ ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି। ଏହାଦ୍ୱାରା ପର୍ଯ୍ୟଟକମାନେ ସ୍କ୍ରିନ୍‌ରେ ବାରବାଟୀ ଦୁର୍ଗର ଭିଜୁଆଲ୍ ଦେଖିବେ ଓ ଅଡିଓର ମଜା ନେଇପାରିବେ। ଏଥିସହ ସେମାନେ ବାରବାଟୀ ଦୁର୍ଗର ଇତିହାସ ସମ୍ପର୍କରେ ସହଜରେ ଜାଣିପାରିବେ। ଆହୁରି ବାରବାଟୀ ଦୁର୍ଗର ଏକ ପ୍ରତିକୃତି ମଧ ସ୍ଥାନ ପାଇବ ବୋଲି ଜଣାପଡ଼ିଛି।

## ପିସିସି ମନରେଗା ବଞ୍ଚାଅ ରାଜ୍ୟ କମିଟି ବୈଠକ



**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** କଂଗ୍ରେସ ଭବନଠାରେ ସମ୍ମାନନୀୟ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ 'ମନରେଗା ବଞ୍ଚାଅ ସଂଗ୍ରାମ' କମିଟି ଅଧକ୍ଷ ଶରତ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ମନରେଗାରେ ଜାତୀୟ ପିତା ମହାତ୍ମା ଗାନ୍ଧିଙ୍କ ନାଁ ଓ ନୀତିରେ ପରିବର୍ତ୍ତନ କରାଯାଇ ଏକ ମଜଦୁରବିରୋଧୀ ସ୍କିମ ଭିବି ଜି ରାମ ଜି କେନ୍ଦ୍ରରେ କ୍ଷମତାସୀନ ଏନ୍‌ଡିଏ ପକ୍ଷରୁ ଆଗତ ହୋଇଛି, ଯାହାକୁ କଂଗ୍ରେସ ନିନ୍ଦା କରିବା ସହ ରାଜ୍ୟରୁ ବୁଥ୍ ସ୍ତର ପର୍ଯ୍ୟନ୍ତ ମନରେଗା ବଞ୍ଚାଅ ସଂଗ୍ରାମ ପ୍ରତିବାଦ ଆରମ୍ଭ କରିଛି। ଏଥିସହ ପଞ୍ଚାୟତ, ବୁଥ ସ୍ତରରେ ମନରେଗା ବଚାଓ ସ୍ଲୋଗାନ୍‌କୁ ପହଞ୍ଚାଇବା ନିମନ୍ତେ ଦୃଢ଼ ପଦକ୍ଷେପ ନିଆଯିବା ସକାଶେ ପିସିସି ମନରେଗା ବଞ୍ଚାଅ ରାଜ୍ୟ କମିଟି ପକ୍ଷରୁ ପିସିସି ସଭାପତି ଶ୍ରୀ ଦାସ ଓ ଅଧକ୍ଷ ଶ୍ରୀ ରାଉତଙ୍କ ନିର୍ଦ୍ଦେଶ ରହିଛି। ଏଥିସହ ଆଗାମୀ ଦିନରେ ମହାପଞ୍ଚାୟତ ପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ କରାଯିବାର କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଆଜିର ମନରେଗା ବଞ୍ଚାଅ ସଂଗ୍ରାମ କମିଟି ବୈଠକରେ ସଦସ୍ୟ ଦେବାଶିଷ ନାୟକ, ଅମରନାଥ ପ୍ରଧାନ, ନଗେନ୍ଦ୍ର ପ୍ରଧାନ, ଯଶୋବନ୍ତ ସିଂ ଲାଗୁରି, ଅଭୟ ସାହୁ, ମିନାକ୍ଷୀ ବାହିନୀପତି, ଜିଆ ଉଲ ହକ, ମନୋରଞ୍ଜନ ଦାଶ, ଶୁଭେନ୍ଦୁ ମହାନ୍ତି, ମାନସ ମଲ୍ଲିକ, ହଳଧର ସେଠୀ, ସତ୍ୟବ୍ରତ ନାୟକ, ତରୁଣ ମିଶ୍ର, ସୁଦର୍ଶନ ଦାସ, ଜୟଶ୍ରୀ ପାତ୍ର, କୈଳାସ ମିଶ୍ର, ରଞ୍ଜିତ ପାତ୍ର ଉପସ୍ଥିତ ଥିଲେ।

## ସ୍କୁଲ୍‌ରେ ନାବାଳିକାଙ୍କୁ ଗଣଦୁଷ୍କର୍ମ!

**୫ ନାବାଳକ ସହପାଠୀ ଅଟକ**

**ବଲାଙ୍ଗୀର,୩।୨(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲାରେ ଆଜି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ତୁରେକେଲା ଥାନା ଅଞ୍ଚଳର ଏକ ସ୍କୁଲରେ ଜନୈକା ନବମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାର ତଦନ୍ତ କରି ସ୍ଥାନୀୟ ପୁଲିସ ୫ ଜଣ ନାବାଳକ ସହପାଠୀଙ୍କୁ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ପାଖାପାଖି ୫ ଦିନ ତେଳ ସ୍କୁଲରେ ଟ୍ୟୁସନ୍ ସରିବା ପରେ ପୀଡ଼ିତା ନାବାଳକଙ୍କୁ ତାଙ୍କର ଉକ୍ତ ୫ ଜଣ ସହପାଠୀ ଗଣଦୁଷ୍କର୍ମ କରିବା ସହ ଏହି ଜଘନ୍ୟ କାଣ୍ଡର ଭିଡିଓ ଉତ୍ତୋଳନ କରିଥିବା ଅଭିଯୋଗ ହୋଇଛି। ଏପରିକି ଅଭିଯୁକ୍ତମାନେ ଏହି ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିବା ପରେ ଏହି ସମଗ୍ର ଘଟଣା ଲୋକଲୋଚନକୁ ଆସିଥିଲା। ଏହି ଭିଡିଓ ଦେଖିବା ପରେ ଉକ୍ତ ପୀଡ଼ିତାଙ୍କ ଜନୈକ ସମ୍ପର୍କୀୟ ବଲାଙ୍ଗିର ଏସପିଙ୍କ ଦ୍ୱାରସ୍ଥ ହେବା ପରେ ପୁଲିସ ତତ୍ପରତା ପ୍ରକାଶ କରିବା ସହ ଅଭିଯୁକ୍ତମାନଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

## ମୁନ୍ଦିଏ ପାଣି ଦେଇପାରୁନାହାନ୍ତି ସରକାରଃ କଂଗ୍ରେସ

**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ ପାଲଟପୁର ପଞ୍ଚାୟତ ଗସ୍ତ କରି ପିସିସି ସଭାପତି ଭକ୍ତ ଚରଣ ଦାସ ସେଠାରେ ଦେଖାଦେଇଥିବା ପାନୀୟଜଳ ସଂକଟ ବିଷୟରେ ଅନୁଧାନ କରି କଂଗ୍ରେସ ଭବନଠାରେ ଏନେଇ ସୂଚନା ଦେଇ ଦେଇଛନ୍ତି। ସେ କହିଛନ୍ତି ଯେ ଆଲୋଚ୍ୟ ଅଞ୍ଚଳରେ ଦୂଷିତ ପାଣି ବ୍ୟବହାର କରି ୧୨୦ ଜଣ କ୍ୟାନସର ଓ ଯକ୍ଷ୍ମା ରୋଗରେ ମୃତ୍ୟୁବରଣ କରିସାରିଲେଣି। ସେଠାକାର ଲୋକେ ୨୦୧୮ରୁ ଆଜି ପର୍ଯ୍ୟନ୍ତ ପାଣି ମୁନ୍ଦିଏ ପାଇଁ ସଂଘର୍ଷ କରୁଛନ୍ତି। ପାଲଟପୁରରେ ୬୮୪୧ ଜଣ ବସବାସ କରୁଥିବା ବେଳେ ପାଲଟପୁର, ମୁରାରୀପୁର, ନୀଳକଣ୍ଠପୁର, ବିନ୍ଧାଣୀପୁର, ସାଠିବାଲି ପରି ୫ଟି ରାଜସ୍ୱ ଗ୍ରାମ ରହିଛି। ଏବେ ସେଠାକାର ୨୦ ଜଣ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ପରୀକ୍ଷା ପାଇଁ ୮୨୭ଟି ନଳକୂପରୁ ନମୂନା ସଂଗ୍ରହ ପେର ୯୦ ନଳକୂପ ପାଣିରେ ଆର୍ସେନିକ, ଲିଡ, ମାଗ୍ନେସିୟମ, ଆଇରନ ଭଳିଆ ରାସାୟନିକ ପଦାର୍ଥ ରହିଥିବା ଜଣାପଡ଼ିଛି। ଏଭଳି ବିଷାକ୍ତ ପାଣି ବ୍ୟବହାର କରି ଗତ ୧୦ ବର୍ଷରେ ଅନେକ ମୃତ୍ୟୁବରଣ କରିଛନ୍ତି। ଗତ ସରକାର ଏ ଦିଗରେ କିଛି ପଦକ୍ଷେପ ନେଇନଥିଲେ ଓ ଏବର ସରକାର ବି ପୂରାପୂରି ଚୁପ୍ ରହିଛନ୍ତି। ଯେଉଁଠି ସରକାର ମୁନ୍ଦିଏ ବିଶୁଦ୍ଧ ପାଣି ଯୋଗାଇପାରୁନାହାଁନ୍ତି, ସେଠାରେ ବିକଶିତ ଭାରତ ଗଢ଼ିବା କିପରି ସମ୍ଭବ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପାଲଟପୁର ପଞ୍ଚାୟତର ସରପଞ୍ଚ ଲିପିକା ମଲ୍ଲିକ, ଚନ୍ଦ୍ରଶେଖର ସାହୁ, ଯାଜପୁର ଜିଲ୍ଲା ସଭାପତି ମାଗୁଣି ଜେନା ଓ ଭରତ ବାବୁ ଉପସ୍ଥିତ ଥିଲେ।

# ଲିଙ୍ଗଗତ ବୈଷମ୍ୟ, ଝିଅଙ୍କ ସଂଖ୍ୟା କମ୍

**ଭୁବନେଶ୍ୱର,୩।୨:** ଓଡ଼ିଶାରେ ପୁଅଙ୍କ ତୁଳନାରେ ଝିଅମାନଙ୍କ ସଂଖ୍ୟା କମ୍ ରହୁଥିବା ଯୋଗୁ ଭବିଷ୍ୟତରେ ବଡ଼ଧରଣର ସାମାଜିକ ସମସ୍ୟା ଉପୁଜିପାରେ। ଏଥିପ୍ରତି ଏବେଠାରୁ ସଜାଗ ରହିବା ପାଇଁ ସମାଜ ବିଜ୍ଞାନୀମାନେ ବାରମ୍ବାର ଚେତାବନୀ ଦେଇଆସୁଛନ୍ତି। ଭାରତ ସରକାରଙ୍କ ସଦ୍ୟ ପ୍ରକାଶିତ ଆର୍ଥିକ ସର୍ଭେ ରିପୋର୍ଟର ବିବରଣୀ ମୁତାବକ ୨୦୨୩ରେ ଓଡ଼ିଶାରେ ଯେତେ ଶିଶୁ ଜନ୍ମ ହୋଇଛନ୍ତି ସେମାନଙ୍କ ଭିତରେ ପୁତ୍ର ସନ୍ତାନଙ୍କ ତୁଳନାରେ କନ୍ୟାରତ୍ନଙ୍କ ସଂଖ୍ୟା ଢେର କମ୍। ପ୍ରତି ହଜାର ପୁଅରେ ଓଡ଼ିଶାରେ ଶିଶୁକନ୍ୟାଙ୍କ ସଂଖ୍ୟା ଏହି ବର୍ଷରେ ୯୨୩ ରହିଥିଲା। ତେବେ ଓଡ଼ିଶା ପାଇଁ ଆଶ୍ୱାସନାର କଥା ହେଉଛି ଯେ ଏ କ୍ଷେତ୍ରରେ ସାରା ଦେଶରେ ସ୍ଥିତି ଅଧିକ ଗମ୍ଭୀର। ୨୦୨୩ରେ ଦେଶରେ ପ୍ରତି ହଜାରେ ପୁଅରେ ୯୧୭ ଜଣ ଝିଅ ଜନ୍ମ ନେଇଛନ୍ତି। ଓଡ଼ିଶାଠାରୁ ଆହୁରି ଅନେକ ରାଜ୍ୟର ସ୍ଥିତି ଖରାପ ରହିଛି। ପ୍ରତି ହଜାରେ ପୁଅରେ ୟୁପିରେ ୯୧୬ ଜଣ ଝିଅ ଥିବାବେଳେ ରାଜସ୍ଥାନରେ ୯୧୯, ପଞ୍ଜାବରେ ୯୦୬, ମଧ୍ୟପ୍ରଦେଶରେ ୯୧୭, ବିହାରରେ ୮୯୭, ଗୁଜରାଟରେ ୯୦୦, ହରିଆନାରେ ୮୮୪ ଓ ମହାରାଷ୍ଟ୍ରରେ ୮୯୪ ରହିଛି। ତେବେ କେରଳରେ ୨୦୨୩ରେ ଜନ୍ମିତ ଶିଶୁଙ୍କ ଭିତରେ ହଜାରେ ପୁଅରେ ୯୭୧ ଜଣ ଝିଅ ରହିଛନ୍ତି। ଏବେ ହରିଆନା, ବିହାର, ମହାରାଷ୍ଟ୍ର ଓ ଉତ୍ତରାଖଣ୍ଡ ଭଳି ରାଜ୍ୟରେ ପୁଅଙ୍କ ଅନୁପାତରେ ଝିଅମାନଙ୍କ ସଂଖ୍ୟା ଢେର କମ୍ ରହୁଥିବାରୁ ସେଠାରେ ବହୁ କ୍ଷେତ୍ରରେ ବାହା ହେବା ପାଇଁ ପୁଅମାନଙ୍କୁ ବୋହୂ ମିଳୁନାହାନ୍ତି। ଏବେଠୁ ସତର୍କ ନହେଲେ ଭବିଷ୍ୟତରେ ଓଡ଼ିଶାରେ ବି ଅନୁରୂପ ସମସ୍ୟା ମୁଣ୍ଡ ଟେକିପାରେ। ସାରା ଦେଶରେ ଶିଶୁ ଜନ୍ମ ହାର କମିବାରେ ଲାଗିଛି। ଓଡ଼ିଶାରେ ପ୍ରତି ଦମ୍ପତିଙ୍କର ଯଦି ଦୁଇଟି କରି ଜୀବିତ ସନ୍ତାନ ରୁହନ୍ତେ, ତେବେ ଜନସଂଖ୍ୟାରେ ସମାନତା ରକ୍ଷା କରାଯାଇପାରନ୍ତା। ପୂର୍ବରୁ ବହୁ ସନ୍ତାନବର୍ତ୍ତୀ ପରିବାରମାନେ ଥିବାରୁ ଜନସଂଖ୍ୟା ବଢ଼ୁଥିଲା। ଏବେ ସରକାରୀ ହିସାବରୁ ଜଣାପଡୁଛି ଯେ ରାଜ୍ୟରେ ପ୍ରତି ଦମ୍ପତିଙ୍କ ପିଛା ହାରାହାରି ୧.୬ଟି ସନ୍ତାନ ରହୁଛନ୍ତି। ବହୁ ଦମ୍ପତି ଏକ ସନ୍ତାନ ବିଶିଷ୍ଟ ପରିବାରରେ ସୀମିତ ରହୁଥିବା ବେଳେ ଆଉ କେତେକ ଦମ୍ପତି ବାପା-ମା' ହେବା ପାଇଁ ପୋଷ୍ୟ ସନ୍ତାନ ଓ 'ଫର୍ଟିଲିଟି' ବ୍ୟବସ୍ଥାକୁ ଆପଣାଉଛନ୍ତି। ଏହାଫଳରେ ଶିଶୁମାନଙ୍କ ସଂଖ୍ୟା ବିଗତ ଦଶନ୍ଧିମାନଙ୍କ ତୁଳନାରେ କମୁଛି। (ତଥ୍ୟ)

## ବର୍ଜ୍ୟରୁ ସମ୍ପଦ | ସହରାଞ୍ଚଳ ପରିମଳ ବ୍ୟବସ୍ଥା ସୁଦୃଢ଼ ହେବ

**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଜି ଓଡ଼ିଶା ଅର୍ବାନ୍ ଏକାଡେମୀଠାରେ ଫେକାଲ୍ ସ୍ଲଜ୍ ଏବଂ ସେପ୍ଟେଜ୍ ପରିଚାଳନା ଉପରେ ଏକ ଶିକ୍ଷଣ ଭିତ୍ତିକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ ରାଜ୍ୟର ସହରାଞ୍ଚଳ ପରିମଳ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ତ୍ରିପାକ୍ଷିକ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଟିଏସ୍‌ୟୁ- ଏଫ୍‌ଏସ୍‌ଏସ୍‌ଏମ୍ ଏବଂ 'ଦସ୍ରା'ର ସହଯୋଗରେ ଆୟୋଜିତ ଏହି କର୍ମଶାଳାରେ ବରିଷ୍ଠ ପଦାଧିକାରୀ, କ୍ଷେତ୍ର ବିଶେଷଜ୍ଞ ଏବଂ ପ୍ରମୁଖ ସହଯୋଗୀମାନେ ଯୋଗଦେଇ ଓଡ଼ିଶାର ଅଗ୍ରଣୀ ପରିମଳ ପଦକ୍ଷେପଗୁଡ଼ିକୁ ଆହୁରି ଆଗକୁ ନେବା ପାଇଁ ଆଲୋଚନା କରିଥିଲେ। ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଉପସ୍ଥିତିରେ ଏକ ତ୍ରିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ୱାଟକୋ, ଏଏସ୍‌ସିଆଇ ଏବଂ ଟାଇଡଇ ଟେକ୍ନୋକ୍ରାଟ୍ସ ଲିମିଟେଡ ମଧରେ ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁଯାୟୀ, ବାସୁଆଘାଇ ଫେକାଲ୍ ସ୍ଲଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟଠାରେ ଏକ ଅତ୍ୟାଧୁନିକ 'ପାଇରୋଲିସିସ୍ ୟୁନିଟ୍' ପ୍ରତିଷ୍ଠା କରାଯିବ। ପରିମଳ କ୍ଷେତ୍ରରେ ବର୍ଜ୍ୟବସ୍ତୁରୁ ସମ୍ପଦ ସୃଷ୍ଟି ଏବଂ 'ଗତିଶୀଳ ଇକୋନୋମି'ର ପ୍ରସାର ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କର୍ମଶାଳାରେ ଅଂଶୀଦାରମାନଙ୍କ ସହ ଏକ ବିସ୍ତୃତ ପରାମର୍ଶ ବୈଠକ ମଧ ଅନୁଷ୍ଠିତ ହୋଇଥିଲା।

# ମୋଦି ଦେଶକୁ ବିକ୍ରି କରିଦେଇଛନ୍ତି: ରାହୁଲ



### ଭୟରେ ଟ୍ରେଡ୍ ଡିଲ୍‌ରେ ସାଲିସ କରିଛନ୍ତି ପ୍ରଧାନମନ୍ତ୍ରୀ

### ଏପଷ୍ଟିନ ଫାଇଲ ଓ ଆଦାନୀ ବିରୋଧରେ ମାମଲା ଏହାର କାରଣ

ନୂଆଦିଲ୍ଲୀ,୩।୨: ଆମେରିକା ସହିତ ହୋଇଥିବା ଟ୍ରେଡ୍ ଡିଲକୁ ନେଇ ରାହୁଲ ମୋଦୀଙ୍କୁ ଟାର୍ଗେଟ୍ କରିଛନ୍ତି। ମୋଦୀଙ୍କୁ ଚାପରେ ଆପୋଷ ବୁଝାମଣା କରିବାକୁ ବାଧ କରାଯାଇଛି ବୋଲି ରାହୁଲ କହିଛନ୍ତି। ସେ ଦେଶକୁ ପୂରା ବିକି ଦେଇଛନ୍ତି। ମୋଦୀ ଭୟଭୀତ ଅଛନ୍ତି। ଗତ ୪ ମାସ ଧରି ଅଟକି ରହିଥିବା (ଆମେରିକା-ଭାରତ) ବାଣିଜ୍ୟ ଚୁକ୍ତିନାମାକୁ ଗତକାଲି ରାତିରେ ନରେନ୍ଦ୍ର ମୋଦି ସାଇନ କରିଛନ୍ତି। ତାଙ୍କ ଉପରେ ପ୍ରବଳ ଚାପ ରହିଛି। ରାହୁଲ ଆହୁରି କହିଛନ୍ତି, ନରେନ୍ଦ୍ର ମୋଦିଙ୍କ ଛବି ଏକ ବେଲୁନ ପରି, ଯାହା ହଜାର ହଜାର କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ କରାଯାଇଛି, ତାହା ଏବେ ଫାଟି ଯାଇପାରେ। ପ୍ରସଙ୍ଗଟି ନରୱଣେଙ୍କ ବକ୍ତବ୍ୟ ନୁହେଁ, ଏହା ଏକ ଶାଇଡ୍ ଶୋ। ଏହା ମୁଁ ବି ଜାଣିଛି ସେ ମଧ ଜାଣନ୍ତି।

ଟ୍ରେଡ୍ ଡିଲକୁ ଗୁରୁତ୍ୱର ସହ ନେଇ ରାହୁଲ କହିଛନ୍ତି, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମ ପ୍ରଧାନମନ୍ତ୍ରୀତ୍ୱ ସହ ସାଲିସ୍ କରିଦିଆଗଲା। ଏହା କିପରି ହେଲା ଏବଂ କିଏ କଲା? ଜନସାଧାରଣ ତାହା ବିଚାର କରିବା ଉଚିତ। ପ୍ରଥମ ଥର ରାଷ୍ଟ୍ରପତିଙ୍କ ଭାଷଣ ଉପରେ ବିରୋଧୀ ଦଳର ନେତାଙ୍କୁ କହିବାକୁ ସୁଯୋଗ ଦିଆଗଲା ନାହିଁ ବୋଲି ରାହୁଲ କହିଛନ୍ତି। ଆମେରିକା ସହ ଟ୍ରେଡ୍ ଡିଲ୍ ନେଇ ରାହୁଲ ଆହୁରି କହିଛନ୍ତି ଯେ, ନରେନ୍ଦ୍ର ମୋଦି ଏହି ବାଣିଜ୍ୟ ଚୁକ୍ତିରେ ଆପଣମାନଙ୍କର କଠିନ ପରିଶ୍ରମକୁ ବିକ୍ରି କରିଦେଇଛନ୍ତି। କାରଣ ତାଙ୍କୁ ସାଲିସ କରିବାକୁ ପଡ଼ିଛି। ସେ ଆପଣଙ୍କୁ ବିକ୍ରି କରି ନାହାଁନ୍ତି, ବରଂ ସେ ଦେଶକୁ ବିକ୍ରି କରିଦେଇଛନ୍ତି। ସେଥିପାଇଁ ସେ ମୋତେ ସେଠାରେ କହିବାକୁ ଦେଉନାହାଁନ୍ତି। ନରେନ୍ଦ୍ର ମୋଦି ଭୟଭୀତ କାରଣ ଯେଉଁମାନେ ତାଙ୍କର ଭାବମୂର୍ତ୍ତି ନିର୍ମାଣ କରିଥିଲେ, ସେମାନେ ଏବେ ଏହାକୁ ହରାଇବାକୁ ଯାଉଛନ୍ତି। ରାହୁଲ କହିଛନ୍ତି, ଆମେରିକାରରେ ଆଦାନୀ ବିରୁଦ୍ଧରେ ଏକ ମାମଲା ଅଛି, ଯାହା ପ୍ରକୃତରେ ମୋଦିଙ୍କ ବିରୁଦ୍ଧରେ ମାମଲା। ଏପଷ୍ଟିନ ଫାଇଲରେ ଆହୁରି ବହୁତ କିଛି ଅଛି, ଯାହା ଆମେରିକା ଏପର୍ଯ୍ୟନ୍ତ ପ୍ରକାଶ କରିନାହିଁ। ଏହା ମଧ ଚାପ ସୃଷ୍ଟି କରୁଛି। ପ୍ରେସରର ଏହି ଦୁଇ ପଏଣ୍ଟକୁ ଦେଶ ବୁଝିବା ଉଚିତ।"

# ବଢ଼ିଲା ସୁନେତ୍ରାଙ୍କ ପାୱାର



**ପୁଣେ ଏବଂ ବିଡ୍ ଜିଲ୍ଲାର ଅଭିଭାବକ ମନ୍ତ୍ରୀ**

ମୁମ୍ବାଇ,୩।୨: ମହାରାଷ୍ଟ୍ର ସରକାର ପୁଣେ ଏବଂ ବିଡ୍ ଜିଲ୍ଲାର (ଗାର୍ଡିଆନ୍) ଅଭିଭାବକ ମନ୍ତ୍ରୀ ଭାବରେ ଉପମୁଖ୍ୟମନ୍ତ୍ରୀ ସୁନେତ୍ରା ପାୱାରଙ୍କୁ ନିଯୁକ୍ତ କରିଛନ୍ତି। ଅଜିତ ପାୱାର ପୂର୍ବରୁ ଏହି ଦାୟିତ୍ୱ ତୁଲାଉଥିଲେ। ଗାର୍ଡିଆନ୍ ମନ୍ତ୍ରୀ ନିଯୁକ୍ତି ପାଇଁ ସରକାରୀ ନିର୍ଦ୍ଦେଶ ଜାରି କରାଯାଇଛି। ଅଜିତ ପାୱାର ମହାରାଷ୍ଟ୍ର ସରକାରରେ ଅର୍ଥ ମନ୍ତ୍ରୀ ଥିଲେ। କିନ୍ତୁ ଶପଥ ଗ୍ରହଣ କରିବା ପରେ ସୁନେତ୍ରା ପାୱାରଙ୍କୁ ଏହି ବିଭାଗ ମିଳିନଥିଲା। ତାଙ୍କୁ ଅବକାରୀ, କ୍ରୀଡ଼ା ଏବଂ ଯୁବ ବ୍ୟାପାର, ସଂଖ୍ୟାଲଘୁ ବ୍ୟାପାର ବିଭାଗ ଏବଂ ୱାକଫ ବୋର୍ଡର ଦାୟିତ୍ୱ ଦିଆଯାଇଛି। ଏହା ବ୍ୟତୀତ, ତାଙ୍କୁ ଏବେ ଦୁଇଟି ଜିଲ୍ଲାର ଗାର୍ଡିଆନ୍ ମନ୍ତ୍ରୀ ଭାବରେ ମଧ ଗୁରୁଦାୟିତ୍ୱ ମିଳିଛି।

ଦିବଂଗତ ନେତା ଅଜିତ ପାୱାରଙ୍କ ପୂର୍ବରୁ ଧନଞ୍ଜୟ ମୁଣ୍ଡେ ବିଡ୍‌ର ଅଭିଭାବକ ମନ୍ତ୍ରୀ ପଦରେ ଥିଲେ। କିନ୍ତୁ, ସରପଞ୍ଚ ସନ୍ତୋଷ ଦେଶମୁଖ ହତ୍ୟା ମାମଲାରେ ତାଙ୍କର ଜଣେ ଘନିଷ୍ଠ ସହଯୋଗୀଙ୍କ ନାମ ଆସିବା ପରେ ମୁଣ୍ଡେ ମହାରାଷ୍ଟ୍ର ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ଏବଂ ଦାୟିତ୍ୱ ଅଜିତ ପାୱାରଙ୍କୁ ଦିଆଯାଇଥିଲା। ଅଜିତ ପାୱାରଙ୍କ ମୃତ୍ୟୁ ପରେ ଏବେ ଏହି ଦାୟିତ୍ୱ ତାଙ୍କ ପତ୍ନୀ ସୁନେତ୍ରା ତୁଲାଇବେ।

ମହାରାଷ୍ଟ୍ର ସରକାର ଜଣେ ଗାର୍ଡିଆନ ମନ୍ତ୍ରୀ ନିଯୁକ୍ତ କରନ୍ତି। ଜଣେ କ୍ୟାବିନେଟ ସ୍ତରୀୟ ମନ୍ତ୍ରୀ ଜିଲ୍ଲାରେ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ପ୍ରଶାସନିକ ସମନ୍ୱୟ ତଦାରଖ କରନ୍ତି। ମହାରାଷ୍ଟ୍ରରେ ଗାର୍ଡିଆନ ମନ୍ତ୍ରୀ ଭାବରେ ନିଯୁକ୍ତ ନେତାମାନଙ୍କର ପ୍ରଭାବ ବେଶୀ। ପ୍ରତ୍ୟେକ ପ୍ରମୁଖ ନେତା ଜନସାଧାରଣଙ୍କ ସହିତ ସେମାନଙ୍କର ସମ୍ପର୍କ ଉନ୍ନତ କରିବା ପାଇଁ ନିଜ ଅଞ୍ଚଳରେ ଗାର୍ଡିଆନ ମନ୍ତ୍ରୀ ଭାବରେ କାର୍ଯ୍ୟ କରିବାକୁ ଚେଷ୍ଟା କରନ୍ତି। ଅଜିତ ପାୱାର ଦୀର୍ଘ ସମୟ ଧରି ପୁଣେର ଏହି ଦାୟିତ୍ୱ ନିର୍ବାହ କରିଥିଲେ। ମହାରାଷ୍ଟ୍ରର ସମସ୍ତ ୩୬ଟି ଜିଲ୍ଲା ପାଇଁ ଅଭିଭାବକ ମନ୍ତ୍ରୀ ନିଯୁକ୍ତ କରାଯାଇଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଫଡନବୀସ୍ ଗଡ଼ଚିରୋଲିର ଅଭିଭାବକ ମନ୍ତ୍ରୀ। ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଥାନେ ଏବଂ ମୁମ୍ବାଇ ସହରର ଗାର୍ଡିଆନ ମନ୍ତ୍ରୀ। ମହାରାଷ୍ଟ୍ରର ପୂର୍ବତନ ବିଜେପି ସଭାପତି ଚନ୍ଦ୍ରଶେଖର ନାଗପୁରର ଗାର୍ଡିଆନ ମନ୍ତ୍ରୀ ଭାବରେ କାର୍ଯ୍ୟ କରୁଛନ୍ତି।

### ପଶ୍ଚିମବଙ୍ଗରେ ବେଆଇନ୍ ଖଣି ମାମଲା

# ୧୨ ସ୍ଥାନରେ ଇଡି ଚଢ଼ାଉ

କୋଲକାତା,୩।୨ : ମଙ୍ଗଳବାର ଦିନ ଇଡି ପଶ୍ଚିମବଙ୍ଗର ୧୨ଟି ସ୍ଥାନରେ ଚଢ଼ାଉ କରିଛି। ବେଆଇନ କୋଇଲା ଖଣି ଏବଂ ପରିବହନ ଅଭିଯୋଗରେ ମନି ଲଣ୍ଡରିଂ ତଦନ୍ତ ପାଇଁ ଇଡି ଚଢ଼ାଉ କରିଥିବା ଜଣାପଡିଛି। ରାଜ୍ୟ ପୁଲିସ ଅଧିକାରୀ ମନୋରଞ୍ଜନ ମଣ୍ଡଳଙ୍କ ଘର ସମେତ ପ୍ରାୟ ୧୨ ଟି ସ୍ଥାନରେ ମନି ଲଣ୍ଡରିଂ ନିବାରଣ ଆଇନ ଅନୁଯାୟୀ ଚଢ଼ାଉ କରାଯାଉଛି ବୋଲି ଅଧିକାରୀ କହିଛନ୍ତି। ଗତ ମାସରେ ତଦନ୍ତକାରୀ ସଂସ୍ଥା କୋଲକାତାର ରାଜନୈତିକ ପରାମର୍ଶଦାତା ସଂସ୍ଥା ଆଇ ପ୍ୟାକ୍ ପରିସରରେ ଚଢ଼ାଉ କରିଥିଲା। ଏହାରି ମଧରେ ଇଡିର ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି ଯେ, ସେ ଆଜି ପଶ୍ଚିମବଙ୍ଗ ସରକାରଙ୍କ ଶପଥପତ୍ର ପାଇଛନ୍ତି ଏବଂ ଜବାବ ଦାଖଲ କରିବା ପାଇଁ ସମୟ ମାଗିଛନ୍ତି। ପରବର୍ତ୍ତୀ ସମୟ ପାଇଁ ସୁପ୍ରିମକୋର୍ଟ ଶୁଣାଣିକୁ ସ୍ଥଗିତ ରଖିଛନ୍ତି। ଜାନୁଆରୀ ୧୫ ତାରିଖରେ ବିଚାରପତି ପ୍ରଶାନ୍ତ କୁମାର ମିଶ୍ର ଏବଂ ବିପୁଲ ପାଞ୍ଚୋଲିଙ୍କ ଏକ ଖଣ୍ଡପୀଠ ଇଡିର ଆବେଦନ ଉପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ପଶ୍ଚିମବଙ୍ଗ ସରକାର, ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ରାଜୀବ କୁମାର ଏବଂ ଅନ୍ୟାନ୍ୟ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନୋଟିସ୍ ଜାରି କରିଥିଲେ।

# ନାକେଦମ୍ କଲେଣି ବଲୁଚ୍ ବିଦ୍ରୋହୀ

### ସଂସଦରେ ସ୍ୱୀକାର କଲେ ପାକ୍ ପ୍ରତିରକ୍ଷା ମନ୍ତ୍ରୀ



ଇସଲାମାବାଦ,୩।୨: ଅଶାନ୍ତ ବଲୁଚିସ୍ତାନରେ ସ୍ଥିତି ଅସମ୍ଭାଳ ହୋଇପଡ଼ିଛି। ବଲୁଚ ବିଦ୍ରୋହୀମାନେ ପାକିସ୍ତାନୀ ସେନା ଉପରେ ଲଗାତାର ଆକ୍ରମଣ କରୁଛନ୍ତି। ୧୨ଟି ସହରରେ ଆକ୍ରମଣ ହୋଇଛି। କିନ୍ତୁ ସ୍ଥିତିକୁ ଆୟତ୍ତ କରିପାରୁନାହିଁ ପାକ ସେନା। ବିଦ୍ରୋହୀମାନେ ବଲୁଚିସ୍ତାନର ଭୌଗୋଳିକ ପରିସ୍ଥିତିରେ ଖାପ ଖୁଆଇ ଆକ୍ରମଣ କରିପାରୁଛନ୍ତି। ହେଲେ ପାକିସ୍ତାନୀ ସେନା ସେମାନଙ୍କୁ ମାତ୍ ଦେଇପାରୁନାହିଁ। ଏକଥା ଆମେ କହୁନାହୁଁ, ବରଂ ଖୋଦ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ସ୍ୱୀକାର କରିଛନ୍ତି। ନ୍ୟାସନାଲ୍ ଆସେମ୍ବଲିରେ ଆସିଫ କହିଛନ୍ତି, ବଲୁଚ ବିଦ୍ରୋହୀଙ୍କ ସହ ମୁକାବିଲା କରିବାରେ ପାକିସ୍ତାନ ସେନା ଅସମର୍ଥ । ସେ କହିଛନ୍ତି, ଆମ ସେନା ଶାରୀରିକ ଭାବରେ ଅକ୍ଷମ ହୋଇପଡ଼ିଛନ୍ତି। ସବୁଠାରୁ ବଡ଼ ଏବଂ କମ୍ ଲୋକସଂଖ୍ୟା ଥିବା ବଲୁଚିସ୍ତାନରେ ପାକ୍ ସେନା କେଉଁଭଳି ଭାବରେ ଆହ୍ୱାନର ସାମ୍ନା କରୁଛି ତାହା କହିଛନ୍ତି ଆସିଫ। ଏକାସାଙ୍ଗରେ ବିଭିନ୍ନ ସ୍ଥାନରେ ଆକ୍ରମଣ ହେଉଥିବାରୁ, ସେନା ଏହାକୁ ନିୟନ୍ତ୍ରଣ କରିବା ଲାଗି ଅସମର୍ଥ। ସେ କହିଛନ୍ତି, ଦୀର୍ଘ ବର୍ଷ ଧରି ସେଠାରେ ପାକ୍ ସେନା ବିଫଳତାର ସାମ୍ନା କରୁଛି। ବଲୁଚ ବିଦ୍ରୋହୀ ବିଭିନ୍ନ ସହରରେ ସାଧାରଣ ଲୋକ, କୋଠା ଏବଂ ସୈନ୍ୟ ଠିକଣାକୁ ଟାର୍ଗେଟ କରି ଆକ୍ରମଣ କରିବା ପରେ ଖ୍ୱାଜା ଆସିଫଙ୍କ ଏହି ପ୍ରତିକ୍ରିୟା ମିଳିଛି। ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, 'ଭୌଗୋଳିକ ଦୃଷ୍ଟିରୁ ପାକିସ୍ତାନର ୪୦ ପ୍ରତିଶତରୁ ଅଧିକ ବଲୁଚିସ୍ତାନ। ଏହାକୁ ନିୟନ୍ତ୍ରଣ କରିବା ଏକ ଜନବହୁଳ ସହର ଅପେକ୍ଷା ବହୁତ କଷ୍ଟକର ଏବଂ ଏଥିପାଇଁ ବିଶାଳ ବାହିନୀ ମୁତୟନ କରାଯିବା ଆବଶ୍ୟକ। ଆମର ସୈନ୍ୟ ସେଠାରେ ମୁତୟନ ଅଛନ୍ତି ଏବଂ ସେମାନଙ୍କ (ଆତଙ୍କବାଦୀ) ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। କିନ୍ତୁ ଏତେ ବଡ଼ ଅଞ୍ଚଳକୁ ସୁରକ୍ଷା ଏବଂ ପାଟ୍ରୋଲିଂ କରିବାକୁ ସେମାନେ ଶାରୀରିକ ଭାବରେ ଅକ୍ଷମ। ପାକିସ୍ତାନୀ ସେନାର ସୂଚନା ଅନୁସାରେ, ଗତ ଦୁଇ ଦିନରେ ଆତଙ୍କବାଦୀଙ୍କ ମୃତ୍ୟୁ ସଂଖ୍ୟା ୧୭୭ ରେ ପହଞ୍ଚିଛି। ବିଦ୍ରୋହୀମାନେ ୧୨ ଟି ସ୍ଥାନରେ ସମନ୍ୱିତ ଆକ୍ରମଣ କରିବା ପରେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା। କର୍ତ୍ତୃପକ୍ଷ କହିଛନ୍ତି, ସାଧାରଣ ନାଗରିକଙ୍କ ସହିତ ପ୍ରାୟ ୧୭ ପୁଲିସ କର୍ମୀ ଏବଂ ସୁରକ୍ଷା କର୍ମୀ ନିହତ ହୋଇଛନ୍ତି। ଖ୍ୱାଜା ଆସିଫ୍ କହିଛନ୍ତି ଯେ, ସପ୍ତାହାନ୍ତ ହିଂସାରେ ୩୩ ଜଣ ସାଧାରଣ ନାଗରିକ ଏବଂ ସୁରକ୍ଷା ବାହିନୀର ୧୭ ଜଣ ସଦସ୍ୟ ପ୍ରାଣ ହରାଇଛନ୍ତି।

# କଳା ସାଲ ପକାଇ ସିଇସିଙ୍କୁ ଭେଟିଲେ ମମତା

କୋଲକାତା,୩।୨: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର ମୁଖ୍ୟ ନିର୍ବାଚନ କମିଶନର(ସିଇସି) ଜ୍ଞାନେଶ କୁମାରଙ୍କୁ ଦିଲ୍ଲୀରେ ଭେଟିଛନ୍ତି। ମମତାଙ୍କ ସହ ଏସ୍‌ଆଇଆର୍ ଯୋଗୁ ପ୍ରଭାବିତ ହୋଇଥିବା ୧୩ ପରିବାର ଏବଂ ଟିଏମସି ନେତାମାନେ ଥିଲେ। ସିଇସିଙ୍କୁ ଭେଟିବା ସମୟରେ ମମତା କଳା ସାଲ ପକାଇଥିଲେ। ପ୍ରାୟ ୯୦ ମିନିଟ୍ ଧରି ବୈଠକ ପରେ ମମତା ବାହାରକୁ ଆସି ଗଣମାଧମକୁ ସମ୍ବୋଧିତ କରିଥିଲେ।ମମତା କହିଥିଲେ, 'ମୁଁ ବହୁତ ଦୁଃଖୀ। ଦିଲ୍ଲୀ ରାଜନୀତିରେ ଦୀର୍ଘ ସମୟ ଧରି ମୁଁ ସକ୍ରିୟ ଥିଲି। ୪ ଥର ମନ୍ତ୍ରୀ ଏବଂ ୭ ଥର ସାଂସଦ ରହିଥିଲି। କିନ୍ତୁ ଆଜିଯାଏ ଏଭଳି ଜଣେ ଅହଂକାରୀ ଏବଂ ମିଛୁଆ ନିର୍ବାଚନ କମିଶନର ଦେଖିନାହିଁ। ଏହା ନିର୍ବାଚନ କମିଶନ ନୁହେଁ ବରଂ ବିଜେପିର ଆଇଟି ସେଲ୍। ନିର୍ବାଚନ କମିଶନ କାହିଁକି ପଶ୍ଚିମବଙ୍ଗକୁ ଟାର୍ଗେଟ କରୁଛନ୍ତି। ଏଥିସହ ମମତାଙ୍କୁ ସିଇସି ଅପମାନିତ କରିଥିବା ଏବଂ ସେଥିପାଇଁ ସେ ବୈଠକରୁ ଉଠି ଚାଲିଆସିଥିବା ମଧ ଟିଏମସି ସୁପ୍ରିମୋ କହିଛନ୍ତି। ମମତା ଆହୁରି କହିଥିଲେ, ପଶ୍ଚିମବଙ୍ଗରେ ଅନେକ ଲୋକ ସେମାନଙ୍କ ନାଁ, ସାଙ୍ଗିଆ ଆଦି ପରିବର୍ତ୍ତନ କରିଛନ୍ତି। ସେମାନଙ୍କ ନାଁ ମଧ ସିଇସି ଭୋଟର ତାଲିକାରୁ କାଟିଦେଇଛନ୍ତି। ସେମାନଙ୍କୁ ଏହାର କାରଣ ମଧ ପଚରାଯାଇନାହିଁ। ସେହିପରି ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କ ଉପରେ ବହୁତ ଚାପ ପଡୁଛି। ଅନ୍ୟପକ୍ଷରେ ମମତାଙ୍କ ଅଭିଯୋଗକୁ ସିଇସି ମିଛ ବୋଲି କହିଛନ୍ତି। ସେ ମମତାଙ୍କୁ ଏସ୍‌ଆଇଆର୍ ନିୟମ ବିଷୟରେ ବୁଝାଇଥିଲେ ହେଁ ମମତା ତାଙ୍କୁ ଦୁର୍ବ୍ୟବହାର କରିବା ସହ ଟେବୁଲରେ ହାତ ବାଡ଼େଇ ବୈଠକ ଛାଡ଼ି ପଳାଇଥିଲେ ବୋଲି ସିଇସି କହିଛନ୍ତି।



### ଆମ ପାଖେ ଜନତାଙ୍କ ସମର୍ଥନ ରହିଛି

### ସିଇସି ନୁହେଁ, ବିଜେପିର ଆଇଟି ସେଲ

# ଅପାର ସୁଯୋଗର ଦ୍ୱାର ଖୋଲିବ

### ଟାରିଫ୍ ହ୍ରାସ ପରେ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଲେ ମୋଦି

ନୂଆଦିଲ୍ଲୀ,୩।୨: ଭାରତୀୟ ସାମଗ୍ରୀ ଉପରେ ଆମେରିକା ଶୁଳ୍କ କୋହଳ କରିଛି। ଏହାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ଟ୍ୟାରିଫ୍ ୨୫ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁସି ବ୍ୟକ୍ତ କରିଛନ୍ତି। ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆଜି ମୋର ପ୍ରିୟ ବନ୍ଧୁ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ କଥା ହୋଇ ବହୁତ ଖୁସି ଲାଗିଲା। 'ମେଡ୍ ଇନ୍ ଇଣ୍ଡିଆ' ସାମଗ୍ରୀ ଉପରେ ଶୁଳ୍କ କମିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସେ ଆହୁରି ମଧ କହିଛନ୍ତି ଯେ, ଯେତେବେଳେ ବିଶ୍ୱର ଦୁଇଟି ବୃହତ ଅର୍ଥନୀତି ଏବଂ ଗଣତନ୍ତ୍ର ଏକାଠି କାମ କରନ୍ତି, ସେତେବେଳେ ଉଭୟ ଦେଶର ଜନସାଧାରଣ ଉପକୃତ ହୁଅନ୍ତି ଏବଂ ଏହା ପାରସ୍ପରିକ ସହଯୋଗ ପାଇଁ ଅପାର ସୁଯୋଗ ସୃଷ୍ଟି କରେ। ବିଶ୍ୱ ଶାନ୍ତି ଏବଂ ସ୍ଥିରତା ପାଇଁ ଟ୍ରମ୍ପଙ୍କ ନେତୃତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇ ମୋଦି ଭାରତ ଓ ଆମେରିକାର ସମ୍ପର୍କକୁ ଏକ ନୂତନ ଉଚ୍ଚତାକୁ ନେବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି।

### ସାଉଦି ଆରବ ଏବଂ ଇରାନକୁ ପଛରେ ପକାଇଲା ଚୀନ

# ୩୦ ଦିନରେ ୧୫ ଜଣଙ୍କୁ ମୃତ୍ୟୁଦଣ୍ଡ

ବେଜିଂ, ୩।୨: ମୃତ୍ୟୁଦଣ୍ଡ ସଂଖ୍ୟାରେ ସାଉଦି ଆରବ ଏବଂ ଇରାନକୁ ପଛରେ ପକାଇ ଦେଇଛି ଚୀନ। ୨୦୨୬ର ପ୍ରଥମ ମାସରେ ଚୀନ୍ ୧୫ ଜଣଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲା। ଏହି ସମୟ ମଧରେ ସାଉଦି ଆରବ ଜଣେ ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲା ଏବଂ ଇରାନ କାହାକୁ ନୁହେଁ। ୨୦୨୫ରେ ଇରାନ ଏବଂ ସାଉଦି ଆରବ ସର୍ବାଧିକ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲା। ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ଅନୁଯାୟୀ, ଚୀନ୍ ଠକେଇ ମାମଲାରେ ମିଆଁମାରର ବାଇ ପରିବାର ସହିତ ଜଡିତ ଚାରି ଜଣଙ୍କୁ ମୃତ୍ୟୁଦଣ୍ଡ ଦେଇଛି। ଜାନୁଆରୀ ୨୯ରେ, ଚୀନ୍ ମିଙ୍ଗ ପରିବାର ସହିତ ଜଡିତ ୧୧ ଜଣଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲା। ସେମାନେ ଚାରି ପରିବାର ମଧରୁ ଗୋଟିଏ ଥିଲେ ଯେଉଁମାନେ ମିଆଁମାରର ଏକ ସହରକୁ ଜୁଆ, ଡ୍ରଗ୍ସ ଏବଂ ଠକେଇର କେନ୍ଦ୍ରରେ ପରିଣତ କରିଥିଲେ।

୨୦୨୫ରେ ସାଉଦି ଆରବ ୩୫୬ ଜଣଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲା, ଯାହା ଏହାର ଏକ ବର୍ଷର ସର୍ବାଧିକ ମୃତ୍ୟୁଦଣ୍ଡ ଥିଲା। ସରକାରୀ ତଥ୍ୟ ଅନୁଯାୟୀ, ୨୦୨୫ରେ ନିଶା ସମ୍ବନ୍ଧୀୟ ଅପରାଧ ପାଇଁ ୨୪୩ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ବିଶେଷଜ୍ଞମାନେ କୁହନ୍ତି ଯେ, ଏହି ବୃଦ୍ଧି ଦେଶର କଠୋର ନିଶା ବିରୋଧୀ ନୀତି ଯୋଗୁଁ ହୋଇଛି। ଏହା ୨୦୨୪ରେ ୩୩୮ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ପ୍ରାୟ ତିନି ବର୍ଷ ପାଇଁ ସ୍ଥଗିତ ରଖିବା ପରେ ସାଉଦି ଆରବ ୨୦୨୨ ଶେଷରେ ନିଶା ଅପରାଧ ପାଇଁ ମୃତ୍ୟୁଦଣ୍ଡ ପୁନଃସ୍ଥାପିତ କରିଥିଲା। ୨୦୨୫ରେ ମୃତ୍ୟୁଦଣ୍ଡ ପାଇଁ ୨୦୨୫ରେ ଅବଶିଷ୍ଟ ଦେଶଗୁଡ଼ିକର ସଠିକ୍ ସଂଖ୍ୟା ଉପଲବ୍ଧ ନାହିଁ। ୨୦୨୪ରେ ଇରାନ ଏବଂ ଇରାକ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଥିଲେ। ଆମ୍ନେଷ୍ଟି ଇଣ୍ଟରନ୍ୟାସନାଲ ଅନୁଯାୟୀ, ୨୦୨୪ରେ ଇରାନରେ ୯୭୨ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା, ଯେତେବେଳେ ଇରାକରେ ୬୩ ଜଣଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ଚୀନରେ ସର୍ବାଧିକ ମୃତ୍ୟୁଦଣ୍ଡ ଦିଆଯାଉଥିବା ବିଶ୍ୱାସ କରାଯାଏ, କିନ୍ତୁ ଏହାର ସଂଖ୍ୟା କେବେବି ସାର୍ବଜନୀନ କରାଯାଏ ନାହିଁ।

# ଓଡ଼ିଆ ଆଇନ ଛାତ୍ରୀଙ୍କ ମୃତ୍ୟୁ



ମୁମ୍ବାଇ,୩।୨: ମହାରାଷ୍ଟ୍ରର ଲୋନାୱାଲାରୁ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି। ସେଠାରେ ଟ୍ରେକିଂ କରୁଥିବା ସମୟରେ ଓଡ଼ିଶାର ଜଣେ ୧୯ ବର୍ଷୀୟା ଆଇନ ଛାତ୍ରୀଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ମୃତକ ହେଲେ ଶ୍ରେୟା ପତି (୧୯)। ସୂଚନା ଅନୁସାରେ, ଜାନୁଆରୀ ୩୧ରେ ଟ୍ରେକିଂ ପାଇଁ ମୁମ୍ବାଇରୁ ଲୋନାୱାଲା ଆସିଥିଲେ ଶ୍ରେୟା। କିନ୍ତୁ, ଟ୍ରେକିଂ ସମୟରେ ଯୁବତୀ ଜଣକ ୩୯୦ ଫୁଟ ଗଭୀର ଖାଇରେ ଖସିପଡ଼ିଥିଲେ, ଯାହା ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଲୋନାୱାଲାର ଟାଇଗର ପଏଣ୍ଟ ଭ୍ୟାଲିର ଡ୍ୟୁକ୍ସ ନୋଜ୍ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି, ଯେଉଁଠାରେ ଯୁବତୀ ଜଣକ ୩୯୦ ଫୁଟ ଗଭୀର ଘାଟିରେ ଖସି ପଡ଼ିଥିଲେ। ବହୁ ପ୍ରୟାସ ପରେ, ଉଦ୍ଧାରକାରୀ ଦଳ ତାଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ପୁଲିସ ଦୁର୍ଘଟଣାଜନିତ ମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛି।

# ଆମେରିକାର ପୂର୍ବତନ ରାଷ୍ଟ୍ରପତିଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ



### ଏପଷ୍ଟାଇନ୍ ଫାଇଲ୍‌ରେ ଜର୍ଜ ବୁଶ

ୱାଶିଂଟନ, ୩।୨: ସାରା ବିଶ୍ୱରେ ଜେଫ୍ରି ଏପଷ୍ଟିନଙ୍କ ଫାଇଲ୍ ନେଇ ଚର୍ଚ୍ଚା। ଆମେରିକୀୟ ନ୍ୟାୟ ବିଭାଗ ସ୍ୱଚ୍ଛତା ଆଇନ ଅନୁଯାୟୀ ସହ ଜଡିତ ଦଲିଲର ଶେଷ ଅଂଶକୁ ନେଇ ଆଲୋଚନା ଓ ସମାଲୋଚନା ଚାଲିଛି। ଦଲିଲରେ ସାମ୍ନାକୁ ଆସିଛନ୍ତି ଅନେକ ବଡ଼ ବଡ଼ ମହାରଥୀ। ତାଲିକାରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜର୍ଜ ବୁଶ୍ ବି ଅଛନ୍ତି। ତାଙ୍କ ବିରୋଧରେ ଆଶ୍ଚର୍ଯ୍ୟଜନକ ଅଭିଯୋଗ ରହିଛି। ଜଣେ ଏପଷ୍ଟିନ ପୀଡିତା ଏକ ସାକ୍ଷାତକାରରେ ଜର୍ଜ ବୁଶଙ୍କ ବିରୋଧରେ ଆଶ୍ଚର୍ଯ୍ୟଜନକ ଅଭିଯୋଗ ବିଷୟରେ ଆଲୋଚନା କରିଛନ୍ତି। ତଥାପି, ରିପୋର୍ଟଗୁଡ଼ିକରେ ବୁଶ୍‌ଙ୍କୁ ଉଲ୍ଲେଖ କରାଯାଉଛି କି ନାହିଁ ତାହା ଜଙ୍ଗଣାନାହିଁ। ଏହି ଅଭିଯୋଗଗୁଡ଼ିକ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ।

ଏହି କଥାବାର୍ତ୍ତା ଇମେଲରେ ରେକର୍ଡ କରାଯାଇଥିଲା। ଏଥିରେ ଏପଷ୍ଟିନଙ୍କ ଅଭିଯୁକ୍ତ ପୀଡିତାଙ୍କ ଏକ ବୟାନ ଅଛି । ବୁଶ ତାଙ୍କୁ ବଳାତ୍କାର କରିଛନ୍ତି। ଏହା ସହିତ, ପୀଡିତାଙ୍କ ସହ ଜଡିତ ଅନେକ ଦଲିଲ ପ୍ରକାଶ କରାଯାଇଛି। ଜେଫ୍ରି ଏପଷ୍ଟିନ ଜଣେ ଆର୍ଥିକ ବ୍ୟବସାୟୀ ଥିଲେ। ଯିଏ ତାଙ୍କର ଆନ୍ତର୍ଜାତୀୟ ଓ ରାଜନୈତିକ ପ୍ରଭାବ ପାଇଁ ଜଣାଶୁଣା ଥିଲେ। ତାଙ୍କ ବିରୋଧରେ ତଦନ୍ତ ୨୦୦୫ ମସିହାରେ ଆରମ୍ଭ ହୋଇଥିଲା ଯେତେବେଳେ ଜଣେ ଝିଅର ପରିବାର ତାଙ୍କୁ ଏପଷ୍ଟିନଙ୍କ ମାନ୍ସନରେ ଯୌନ ନିର୍ଯାତନା ଦେବାର ଅଭିଯୋଗ କରିଥିଲେ। ୨୦୦୬ ମସିହାରେ, କର୍ତ୍ତୃପକ୍ଷ ତାଙ୍କ ଉପରେ ଜଣେ ନାବାଳକଙ୍କ ସହିତ ଅବୈଧ ଯୌନ ସମ୍ପର୍କ ରଖିବାର ଅନେକ ଅଭିଯୋଗ ଆଣିଥିଲେ। ମାମଲାଟିକୁ ଏକ ଗ୍ରାଣ୍ଡ ଜୁରିକୁ ହସ୍ତାନ୍ତର କରାଯାଇଥିଲା। ଜୁରି ମଧ ଏପଷ୍ଟାଇନଙ୍କୁ ବେଶ୍ୟାବୃତ୍ତି ପାଇଁ ପ୍ରବର୍ତ୍ତାଇବାର ଗୋଟିଏ ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଥିଲେ।

### ମେଟାକୁ 'ସୁପ୍ରିମ' ଛାଟ

# ନିୟମ ନମାନିଲେ ଦେଶ ଛାଡ଼ି ଚାଲିଯାଅ

### ଲୋକଙ୍କ ଗୋପନୀୟତା ସହ ଖେଳିପାରିବନି




ନୂଆଦିଲ୍ଲୀ,୩।୨ : ମେଟାକୁ ଲାଗିଛି ସୁପ୍ରିମ ଛାଟ। ହ୍ୱାଟସଆପ୍ ପଲିସିକୁ ନେଇ ବର୍ଷିଛନ୍ତି ସୁପ୍ରିମକୋର୍ଟ। ବ୍ୟକ୍ତିଗତ ତଥ୍ୟର ନିୟମକୁ ନେଇ ସୋସିଆଲ ମେସେଜିଂ ଆପ୍ ହ୍ୱାଟସଆପ୍ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଏହାସହ କମ୍ପାନୀ ୟୁଜରଙ୍କ ଗୋପନୀୟତା ସହ ଖେଳିପାରିବନି ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

କୋର୍ଟ କହିଛନ୍ତି ଯେ, ହ୍ୱାଟସଆପ୍ ସଦାବେଳେ ୟୁଜରଙ୍କ ପ୍ରାଇଭେସି ସହ ଖେଳିପାରିବ ନାହିଁ। କୋର୍ଟ ଏନେଇ ଅନୁମତି ଦେବେ ନାହିଁ। ଏକ ଅତି ଛୋଟ ତଥ୍ୟ ବି ସେୟାର କରିବାକୁ ହ୍ୱାଟସଆପକୁ ଅନୁମତି ଦିଆଯିବ ନାହିଁ। କମ୍ପାନୀ ଭାରତୀୟଙ୍କୁ ଶୋଷଣ କରିପାରିବନି। ୨୦୨୧ରେ ହ୍ୱାଟସଆପର ଏକ ପଲିସିକୁ ନେଇ କୋର୍ଟ ଶୁଣାଣି କରିଛନ୍ତି। ପୂର୍ବରୁ ଏନେଇ କମ୍ପାନୀ ଆଇନ ଟ୍ରିବ୍ୟୁନାଲ ହ୍ୱାଟସଆପ ଉପରେ ଲାଗିଥିବା ୨୧୩ କୋଟିର ଜରିମନାକୁ କାଏମ ରଖିଥିଲେ। ଏହାସହ କମ୍ପିଟିସନ କମିଶନ ଅଫ୍ ଇଣ୍ଡିଆ ଡାଟା ସେୟାରିଂକୁ କେବଳ ବିଜ୍ଞାପନ ପାଇଁ ବ୍ୟବହାର କରିବାକୁ କହିଥିଲେ। ତେବେ ଆଇନ ଟିବ୍ୟୁନାଲ ଏନେଇ ଅନୁମତି ଦେଇଥିଲେ ମଧ କମ୍ପାନୀ ଏହାର ଯେପରି ଦୁରୁପଯୋଗ ନକରେ ସେନେଇ ସତର୍କ କରାଇଥିଲେ। ପରେ ଏହି ପ୍ରସଙ୍ଗ ସୁପ୍ରିମକୋର୍ଟରେ ପହଞ୍ଚିଥିଲା।

କୋର୍ଟରେ ଭାରତ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା ମେଟାର ଡାଟା ସେୟାରିଂକୁ କଟାକ୍ଷ କରିଛନ୍ତି। ବିଜ୍ଞାପନରେ ମେଟା କିପରି ଭାରତୀୟଙ୍କୁ ଶୋଷଣ କରୁଛି ସେନେଇ ତଥ୍ୟ ରଖିଛନ୍ତି। ଏହାକୁ ନେଇ କଡା ଟିପ୍ପଣୀ ରଖିଛନ୍ତି ପ୍ରଧାନ ବିଚାରପତି। ଯଦି ମେଟା ଭାରତୀୟ ସମ୍ବିଧାନକୁ ମାନୁନି ତେବେ ଭାରତ ଛାଡିଦେଉ ବୋଲି ସେ କହିଛନ୍ତି। କୋର୍ଟ ଆହୁରି ମଧ ପଚାରିଛନ୍ତି ଯେ, ମେଟା ଅନେକ ପଲିସି କରୁଛି। ଯାହାକୁ ରାସ୍ତା କଡରେ ଦୋକାନ ଦେଇଥିବା ଏବଂ କେବଳ ତାମିଲ କହୁଥିବା ଜଣେ ଗରିବ ମହିଳା କିପରି ବୁଝିବ। ଅନେକ ସମୟରେ କୋର୍ଟ ପାଇଁ ମଧ ମେଟାର ପଲିସି ବିଷୟରେ ଜାଣିବା କଷ୍ଟକର ହୋଇପଡେ। ବିହାରର ଗ୍ରାମାଞ୍ଚଳରେ ଥିବା ଜଣେ ବ୍ୟକ୍ତି ମେଟାର ପଲିସି ବିଷୟରେ କେମିତି ଏତେ କଥା ଜାଣିବ ବୋଲି ମଧ ନ୍ୟାୟାଳୟ ପଚାରିଛନ୍ତି।

ଜଷ୍ଟିସ ସୂର୍ଯ୍ୟକାନ୍ତ ନିଜର ଏକ ଅଭିଜ୍ଞତାକୁ ନେଇ କହିଛନ୍ତି ଯେ, ଦେହ ଖରାପ ସମୟରେ ଜଣେ ବ୍ୟକ୍ତି ଡାକ୍ତରଙ୍କୁ ହ୍ୱାଟସଆପରେ ଜଣାଇଥାଏ। ଯଦି ହ୍ୱାଟସଆପରେ ଡାକ୍ତର କିଛି ମେଡିସିନ୍ ପ୍ରେସକ୍ରାଇବ୍ କରନ୍ତି ତେବେ କିଛି ସମୟରେ ସେହି ସବୁ ମେଡିସିନରେ ବିଜ୍ଞାପନ ଆସିବା ଆରମ୍ଭ ହୋଇଯାଏ। ଏସବୁ ପ୍ରଶ୍ନରେ ମେଟା ପକ୍ଷରୁ ଲଢୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗି ଏବଂ ଅଖିଲ ସିବଲ କହିଛନ୍ତି ଯେ, ହ୍ୱାଟସଆପ ସଦାବେଳେ ମେସେଜର ଗୋପନୀୟତାକୁ ଗୁରୁତ୍ୱ ଦିଏ। ଚାଟ୍ କୁ କମ୍ପାନୀ ନିଜେ ମଧ ପଢ଼ିପାରିବ ନାହିଁ। ତେବେ ଏହି ଉତ୍ତରରେ ସୁପ୍ରିମକୋର୍ଟ ସନ୍ତୁଷ୍ଟ ହୋଇନଥିଲେ।

### ଭାରତ, ପାକିସ୍ତାନ ଓ ଆଫଗାନିସ୍ତାନ ମଧରେ ଆମେ ମଧସ୍ଥି ନୁହଁ

# ବିବାଦରୁ ନିଜକୁ ଦୂରେଇ ରଖିଲା ରୁଷ



ମସ୍କୋ, ୩।୨: ଭାରତ-ପାକିସ୍ତାନ ବିବାଦରୁ ରୁଷ ନିଜକୁ ଦୂରେଇ ରଖିଛି। ଦିଲ୍ଲୀ ଓ ଇସଲାମାବାଦ ସେମାନଙ୍କର ସମସ୍ୟାଗୁଡ଼ିକୁ ପୂର୍ବ ସିମଲା ଚୁକ୍ତି ତଥା ଲାହୋର ଘୋଷଣାନାମା ଅନୁଯାୟୀ ସମାଧାନ କରିବାକୁ କହିଛି। ରୁଷ ସ୍ପଷ୍ଟ କରିଛି, ଆମେ ଭାରତ ଓ ପାକିସ୍ତାନ ଅବା ଆଫଗାନିସ୍ତାନ ଓ ପାକିସ୍ତାନ ମଧରେ ଉତ୍ତେଜନା ସମାଧାନ ପାଇଁ ମଧସ୍ଥତା କରୁନାହୁଁ। ଯଦି କୌଣସି ପକ୍ଷ ଅନୁରୋଧ କରନ୍ତି ତେବେ ଆମେ ସହାୟତା କରିବାକୁ ପ୍ରସ୍ତୁତ। ତେବେ ବର୍ତ୍ତମାନ ଏପରି କୌଣସି ପ୍ରକ୍ରିୟା ନାହିଁ। ଭାରତ ଓ ପାକିସ୍ତାନ ମଧରେ ସମ୍ପର୍କ ଅଧିକାଂଶ ସମୟ ଉତ୍ତେଜନାପୂର୍ଣ୍ଣ ରହିଛି। ସେହିପରି ଆଫଗାନିସ୍ତାନ ସହିତ ପାକିସ୍ତାନର ସମ୍ପର୍କ ମଧ ବର୍ତ୍ତମାନ ତିକ୍ତ ହେବାରେ ଲାଗିଛି। ରୁଷ ବୈଦେଶିକ ମନ୍ତ୍ରୀ ସେରଗେ ଲାଭରୋଭଙ୍କୁ ପଚରା ଯାଇଥିଲା ଯେ, ପାକିସ୍ତାନ, ଭାରତ ଓ ଆଫଗାନିସ୍ତାନ ମଧରେ ଉତ୍ତେଜନା ହ୍ରାସ କରିବାରେ ମଧସ୍ଥତାର ଭୂମିକାକୁ ରୁଷ କିପରି ଦେଖେ। ଏହାର ଉତ୍ତରରେ ରୁଷ ବୈଦେଶିକ ମନ୍ତ୍ରଣାଳୟ କହିଛି, ରୁଷ ଏହି ଦେଶଗୁଡ଼ିକ ମଧରେ ମଧସ୍ଥତା ଭାବରେ କାର୍ଯ୍ୟ କରେନାହିଁ। ଯଦି ଏହି ଦେଶଗୁଡ଼ିକ ଅନୁରୋଧ କରନ୍ତି, ତେବେ ଆମେ ଯେକୌଣସି ମତଭେଦ ସମାଧାନରେ ସମସ୍ତ ପ୍ରକାରର ସହାୟତା ଯୋଗାଇବାକୁ ସର୍ବଦା ପ୍ରସ୍ତୁତ ରହିଛୁ।

ରୁଷର ବୈଦେଶିକ ମନ୍ତ୍ରଣାଳୟ କହିଛି, ୨୦୨୫ ମସିହାରେ ପାକିସ୍ତାନ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଓ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ମଧରେ ଏକ ବୈଠକ ମଧ ସାମିଲ ଥିଲା। ଏହା ଉଭୟ ଦେଶର ସହଯୋଗ ବିସ୍ତାର କରିବାର ଇଚ୍ଛାକୁ ଦର୍ଶାଇଥିଲା। ୨୦୩୦ ପର୍ଯ୍ୟନ୍ତ ଋଷ ଓ ପାକିସ୍ତାନ ବାଣିଜ୍ୟ ତଥା ଆର୍ଥିକ ସହଯୋଗର ବିକାଶ ପାଇଁ ଏକ କାର୍ଯ୍ୟକ୍ରମ ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଦଶନ୍ଧି ଧରି ରୁଷ ଓ ଭାରତ ବିଶ୍ୱସ୍ତ ସହଯୋଗୀ ହୋଇଆସିଛନ୍ତି। ଏହି ସମୟରେ ପାକିସ୍ତାନକୁ ଆମେରିକୀୟ ସମର୍ଥକ ଶିବିର ଭାବରେ ବିବେଚନା କରାଯାଉଛି । ଫଳସ୍ୱରୂପ, ରୁଷ ସହିତ ପାକିସ୍ତାନର ବୃଦ୍ଧି ପାଉଥିବା ଘନିଷ୍ଠତା ବିଶ୍ୱବ୍ୟାପୀ ଦୃଷ୍ଟି ଆକର୍ଷଣ କରିଛି। ପାକିସ୍ତାନ ଅନେକ କ୍ଷେତ୍ରରେ ରୁଷ ସହିତ ସମ୍ପର୍କ ଉନ୍ନତ କରିବା ପାଇଁ କାର୍ଯ୍ୟ କରୁଛି। ଚୀନ୍ ମଧ ଏହି କ୍ଷେତ୍ରରେ ପାକିସ୍ତାନକୁ ସହାୟତା ଜାରି ରଖିଛି।

# ଚାନ୍ଦିପୁରରୁ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା



ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ): ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ଲଗାତାର ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟାରେ ନୂଆ ନୂଆ ସଫଳତା ମିଳିଛି। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ମଙ୍ଗଳବାର ସକାଳେ ଓଡ଼ିଶା ଉପକୂଳର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ରେଞ୍ଜରୁ ସଲିଡ୍ ଫୁଏଲ୍ ଡକ୍ଟେଡ୍ ରାମଜେଟ୍ ପ୍ରଯୁକ୍ତିବିଦ୍ୟା ସଫଳ ପରୀକ୍ଷଣ କରିଛି। ଏହି ସଫଳ ପରୀକ୍ଷଣ ସହିତ, ଭାରତ ଏହି ଉନ୍ନତ ପ୍ରଯୁକ୍ତିବିଦ୍ୟା ଥିବା କିଛି ସୀମିତ ଦେଶ ମଧ୍ୟରେ ସାମିଲ ହୋଇଛି।

ଏହି ପ୍ରଯୁକ୍ତିବିଦ୍ୟା ଦୂରଗାମୀ ଆକାଶରୁ ଆକାଶ କ୍ଷେପଣାସ୍ତ୍ର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ପରୀକ୍ଷଣ ସମୟରେ, ସମସ୍ତ ପ୍ରମୁଖ ଉପ-ପ୍ରଣାଳୀ ଆଶା ଅନୁଯାୟୀ କାର୍ଯ୍ୟ କରିଥିଲା। ଏଥିରେ ନୋଜଲ୍-ଲେସ୍ ବୁଷ୍ଟର୍, ସଲିଡ୍ ଫୁଏଲ ଡକ୍ଟେଡ୍ ରାମଜେଟ୍ ମୋଟର ଏବଂ ଫୁଏଲ ଫ୍ଲୋ କଣ୍ଟ୍ରୋଲର ଅନ୍ତର୍ଭୁକ୍ତ ରହିଥିଲା। ସିଷ୍ଟମକୁ ପ୍ରଥମେ ଗ୍ରାଉଣ୍ଡ ବୁଷ୍ଟର ମୋଟର ସାହାଯ୍ୟରେ ନିର୍ଦ୍ଧାରିତ ମାକ୍ ନମ୍ବରରେ ପହଞ୍ଚା ଯାଇଥିଲା। ଏହା ପରେ ଏସଏଫଡିଆର ସିଷ୍ଟମ ସଫଳତାର ସହ ନିୟୋଜିତ ହୋଇଥିଲା। ଚାନ୍ଦିପୁରର ଆଇଟିଆର ଦ୍ୱାରା ବଙ୍ଗୋପସାଗର ଉପକୂଳରେ ନିୟୋଜିତ ଏକାଧିକ ଟ୍ରାକିଂ ଉପକରଣରୁ ପ୍ରାପ୍ତ ଉଡ଼ାଣ ତଥ୍ୟରୁ ପରୀକ୍ଷଣ ସଫଳ ଥିବା ସ୍ପଷ୍ଟ କରାଯାଇଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏସଏଫଡିଆର ପ୍ରଯୁକ୍ତିର ସଫଳ ପ୍ରଦର୍ଶନ ପାଇଁ ଡିଆରଡିଓକୁ ଅଭିନନ୍ଦନ ଜଣାଇଛନ୍ତି।

## ଆତଙ୍କବାଦୀଙ୍କ ହାତରେ ପଡ଼ିବ ବାଂଲାଦେଶ

# ନିର୍ବାଚନ ବର୍ଜନ ଲାଗି ଅପିଲ୍ କଲେ ହସିନାଙ୍କ ପୁଅ



ଢାକା, ୩।୨: ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପୁଅ ସଜୀବ ୱାଜେଦ ଜୟ ନିର୍ବାଚନ ବର୍ଜନ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସଜୀବ କହିଛନ୍ତି ଯେ, ବାଂଲାଦେଶରେ ଫେବୃଆରି ୧୨ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ପକ୍ଷପାତିତା ଓ ଜାଲିଆତି ହେବା ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ସେ ଲୋକମାନଙ୍କୁ ନିର୍ବାଚନରୁ ଦୂରେଇ ରହିବାକୁ ଓ ଭୋଟ ଦେଇ ଏକ ମିଥ୍ୟା ନିର୍ବାଚନକୁ ଆଇନଗତ ନକରିବାକୁ ଅନୁରୋଧ କରିଛନ୍ତି। ଶେଖ ହସିନାଙ୍କ ଆୱାମୀ ଲିଗ୍‌କୁ ବାଂଲାଦେଶରେ ହେବାକୁ ଥିବା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଅନୁମତି ଦିଆଯାଇନାହିଁ। ଏହି ନିଷ୍ପତ୍ତି ଆୱାମୀ ଲିଗ୍ ନେତାଙ୍କ ଅସନ୍ତୋଷକୁ ବଢ଼ାଇ ଦେଇଛି। ଏକ କାର୍ଯ୍ୟକ୍ରମରେ ଭିଡିଓ କଲ୍ ମାଧ୍ୟମରେ ଭାଷଣ ଦେଇ ସଜୀବ କହିଛନ୍ତି, ଆତଙ୍କବାଦୀମାନେ ପ୍ରକୃତରେ ବାଂଲାଦେଶକୁ ଶାସନ କରୁଛନ୍ତି। ମହମ୍ମଦ ୟୁନୁସ୍ ଇସଲାମିକ୍ ଉଗ୍ରବାଦୀଙ୍କ ପାଇଁ ଏକ ମୋର୍ଚ୍ଚା କରିଛନ୍ତି। ଦେଶରେ ଲୋକଙ୍କୁ ହତ୍ୟା କରାଯାଉଛି। ଆୱାମୀ ଲିଗ୍ କର୍ମୀ ଓ ନେତାଙ୍କ ବିରୋଧରେ ଅତ୍ୟାଚାର ସମସ୍ତ ସୀମା ଅତିକ୍ରମ କରୁଛି। ଆଗାମୀ ନିର୍ବାଚନ ବାଂଲାଦେଶର ସବୁଠାରୁ ଜାଲିଆତି ହୋଇଥିବା ନିର୍ବାଚନ ହେବାକୁ ଯାଉଛି। ଆମେରିକାର ଦୀର୍ଘଦିନ ଧରି ବାସ କରୁଥିବା ସଜୀବ କହିଛନ୍ତି ଯେ, ବାଂଲାଦେଶରେ କେବଳ ଆୱାମୀ ଲିଗ୍‌କୁ ନିର୍ବାଚନ ଲଢ଼ିବା ପାଇଁ ବାରଣ କରାଯାଇଛି। ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀକାଳୀନ ସରକାର ସମସ୍ତ ପ୍ରଗତିଶୀଳ ଦଳଙ୍କୁ ନିଷିଦ୍ଧ କରିଛନ୍ତି। ଏହା ସ୍ପଷ୍ଟ ଯେ, ନିର୍ବାଚନ କେବଳ ଏକ ପ୍ରଦର୍ଶନ ହେବାକୁ ଯାଉଛି। ବାଂଲାଦେଶର ଲୋକଙ୍କ ପାଇଁ ନିଜ ଦେଶକୁ ବଞ୍ଚାଇବା ପାଇଁ ଏହା ଶେଷ ସୁଯୋଗ। ଏହି ନିର୍ବାଚନରେ ବିଏନପି ପ୍ରାୟ ୧୫୦ ଓ ଜମାତ ୧୩୦ ଆସନ ଜିତିବା ନିଶ୍ଚିତ ହୋଇସାରିଛି। ଏହି ନିର୍ବାଚନର ଫଳାଫଳ ପୂର୍ବରୁ ସ୍ଥିର ହୋଇସାରିଛି, କିନ୍ତୁ ଯଦି ଆପଣ ଭୋଟ୍ ନଦିଅନ୍ତି, ତେବେ ଏହି ନିର୍ବାଚନ ବେଆଇନ ହୋଇଯିବ। ଏପରି ପରିସ୍ଥିତିରେ, ଆପଣ ଭୋଟ୍ ଦେବା ଉଚିତ୍ ନୁହେଁ।

## ପଶ୍ଚିମବଙ୍ଗ ସରକାରଙ୍କୁ ରେଳମନ୍ତ୍ରୀଙ୍କ ସମାଲୋଚନା

# ଚିଙ୍ଗ୍ରିଘାଟା ମେଟ୍ରୋ କାର୍ଯ୍ୟରେ ହେଉଛି ଅବହେଳା



କୋଲକାତା,୩।୨ (ସଂଚାର ବ୍ୟୁରୋ): ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପଶ୍ଚିମବଙ୍ଗ ସରକାର ଚିଙ୍ଗ୍ରିଘାଟା ମେଟ୍ରୋ କାମକୁ ଅନୁମତି ଦେଉନାହାନ୍ତି କହି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୁଣି ରାଜ୍ୟକୁ ସମାଲୋଚନା କରିଛନ୍ତି। ଚିଙ୍ଗ୍ରିଘାଟା ମେଟ୍ରୋ କାମ ଠପ୍ ହୋଇଯାଇଛି। ଏଥିପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ଯୋଗୁଁ ମେଟ୍ରୋ କାମର ଗତି ଅଟକି ରହିଛି। ଯଦି କାମ ତୁରନ୍ତ ଆରମ୍ଭ ହୁଏ, ତେବେ ଅରେଞ୍ଜ ଲାଇନର କାମ ୨୦୨୮ ମସିହା ମଧ୍ୟଭାଗ ସୁଦ୍ଧା ଶେଷ ହୋଇଯିବ। ଚିଙ୍ଗ୍ରିଘାଟା ମୋଡରେ ମେଟ୍ରୋ କାମ ଦୀର୍ଘ ଦିନ ଧରି ଅଟକି ରହିଛି। ନ୍ୟୁ ଗଡିଆରୁ କୋଲକାତା ବିମାନବନ୍ଦର ପର୍ଯ୍ୟନ୍ତ ମେଟ୍ରୋ ଲାଇନର ସମ୍ପ୍ରସାରଣ କାମ ଅଟକି ରହିଛି। କେବଳ ୩୬୬ ମିଟର ଅଂଶ ଅସମ୍ପୂର୍ଣ୍ଣ ଅଛି। ସେହି ଅଂଶଟି ଚିଙ୍ଗ୍ରିଘାଟା ମୋଡରେ ଅଛି। ସେହି ଅଂଶରେ କାମ ପାଇଁ ବାଇପାସକୁ ଯାତାୟାତ ପାଇଁ ବନ୍ଦ କରିବାକୁ ପଡିବ। କୋର୍ଟଙ୍କ ନିର୍ଦ୍ଦେଶ ପରେ, ଚିଙ୍ଗ୍ରିଘାଟାକୁ ନେଇ ରାଜ୍ୟ, କେନ୍ଦ୍ର, ନିର୍ମାଣ କମ୍ପାନୀ ଆର୍‌ଭିଏନ୍‌ଏଲ୍ ସମେତ ସମ୍ପୃକ୍ତ ସମସ୍ତ ପକ୍ଷର ପ୍ରତିନିଧିଙ୍କ ସହିତ ଅନେକ ବୈଠକ ଅନୁଷ୍ଠିତ ହୋଇଥିଲା। କିନ୍ତୁ ବାସ୍ତବରେ, ସେହି ଚିଙ୍ଗ୍ରିଘାଟାରେ କାମର ଗତି ସ୍ଥଗିତ ରହିଛି।

# ୮ କୋଟିର ବ୍ରାଉନସୁଗର ଜବତ, ୫ ଗିରଫ

କୋଲକାତା,୩।୨(ସଂଚାର ବ୍ୟୁରୋ): ଇଂରାଜୀ ବଜାରରେ ହିଁ ଏକ ବ୍ରାଉନସୁଗର କାରଖାନା ବେଧଡ଼କ ଭାବରେ ଚାଲୁଥିଲା। ପୁଲିସ ଏକ ଗୁପ୍ତ ଆଡ୍ଡା ଉପରେ ଚଢାଉ କରି ୧୬ କିଲୋ ୯୯୮ ଗ୍ରାମ ବ୍ରାଉନସୁଗର ଏବଂ ଡ୍ରଗ୍ସ ତିଆରି ପାଇଁ କଞ୍ଚାମାଲ ଜବତ କରିଛି। ଯାହାର ବଜାର ମୂଲ୍ୟ ପ୍ରାୟ ୮ କୋଟି ଟଙ୍କା। ଡ୍ରଗ୍ସ ବ୍ୟତୀତ ୮ ଲକ୍ଷ ୭୮ ହଜାର ୫୦୦ ଟଙ୍କା ମୂଲ୍ୟର ନଗଦ ଜବତ କରାଯାଇଛି। ଗୁପ୍ତ ସୂତ୍ରରୁ ସୂଚନା ପାଇ ପୁଲିସ ମାଲଦାର ଇଂରାଜୀ ବଜାରର କୁମାରପୁର ଅଞ୍ଚଳରେ ଚଢାଉ କରିଥିଲା। ପୁଲିସ ସେଠାରେ ଥିବା ଏକ ଗୋଦାମରୁ ବ୍ରାଉନସୁଗର ଏବଂ ଡ୍ରଗ୍ସ ତିଆରି ସାମଗ୍ରୀ ସମେତ ବିଭିନ୍ନ ଉପକରଣ ଜବତ କରିଛି। ଘଟଣାସ୍ଥଳରୁ ମୋଟ ୫




ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ତିନି ଜଣ ମହିଳା, ବାକି ଦୁଇ ଜଣ ପୁରୁଷ। ଗିରଫ ଅନିତା କୁମାରୀ, ଦୀପକ କୁମାର ଏବଂ ଗୌରବ ଶାହ ବିହାରର ପୂର୍ଣ୍ଣିଆ ଏବଂ ସମସ୍ତିପୁରର ବାସିନ୍ଦା। ଅନ୍ୟ ଦୁଇ ମହିଳା, ମେହମୁଦା ଖାତୁନ ଏବଂ ମେହବୁବା ଖାତୁନ ଇଂରାଜୀ ବଜାରର ବାସିନ୍ଦା। ପୁଲିସ ଜଣାଇଛି ଯେ ଗୋଦାମ ଭିତରେ ବ୍ରାଉନସୁଗର ତିଆରି ହେଉଥିଲା। ଏହି ଗ୍ୟାଙ୍ଗରେ ଆଉ କିଏ ସାମିଲ ଅଛନ୍ତି ତାହା ଜାଣିବା ପାଇଁ ତଦନ୍ତ ଆରମ୍ଭ ହୋଇଛି।

# ୟୁମନାମ ଖେମଚାନ୍ଦ ମଣିପୁର ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ,୩।୨: ମଣିପୁରରେ ସରକାର ଗଠନ ପ୍ରକ୍ରିୟା ତୀବ୍ର ହୋଇଛି। ୟୁମନାମ ଖେମଚାନ୍ଦ ସିଂହ ମଣିପୁର ବିଜେପି ବିଧାୟକ ଦଳର ନେତା ନିର୍ବାଚିତ ହୋଇଛନ୍ତି ଏବଂ ସେ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ। ୟୁମନାମ ଖେମଚାନ୍ଦ ଦୁଇଥର ବିଧାୟକ ଏବଂ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଛନ୍ତି। ଖେମଚାନ୍ଦ ମୈତେଇ ସମ୍ପ୍ରଦାୟର। ତାଙ୍କ ନାମ ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ. ବୀରେନ ସିଂହ ନିଜେ ପ୍ରସ୍ତାବ ଦେଇଥିଲେ। ଦୀର୍ଘ ଦିନ ଧରି ଜାତିଗତ ହିଂସା ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ. ବୀରେନ ସିଂହଙ୍କ ଇସ୍ତଫା ପରେ ଗତ ଫେବୃଆରୀ ୧୩ ତାରିଖରୁ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା। ବିଜେପି ସଂସଦୀୟ ବୋର୍ଡ ମଣିପୁରରେ ବିଧାୟକ ଦଳ ନେତାଙ୍କ ନିର୍ବାଚନ ପାଇଁ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବରେ ନିଯୁକ୍ତ କରିଥିଲା। ଚଳିତ ବର୍ଷ ଫେବୃଆରୀ ୧୨ ତାରିଖରେ ରାଷ୍ଟ୍ରପତି ଶାସନ ଶେଷ ହେବାକୁ ଯାଉଛି।

# ସଫେଇ କାର୍ଯ୍ୟକୁ ଜୋରଦାର କଲା ବିଏମ୍‌ସି

● ସହଯୋଗ କାମନା କଲେ ମେୟର ଓ କମିଶନର



ଭୁବନେଶ୍ୱର,୦୩।୨(ସଂଚାର ବ୍ୟୁରୋ): ଚଳିତ ୨୦୨୫-୨୬ ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କୁ ଦେଶର ଏକ ନମ୍ବର ସହରରେ ପରିଣତ କରିବା ସକାଶେ ମେୟର ସୁଲୋଚନା ଦାସଙ୍କଠାରୁ ଆରମ୍ଭ କରି କମିଶନର ଚଞ୍ଚଳ ରାଣା, ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ଅଧ୍ୟକ୍ଷା ଓ କର୍ପୋରେଟର ରାଜଧାନୀବାସୀଙ୍କ ସହଯୋଗ କାମନା କରିଛନ୍ତି। ନିଜେ ମେୟର ଓ କମିଶନର ଅଧିକାଂଶ ସମୟ ସକାଳୁ ପ୍ରତ୍ୟକ୍ଷ ଭାବେ ସଫେଇ କାର୍ଯ୍ୟର ତଦାରଖ ବି କରୁଛନ୍ତି। ୮୪ ନମ୍ବରରୁ ଆସି ବିଏମ୍‌ସି ୨୦୨୪-୨୫ରେ ଦେଶର ନବମ ସ୍ୱଚ୍ଛ ସହର ହୋଇପାରିଛି। ଚଳିତ ବର୍ଷ ତାଲିକାରେ ବିଏମ୍‌ସିକୁ ୩ ନମ୍ବରରେ ରଖିବା ସକାଶେ ଲକ୍ଷ୍ୟରହିଛି।ଏପରିକି ରାଜଧାନୀକୁ ଦେଶର ଏକ ନମ୍ବର ସ୍ୱଚ୍ଛ ସହର ଭାବେ ଗଢ଼ିତୋଳିବା ପାଇଁ ବିଏମ୍‌ସି ତା'ର କାର୍ଯ୍ୟଧାରାକୁ ଜୋରଦାର କରିଛି। ଦୈନିକ ରାସ୍ତା, ଗଳି, କନ୍ଦି ସଫେଇ କରିବା ସହ ନାଗରିକମାନଙ୍କୁ ଏହି କାର୍ଯ୍ୟରେ ସଂଶ୍ଳିଷ୍ଟ କରିବା ପାଇଁ ବର୍ଷତମାମ ଗଣସଫେଇ କାର୍ଯ୍ୟକ୍ରମ ଜାରି ରଖିଛି। ଏହାଦ୍ୱାରା ଲୋକେ ସଚେତନ ହେବା ସହ ନିଜ ନିଜ ଅଞ୍ଚଳକୁ ସଫା ରଖିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ସମ୍ପ୍ରତି ଦୈନିକ ସହରର ୨୩୫୩ କିମିଟର ରାସ୍ତା ସଫେଇ କରାଯାଉଛି। କାର୍ଯ୍ୟରେ ଗ୍ରୀନ ସର୍କଲ, ଜାଗୃତି, ପିଏଚଆର୍, ପିଏମ୍‌ଆର୍, ଲାଏନ୍ସ ଆଦି ଏଜେନ୍ସିର ୩୩୫୩ ସ୍ୱଚ୍ଛ କର୍ମୀ କାମ କରୁଛନ୍ତି।

# ଗାନ୍ଧିଜୀଙ୍କ କାଂସ୍ୟ ପ୍ରତିମୂର୍ତ୍ତି ଚୋରି

ନୂଆଦିଲ୍ଲୀ,୩।୨: ଅଷ୍ଟ୍ରେଲିଆର ମେଲବର୍ଣ୍ଣରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଏକ କାଂସ୍ୟ ପ୍ରତିମୂର୍ତ୍ତି ଚୋରି ହୋଇଛି। ଏହି ଘଟଣାକୁ ଭାରତ କଡ଼ା ନିନ୍ଦା କରିଛି। ବିଦେଶ ବ୍ୟାପାର ମନ୍ତ୍ରାଳୟ କହିଛି ଯେ, ଭାରତ ଉକ୍ତ ପ୍ରସଙ୍ଗକୁ ଅଷ୍ଟ୍ରେଲୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ଼ଭାବେ ଉଠାଇଛି ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛି। ଅଷ୍ଟ୍ରେଲିଆ ପୁଲିସ ଉକ୍ତ ଘଟଣାରେ ତଦନ୍ତ ଆରମ୍ଭ କରିଛି।

ବିଦେଶ ବ୍ୟାପାର ମୁଖପାତ୍ର ରଣଧୀର ଜୈସ୍ୱାଲ କହିଛନ୍ତି, ଅଷ୍ଟ୍ରେଲିଆରେ ୩ ଜଣ ଦୁର୍ବୃତ୍ତଙ୍କ ଦ୍ୱାରା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଭଙ୍ଗାରୁଜା ଘଟଣାକୁ ଭାରତ କଡ଼ା ନିନ୍ଦା କରୁଛି ଏବଂ ଉକ୍ତ ଘଟଣାରେ ତଦନ୍ତ ଦାବି କରୁଛି। ଏହି ଘଟଣା ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାରତ ଦାବି କରିଛି।

# ଚେକ୍ ବାଉନ୍ସ ମାମଲା | ବଢ଼ିଲା ରାଜପାଲଙ୍କ ଅଡୁଆ



ନୂଆଦିଲ୍ଲୀ,୩।୨: ବଲିଉଡ୍ ଅଭିନେତା ରାଜପାଲ୍ ଯାଦବଙ୍କ ଅଡୁଆ ବଢ଼ିଲା । ଦିଲ୍ଲୀ ହାଇକୋର୍ଟ ଚେକ୍ ବାଉନ୍ସ ମାମଲାରେ ବଲିଉଡ ଅଭିନେତା ରାଜପାଲ ଯାଦବଙ୍କୁ ଏକ ବଡ଼ ଝଟକା ଦେଇଛନ୍ତି। ହାଇକୋର୍ଟ ତାଙ୍କୁ ଫେବୃଆରୀ ୪, ୨୦୨୬ ସନ୍ଧ୍ୟା ୪ଟା ସୁଦ୍ଧା ସମ୍ପୃକ୍ତ ଜେଲ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜପାଲ ଯାଦବ ମେସର୍ସ ମୁରଲୀ ପ୍ରୋଜେକ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ କମ୍ପାନୀରୁ ପ୍ରାୟ ୫ କୋଟି ଋଣ ନେଇଥିଲେ। କମ୍ପାନୀ କହିଛି ଯେ, ରାଜପାଲ ଯାଦବ ଟଙ୍କା ପରିଶୋଧ କରିବା ପାଇଁ ଅନେକ ଚେକ୍ ଦେଇଥିଲେ, କିନ୍ତୁ ସେଗୁଡ଼ିକ ସବୁ ବାଉନ୍ସ ହୋଇଗଲା। କମ୍ପାନୀ ରାଜପାଲ ଯାଦବଙ୍କ ବିରୋଧରେ ଏକ ଚେକ୍ ବାଉନ୍ସ ମାମଲା ଦାୟର କରିଥିଲା। ନିମ୍ନ ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ୬ ମାସ ଜେଲ ଦଣ୍ଡ ଦେଇଥିଲେ। ହାଇକୋର୍ଟ ପୂର୍ବରୁ ତାଙ୍କ ଦଣ୍ଡକୁ ସ୍ଥଗିତ ରଖିଥିଲେ। କିନ୍ତୁ ଅଭିନେତା କମ୍ପାନୀକୁ ଋଣ ପରିଶୋଧ କରିବେ ବୋଲି ସର୍ତ୍ତ ରଖିଥିଲେ କୋର୍ଟ। ସେ ଋଣ ପରିଶୋଧ କରିବେ ବୋଲି କୋର୍ଟରେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ରାଜପାଲ ଯାଦବ ବିଫଳ ହୋଇଥିଲେ। କୋର୍ଟ କହିଛନ୍ତି ଯେ, ତାଙ୍କର ଆଚରଣ ଅତ୍ୟନ୍ତ ଅନୁପଯୁକ୍ତ ଏବଂ ସେ କୋର୍ଟର ବିଶ୍ୱାସ ଭାଙ୍ଗିଛନ୍ତି। ଏବେ ସେ ଥାନାରେ ଆତ୍ମସମର୍ପଣ କରିବେ ଏବଂ ତାଙ୍କୁ ଗିରଫ କରାଯାଇପାରେ।

## ବାଚସ୍ପତିଙ୍କ ଉପରକୁ କାଗଜ ଫିଙ୍ଗିବା ମାମଲାରେ ଆକ୍ସନ

# ୮ କଂଗ୍ରେସ ସାଂସଦ ନିଲମ୍ବିତ

- ଚଳିତ ଅଧିବେଶନରେ ଆଉ ଭାଗ ନେଇପାରିବେନି
- ଗୃହ ବୁଧବାର ପର୍ଯ୍ୟନ୍ତ ମୁଲତବୀ
- ନିଷ୍ପତ୍ତିକୁ ବିରୋଧୀ ସାଂସଦଙ୍କ ବିରୋଧ

ନୂଆଦିଲ୍ଲୀ,୩।୨: ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଉପରେ ଚର୍ଚ୍ଚା ସମୟରେ ଲୋକସଭାରେ ମଙ୍ଗଳବାର ବି ଜୋରଦାର ହଙ୍ଗାମା ଦେଖିବାକୁ ମିଳିଛି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଆଜି ପୁଣି ଥରେ ଜେନେରାଲ୍ ଏମ୍‌ଏମ୍ ନରୱେଣଙ୍କ ଅପ୍ରକାଶିତ ଆତ୍ମଜୀବନୀ ସମ୍ପର୍କରେ ଉଲ୍ଲେଖ କରିଥିଲେ, ଯାହାକୁ ଶାସକ ଦଳ ବିରୋଧ କରିଥିଲା। ଏହି ସମୟରେ କେତେକ ବିରୋଧୀ ସାଂସଦ ବାଚସ୍ପତିଙ୍କ ଉପରକୁ କାଗଜ ଫିଙ୍ଗି ଗୃହର ମର୍ଯ୍ୟାଦା ଭଙ୍ଗ କରିଥିଲେ। ଏହି ସାଂସଦମାନଙ୍କ ବିରୋଧରେ ଆଜି ବାଚସ୍ପତି ଓମ୍ ବିର୍ଲା କାର୍ଯ୍ୟାନୁଷ୍ଠାନ ଗ୍ରହଣ ସ୍ୱରୂପ ପୂରା ବଜେଟ୍ ଅଧିବେଶନ ପାଇଁ ଉକ୍ତ ସାଂସଦଙ୍କ ମଧ୍ୟରୁ ୮ ଜଣଙ୍କୁ ନିଲମ୍ବନ କରିଛନ୍ତି। ଅର୍ଥାତ୍ ସେମାନେ ଚଳିତ ଅଧିବେଶନରେ ଆଉ ଗୃହରେ ଉପସ୍ଥିତ ରହିପାରିବେ ନାହିଁ।

ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ବାଚସ୍ପତି ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ ବାଚସ୍ପତିଙ୍କ ଏପରି କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିବା ସହ ବିରୋଧୀ ଦଳର ସାଂସଦମାନେ ରାହୁଲ ଓ ଏଆଇସିସି ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧିଙ୍କ ସହ ମିଶି ସଂସଦ ପରିସରରେ ପ୍ରଦର୍ଶନ କରିଛନ୍ତି। ମଙ୍ଗଳବାର ଅପରାହ୍ଣ ରେ ଚତୁର୍ଥ ଥର ପାଇଁ ଲୋକସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସେତେବେଳେ ବାଚସ୍ପତି ଶ୍ରୀ ବିର୍ଲାଙ୍କ ଆଡ଼କୁ କାଗଜ ଫିଙ୍ଗିଥିବା ସଦସ୍ୟଙ୍କ ନାଁ ଗୃହ ରେକର୍ଡଭୁକ୍ତ କରାଯିବ ବୋଲି କହିଥିଲେ। ଏହାପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜ୍‌ଜୁ ବାଚସ୍ପତିଙ୍କୁ ଅସମ୍ମାନିତ କରିଥିବା ସାଂସଦମାନଙ୍କୁ ନିଲମ୍ବନ କରିବା ସକାଶେ ପ୍ରସ୍ତାବ ଆଗତ କରିଥିଲେ। ଗୃହରେ ଧ୍ୱନି ମତରେ ପ୍ରସ୍ତାବକୁ ମଞ୍ଜୁରି ଦିଆଯାଇଥିଲା।

ନିଲମ୍ବିତ ହୋଇଥିବା ସାଂସଦମାନେ ହେଲେ ଡିନ କୁରିୟାକୋସ, କିରଣ ରେଡ୍ଡୀ, ଅମରିନ୍ଦର ସିଂହ ରାଜା ୱାରିଙ୍ଗ, ମଣିକମ ଟାଗୋର, ଗୁରଜିତ୍ ଔଜଲା, ହିବି ଇଡେନ, ପ୍ରଶାନ୍ତ ପାଡୋଲେ, ଏସ. ଭେଙ୍କଟେସନ। ଏହାପରେ ରାହୁଲଙ୍କ ନେତୃତ୍ୱରେ କଂଗ୍ରେସ ସାଂସଦମାନେ ଲୋକସଭାରେ ଦଳୀୟ ସାଂସଦଙ୍କ ନିଲମ୍ବନ ବିରୋଧରେ ବିରୋଧ ପ୍ରଦର୍ଶନ କରୁଛନ୍ତି। ବିରୋଧୀଙ୍କ ଅଭିଯୋଗ ଯେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସେମାନଙ୍କୁ କହିବାକୁ ଦିଆଯାଉନାହିଁ। ଗୃହରେ ସେମାନଙ୍କର ବି କହିବାର ଗଣତାନ୍ତ୍ରିକ ଅଧିକାର ରହିଛି ବୋଲି ଶ୍ରୀ ଗାନ୍ଧି ବାଚସ୍ପତିଙ୍କୁ ଲେଖିଥିବା ଏକ ଚିଠିରେ ଉଲ୍ଲେଖ କରିଛନ୍ତି।

# ଆତ୍ମସମର୍ପଣ ଲାଗି ରାଜ୍ୟ ସରକାରଙ୍କୁ ଟପ୍ ମାଓନେତାଙ୍କ ଚିଠି

ରାୟଗଡ଼ା,୩।୨(ସଂଚାର ବ୍ୟୁରୋ): ଆତ୍ମ ସମର୍ପଣ ଲାଗି ରାଜ୍ୟ ସରକାରଙ୍କୁ ଟପ୍ ମାଓନେତାଙ୍କ ଚିଠି। ୪ଟି ସର୍ତ୍ତ ରଖି ଆତ୍ମ ସମର୍ପଣ ପାଇଁ ଗୃହ ବିଭାଗକୁ ଚିଠି ଲେଖିଲେ ଟପ ମାଓ ନେତା ନିଖିଲ ଓ ଇନ୍ଦୁ। ସରକାରଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଅସ୍ତ୍ରତ୍ୟାଗ କରିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଚିଠିରେ ଉଲ୍ଲେଖ କରିଛନ୍ତି। ଦୁଇ ଦଶନ୍ଧିରୁ ଅଧିକ ଦିନ ହେଲା ଦୁହେଁ ମାଓ ବାଦୀ ସଂଗଠନ ସହ ଜଡ଼ିତ ଅଛନ୍ତି। ତେବେ ପ୍ରତିବନ୍ଧକ ନ ଲଗାଇ ଦଳିତ, ପଛୁଆବର୍ଗଙ୍କ ହକ୍ ପାଇଁ ଆମକୁ କାର୍ଯ୍ୟ କରିବାକୁ ସୁଯୋଗ ମିଳୁ, ଆତ୍ମସମର୍ପଣ ପରେ ମାଓ ବିରୋଧୀ ଅଭିଯାନରେ ଆମକୁ ସାମିଲ କରାନ ଯାଉ, ପ୍ରତିଶ୍ରୁତି ଅନୁଯାୟୀ ରାଜ୍ୟ ସରକାର ସମସ୍ତ ଆତ୍ମସମର୍ପଣ ନୀତି ଅନୁପାଳନ କରନ୍ତୁ ଓ ଗଣତାନ୍ତ୍ରିକ ଆନ୍ଦୋଳନକୁ ସରକାର କର୍ଣ୍ଣପାତ କରନ୍ତୁ ଆଦି ୪ଟି ସର୍ତ୍ତ ରଖି ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି ନିଖିଲ ଓ ଇନ୍ଦୁ। ଏହି ୪ଟି ସର୍ତ୍ତ ପୂରଣ ଲାଗି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଲେ ଆମେ ଆତ୍ମ ସମର୍ପଣ କରିବୁ ବୋଲି ଚିଠିରେ ଜଣାଇଛନ୍ତି।

# ୫ରୁ କାମ କରିବ ୫୭ ନୂଆ ସବ୍-ରେଜିଷ୍ଟ୍ରାର ଅଫିସ୍

● ସହଜ ହେବ ଜମି କିଣାବିକା

ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ): ଆସନ୍ତା ୫ ତାରିଖରୁ ରାଜ୍ୟରେ ଜମି କିଣାବିକା ପ୍ରକ୍ରିୟା ଅଧିକ ସହଜ ହୋଇପାରିବ। କାରଣ ସେଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୫୭ଟି ନୂଆ ସବ୍-ରେଜିଷ୍ଟ୍ରାର ଅଫିସ କାର୍ଯ୍ୟାରମ୍ଭ କରିବ। ଏହାଦ୍ୱାରା ଜମି କିଣାବିକା ସହ ପଞ୍ଜୀକରଣ ଅପେକ୍ଷାକୃତ ସହଜ ହେବ ବୋଲି ଆଜି ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି। ସମ୍ପ୍ରତି ରାଜ୍ୟରେ ୩୨୨ଟି ସବ୍-ରେଜିଷ୍ଟ୍ରାର ଅଫିସ କାର୍ଯ୍ୟ କରୁଥିବା ବେଳେ ଆଗାମୀ ଦିନରେ ଆହୁରି ସବ୍-ରେଜିଷ୍ଟ୍ରାର ଅଫିସ କାର୍ଯ୍ୟକ୍ଷମ ହେବ ବୋଲି ବିଭାଗ ସ୍ପଷ୍ଟ କରିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଝିଅ ବୋଝ...

ବ୍ୟାଙ୍କ ଆକାଉଣ୍ଟକୁ ଓ ୧୫ ହଜାର ଟଙ୍କା ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ କରାଯାଉଛି। ଯୋଗ୍ୟ ଦମ୍ପତିମାନଙ୍କୁ ଜିଲ୍ଲା/ବ୍ଲକ ସ୍ତରରୁ ଚୟନ କରାଯାଇଛି।

ଓଡ଼ିଶାର ପ୍ରସିଦ୍ଧ ମା' ତାରାତାରିଣୀଙ୍କ ଆଦିଶକ୍ତି ପୀଠରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଯୋଜନା ମୁଖ୍ୟତଃ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାରଙ୍କ ଉପରେ ବିବାହର ଆର୍ଥିକ ଭାର ଲାଘବ କରିବା ସହିତ ମହିଳାଙ୍କ ସମ୍ମାନ, ସାମାଜିକ ସୁରକ୍ଷା, ବିଧବା ପୁନଃବିବାହକୁ ଉତ୍ସାହିତ କରିବା, ଯୌତୁକ ପ୍ରଥାକୁ ନିବାରଣ କରିବା ଦିଗରେ ବହୁ ପରିମାଣରେ ସହାୟତା ପ୍ରଦାନ କରିବ। ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାରେ ଏହା କାର୍ଯ୍ୟକାରୀ କରାଯିବ ଓ ଏଥିପାଇଁ ବଜେଟ୍‌ରେ ୫୯ କୋଟିରୁ ଅଧିକ ଟଙ୍କାର ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ମାଝୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ବଡ଼ ଅଟ୍ଟାଳିକା କିମ୍ବା ରାସ୍ତାଘାଟ କିମ୍ବା ଶିଳ୍ପର କେବଳ ବିକାଶ ହୋଇନାହିଁ, ବରଂ ପ୍ରକୃତ ବିକାଶ ହୋଇଛି ରାଜ୍ୟର ମହିଳାମାନଙ୍କ ସୁରକ୍ଷା, ସେମାନଙ୍କ ପାଇଁ ସୁନ୍ଦର ଭବିଷ୍ୟତ ଗଠନ କରିବା କ୍ଷେତ୍ରରେ। ଏକ ସମୃଦ୍ଧ ଓଡ଼ିଶାରେ ପ୍ରତ୍ୟେକ କନ୍ୟା ଶିକ୍ଷିତ ହେବା ଉଚିତ ଓ ପ୍ରତି ମହିଳା ସୁରକ୍ଷିତ ଜୀବନଯାପନ କରିବାକୁ ହକ୍‌ଦାର। ଆଗାମୀ ଦିନରେ ସୁଭଦ୍ରା ଯୋଜନା ଓ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ରାଜ୍ୟର ମହିଳାମାନଙ୍କୁ ସମସ୍ତ ଦିଗରୁ ସୁରକ୍ଷା ଓ ଆତ୍ମସମ୍ମାନ ପ୍ରଦାନ କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନବଦମ୍ପତିଙ୍କୁ ଅଭିନନ୍ଦନ ଜଣାଇବା ସହ ଏହି ମହତ୍ୱାକାଂକ୍ଷୀ ସରକାରୀ ଯୋଜନା ମୁଖ୍ୟମନ୍ତ୍ରୀଙ୍କ ମାନସ ସନ୍ତାନ। ପୂର୍ବରୁ ଆମେ କଥା ଦେଇଥିଲୁ ସୁଭଦ୍ରା ମା'ମାନଙ୍କ ସାଥୀରେ ସବୁଦିନ ରହିବୁ। ସେହି କଥାକୁ ଆଉ ଦି' ପାଦ ଆଗକୁ ନେଇ କନ୍ୟା ବିବାହ ଦାୟିତ୍ୱ ସମ୍ପନ୍ନ କରୁଛୁ। ମା' ତାରାତାରିଣୀ ଆଶୀର୍ବାଦ କରନ୍ତୁ, ସମସ୍ତଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ହେଉ ବୋଲି ଶ୍ରୀମତୀ ପରିଡ଼ା କାମନା କରିଥିଲେ।

ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ ଯେ ରାଜ୍ୟ ସରକାରଙ୍କ ଏହା ଏକ ମହତ ଜନମଙ୍ଗଳକାରୀ ଯୋଜନା। ମୁଖ୍ୟମନ୍ତ୍ରୀ ସମାଜର ତୃଣମୂଳ ସ୍ତରରେ ଥିବା ସମସ୍ୟାକୁ ହୃଦୟଙ୍ଗମ କରି ଏହି ଯୋଜନାକୁ ପରିକଳ୍ପନା କରିଛନ୍ତି। ଗଞ୍ଜାମ ଜିଲ୍ଲାରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ, ନାରୀ ମାନଙ୍କୁ ସମ୍ମାନ ଦେବାରେ ଆମ ସରକାର କେବେ ବି ଅବହେଳା କରିନାହିଁ। ମୁଖ୍ୟମନ୍ତ୍ରୀଙ୍କ ଏହି ନୂଆ ଯୋଜନା ଓଡ଼ିଶାରେ ଏକ ସାମାଜିକ କ୍ରାନ୍ତି ଆଣିବ। ପରିବାରରେ ଝିଅ ଏକ ବୋଝ ମାନସିକତାରେ ପରିବର୍ତ୍ତନ ଆଣିବ। ଆସ୍କା ସାଂସଦ ଶ୍ରୀମତୀ ଅନିତା ଶୁଭଦର୍ଶିନୀ- ମୁଖ୍ୟମନ୍ତ୍ରୀଙ୍କୁ ଏହି କଲ୍ୟାଣକାରୀ ଯୋଜନ ପ୍ରଣୟନ ପାଇଁ ସାଧୁବାଦ ଜଣାଇ ନବଦମ୍ପତିଙ୍କ ସୁଖମୟ ଜୀବନ କାମନା କରିଥିଲେ। କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଆସ୍କା ବିଧାୟକ ସରୋଜ କୁମାର ପାଢ଼ୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଉପସ୍ଥିତ ରହି ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବିଭାଗୀୟ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ, ଜିଲ୍ଲାପାଳ ଗଞ୍ଜାମ ଭି. କୀର୍ତ୍ତି ୱାସନ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶେୟାର ବଜାରରେ...

ସକାରାତ୍ମକ ପରିବେଶ ସୃଷ୍ଟି କରିଛି। ୨୫ରୁ ୧୮ ପ୍ରତିଶତକୁ ହ୍ରାସ ପାଇଥିବା ଶୁଳ୍କ ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି କରିବା ସହ ଭାରତୀୟ କମ୍ପାନିଗୁଡ଼ିକର ଲାଭରେ ମଧ ଉଲ୍ଲେଖନୀୟ ଉନ୍ନତି ଆଣିବ ବୋଲି ଆଶା କରାଯାଉଛି।

ସେହିପରି ଏହି ଡିଲ୍ ଯୋଗୁଁ ଆଜି ଭାରତୀୟ ମୁଦ୍ରା ମଧ ତା'ର ସ୍ଥିତିକୁ ଆହୁରି ମଝବୁତ କରିପାରିଛି। ଗତ ମାସ ଶେଷ ଆଡ଼କୁ ଡଲାର୍ ତୁଳନାରେ ଟଙ୍କା ସର୍ବାଧିକ ଦୁର୍ବଳ ସାବ୍ୟସ୍ତ ହୋଇଥିବା ବେଳେ ଆଜି ୧ ଟଙ୍କା ୨୦ ପଇସା ଉପରକୁ ଉଠି ୯୦.୪୦ରେ ପହଞ୍ଚିଯାଇଛି। ଭାରତୀୟ ଅର୍ଥନୀତି ପାଇଁ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ଭାବେ ବିବେଚନା କରାଯାଉଛି। ଟଙ୍କା ମୂଲ୍ୟରେ ଏହି ପ୍ରଭାବଶାଳୀ ବୃଦ୍ଧି ଆମଦାନିକୁ ଶସ୍ତା କରିବା ସହ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ପଡୁଥିବା ଅନାବଶ୍ୟକ ଚାପକୁ ମଧ ହ୍ରାସ କରିବ।

ଆହୁରି ଗତ କିଛି ଦିନ ହେଲା ସୁନା ଓ ରୁପା ଦର କ୍ରମାଗତ ଭାବେ ହ୍ରାସ ପାଇଆସିଥିଲେ ହେଁ ଆଜି ଏହି କ୍ଷେତ୍ରରେ ନିବେଶ କରୁଥିବା ନିବେଶକାରୀମାନଙ୍କୁ ପୁଣିଥରେ ଖୁସି ଖବର ମିଳିଛି। କାରଣ ଗତକାଲି ୧୦ ଗ୍ରାମ୍ ପିଛା ଦର ୧,୪୩,୯୯୧ ଟଙ୍କା ଥିବା ବେଳେ ଆଜି ଏହା ୧,୪୯,୪୮୫ ଟଙ୍କାରେ ପହଞ୍ଚିଯାଇଛି। ଏହାଛଡ଼ା ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ୍ ପିଛା ଆହୁରି ୫,୪୯୪ ଟଙ୍କା ବଢ଼ିଛି। ଅନ୍ୟପକ୍ଷରେ ରୁପା କିଲୋଗ୍ରାମ୍ ପିଛା ଆଜି ୨୧ ହଜାର ବଢ଼ି ୨.୪୬ ଲକ୍ଷ ଟଙ୍କାରେ ପହଞ୍ଚିଯାଇଛି।

## ବ୍ୟାସକବିଙ୍କ...

ସଫଳତାର ଚାବିକାଠି କେବଳ ସମର୍ପଣ। ଗୋଟିଏ ସଫଳ ଜୀବନ ଓ ସାର୍ଥକ ଜୀବନରେ ଅନେକ ପାର୍ଥକ୍ୟ ରହିଛି। ଜୀବନରେ ସଫଳ ହେବା ଭଲ, କିନ୍ତୁ ଜୀବନକୁ ସାର୍ଥକ କରିବା ଆହୁରି ଭଲ। ଖ୍ୟାତି, ପ୍ରତିଷ୍ଠା ଓ ଆର୍ଥିକ ସୁରକ୍ଷା ହାସଲ କରିବା ଗୁରୁତ୍ୱପୂର୍ଣ୍ଣ। ହେଲେ ଅନ୍ୟମାନଙ୍କ ପାଇଁ ମଧ କିଛି କରିବା ଉଚିତ। ବିକାଶ ଧାରାରେ ପଛେଇ ଯାଇଥିବା ଲୋକଙ୍କୁ ସାହାଯ୍ୟ କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେବା ସହ ସମାଜର ବିକାଶ ସମସ୍ତଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ହେବା ଦରକାର ବୋଲି କହିଛନ୍ତି। ସମାଜର ସବୁ ବର୍ଗର ବିକାଶ, ସୁରକ୍ଷା ଓ ପ୍ରଯୁକ୍ତିବିଦ୍ୟା ବିକାଶ ଦେଶର ପ୍ରଗତିକୁ ତ୍ୱରାନ୍ୱିତ କରିବ। ଦେଶର ସମସ୍ତ ବିଶ୍ୱବିଦ୍ୟାଳୟର ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମାବେଶୀ ବିକାଶ, ନୂତନ ଉଦ୍ଭାବନ ଓ ସାମାଜିକ ପରିବର୍ତ୍ତନର ମାଧମ ରୂପେ କାର୍ଯ୍ୟ କରିବାର ଗୁରୁଦାୟିତ୍ୱ ବିଶ୍ୱବିଦ୍ୟାଳୟଗୁଡ଼ିକ ଉପରେ ରହିଛି ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି।

କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମଧ ଉପସ୍ଥିତ ଥିଲେ। ଏଠାରେ କାର୍ଯ୍ୟକ୍ରମ ଶେଷ କରିବା ପରେ ରାଷ୍ଟ୍ରପତି ପୁରୀ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ତାଳବଣିଆସ୍ଥିତ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ଶ୍ରୀମତୀ ମୁର୍ମୁ ସିଧାସଳଖ ଲୋକଭବନରେ ପହଞ୍ଚିଛନ୍ତି। ସେଠାରେ ସେ ଆଜି ରାତ୍ରିଯାପନ କରିବା ପରେ ଆସନ୍ତାକାଲି ଶ୍ୱେତଗଙ୍ଗାରେ ପିଣ୍ଡଦାନ କରିବା ସହ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ସକାଶେ ଶ୍ରୀମନ୍ଦିରକୁ ଯିବେ।

## ପ୍ରଥମ ଥର...

ବର୍ଷ ମାର୍ଚ୍ଚ ୮ରେ ଭୁବନେଶ୍ୱର ରେଳ ଷ୍ଟେସନରେ ଓଡ଼ିଶାକୁ ଅନୁପ୍ରବେଶ କରିବା ଅଭିଯୋଗ ନେଇ କ୍ରାଇମ୍ ବ୍ରାଞ୍ଚ୍ ଏସ୍‌ଆଇଟି ପକ୍ଷରୁ ଏହି ୯ ଜଣଙ୍କୁ ଗିରଫ କରାଯାଇଥିଲା। ସେତେବେଳେ ସେମାନଙ୍କ ନିକଟରୁ ବାଂଲାଦେଶୀ ଟଙ୍କା ସହ ଭାରତୀୟ ଟଙ୍କା ଓ ମୋବାଇଲ ମଧ ଜବତ କରାଯାଇଥିଲା।

## କଟକ ଜିଲ୍ଲାପାଳଙ୍କ...

ଏହି ସଂଗ୍ରହାଳୟ ପାଇଁ ସେ ବିଧାୟକ ଥିବା ସମୟରେ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ଭିତ୍ତିପ୍ରସ୍ତର ପଡିଥିଲା। ସେହି କାର୍ଯ୍ୟକ୍ରମକୁ ରାଜ୍ୟସଭାର ଅଧ୍ୟକ୍ଷ ମୁଖ୍ୟ ଅତିଥି ହୋଇ ଯାଇଥିବାରୁ ପ୍ରୋଟକଲ ଦୃଷ୍ଟିରୁ ସେଠାକୁ ତାଙ୍କୁ ନିମନ୍ତ୍ରଣ କରାଯିବା କଥା। କିନ୍ତୁ ଜିଲ୍ଲାପାଳ ଜାଣିଶୁଣି ତାଙ୍କୁ ନିମନ୍ତ୍ରଣ କରିନଥିଲେ। ଏହା ରାଜ୍ୟସଭାର ସବୁ ସଦସ୍ୟ ଓ ଗୃହର ସମ୍ମାନର ପ୍ରଶ୍ନ। ତେଣୁ କଟକ ଜିଲ୍ଲାପାଳଙ୍କୁ ସ୍ୱାଧିକାର ଭଙ୍ଗ ନୋଟିସ ଜାରି କରିବାକୁ ସେ ଦାବି କରିଛନ୍ତି।

## ଭକ୍ତଙ୍କୁ...

ସହଯୋଗରେ ଜଣେ ପ୍ରାର୍ଥୀ ଦେବାକୁ ଅପିଲ କରିବାକୁ ନବୀନଙ୍କୁ ସମୟ ମାଗିଛନ୍ତି।

ବିଜେଡିର ପ୍ରଥମ ପସନ୍ଦ ୩୦ ଭୋଟ ପରେ ଦଳ ହାତରେ ଆଉ ୧୮ ବିଧାୟକଙ୍କ ସମର୍ଥନ ରହୁଛି। କାରଣ ଦୁଇ ଜଣ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନା ମହାକୁଡଙ୍କୁ ଦଳ ନିଲମ୍ବନ କରିଛି। ତେଣୁ ସେମାନଙ୍କୁ ଗଣତିକୁ ନିଆଯାଉନି। ହେଲେ କଂଗ୍ରେସ ପାଖରେ ୧୪ ବିଧାୟକ ଅଛନ୍ତି। ତେଣୁ ବିଜେଡି ଓ କଂଗ୍ରେସ ସହମତିରେ ପ୍ରାର୍ଥୀ ଦେଲେ ୩୨ ଜଣ ପ୍ରଥମ ପସନ୍ଦର ଭୋଟ ରହୁଛି। କିନ୍ତୁ ଭକ୍ତଙ୍କ ଏ ପ୍ରସ୍ତାବରେ ନବୀନ କେତେଦୂର ରାଜି ହେବେ, ତା' ଦେଖିବାର କଥା। କାରଣ ବିଜେଡିର ରାଜନୈତିକ ଦୃଷ୍ଟିଭଙ୍ଗୀ ବିଜେପିଠାରୁ ଅଲଗା ନୁହେଁ। ଏକଥା ପୂର୍ବରୁ ଅନେକ ଥର ପ୍ରମାଣିତ ହୋଇଛି। ବିଜେପିକୁ କ୍ଷୁବ୍ଧ କରି ନବୀନ କଂଗ୍ରେସ ସହ ରାଜନୈତିକ ବୁଝାମଣା କରିବା ସମ୍ଭାବନା ଅତ୍ୟନ୍ତ କ୍ଷୀଣ। ଏହିଦୃଷ୍ଟିରୁ ଭକ୍ତଙ୍କୁ ନବୀନ ସମୟ ଦେଉନଥିବା ଚର୍ଚ୍ଚା ହେଉଛି।

## ଦୋହଲୁଛି...

କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦେଇଛି। ଜିଲ୍ଲା ସଭାପତି ଡାକ୍ତର ଦେବାଶିଷ ମାର୍ଣ୍ଡି ଏବେ ବିଜେଡି ଶିବିରଠାରୁ ଦୂରେଇବାରେ ଲାଗିଛନ୍ତି। ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଗସ୍ତ ଆଳରେ ଦେବାଶିଷ ପଦ୍ମ ଶିବିରର ନିକଟବର୍ତ୍ତୀ ହେବାର ସୂଚନା ମିଳିବା ପରେ ଏବେ ବିଜେଡି କାର୍ଯ୍ୟକାରୀ ଉପସଭାପତି ନିଯୁକ୍ତ କରିଛି।

କେବଳ ଏହି ତିନି ଜିଲ୍ଲା ନୁହେଁ, ଅଧିକାଂଶ ଜିଲ୍ଲାରେ ଦଳର ସର୍ବୋଚ୍ଚ ସଂଗଠନରେ ଏଭଳି ଅବସ୍ଥା। କେହି କାହାରିକୁ ବିଶ୍ୱାସକୁ ନେଇପାରୁନାହାନ୍ତି। ଆଗକୁ କାଳେ କିଛି ଅଘଟଣ ଘଟିବ, ତେଣୁ ସଭାପତିମାନଙ୍କ ପଛରେ ଦଳ ଏକପ୍ରକାର ହୁକ ଲଗାଇଦେଉଛି। କାର୍ଯ୍ୟକାରୀ ଉପସଭାପତିମାନେ ସଭାପତିଙ୍କ ଉପରେ ନଜର ରଖିବା ସହ ନିୟମିତ ଖବର ଦେବେ। ଅତି ଜରୁରୀ ମନେ କଲେ ସଭାପତିଙ୍କୁ ହଟାଇ ସେହି ଚଉକିରେ ସେମାନଙ୍କୁ ବସାଇ ଦିଆଯିବ। ତେବେ ବିଜେଡିର ଏଭଳି ରାଜନୀତି ଦଳ ପାଇଁ ସହାୟକ ହେବ ବି ବୁମେରାଂ ସାଜିବ, ତା' ଆଗାମୀ ଦିନରେ ଜଣାପଡ଼ିବ ବୋଲି କର୍ମୀମାନଙ୍କ ମଧ୍ୟରେ ଆଲୋଚନା ହେଉଛି।

# ତରଡ଼ିଆ ଡ୍ୟାମ୍ ଉନ୍ନତିକରଣ କାମ ନିମ୍ନମାନର

## ସୂଚନା ଫଳକ ନାହିଁ, ହେଉଛି କୋଟି କୋଟି ଟଙ୍କାର କାମ

**ଆନନ୍ଦପୁର,୩।୨(ସଂଚାର ବ୍ୟୁରୋ):** ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ରହିଥିବା ତରଡ଼ିଆ ଡ୍ୟାମ୍ ଉନ୍ନତିକରଣ କାର୍ଯ୍ୟରେ ଦୁର୍ନୀତି ନେଇ ଅଭିଯୋଗ ହୋଇଛି। ନିମ୍ନମାନର କାମକୁ ନେଇ ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି।

କେନ୍ଦୁଝର ଜିଲ୍ଲା ସୀମାନ୍ତ ମୟୂରଭଞ୍ଜ ଜିଲ୍ଲାରେ ରହିଛି ତରଡ଼ିଆ ଡ୍ୟାମ୍ ୪୫ବର୍ଷ ତଳେ ଜଙ୍ଗଲରୁ ବହି ଆସିଥିବା ଝରଣାର ଜଳକୁ ଗଚ୍ଛିତ ରଖି ଚାଷକାମରେ ବ୍ୟବହାର କରିବାପାଇଁ ଏହି ଡ୍ୟାମ୍ ନିର୍ମାଣ କରାଯାଇଥିଲା। ଏହି ଡ୍ୟାମ୍‌ର ପାଣି ଦ୍ୱାରା ଆନନ୍ଦପୁର ବ୍ଲକ୍ କୋଡ଼ପଡ଼ା ପଞ୍ଚାୟତର ଭୋଗପୁର, ଗୁଳାବନ୍ଧ, କୋଳାଗଡ଼ିଆ, କୋଡ଼ପଡ଼ା, ତଳେଇପାଳ ଅଞ୍ଚଳର ଚାଷଜମି ଜଳସେଚିତ ହେଉଛି ସେହିପରି ଗୋଡ଼ଭଙ୍ଗା, କୋଳାଗଡ଼ିଆ ଗ୍ରାମର ଶହେରୁ ଅଧିକ ମତ୍ସ୍ୟଜୀବୀ ଡ୍ୟାମ୍‌ରୁ ମାଛମାରି ପରିବାର ପ୍ରତିପୋଷଣ କରୁଛନ୍ତି। ଡ୍ୟାମ୍‌ର ଉନ୍ନତି କରଣ ପାଇଁ ଅଞ୍ଚଳବାସୀ ଦାବି କରିବା ପରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

କିଛିମାସ ତଳେ ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଡ୍ୟାମ୍ ଓ କେନାଲ କାମପାଇଁ ୪କୋଟି ୫୭ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡର ପରେ କିଛିଦିନ ହେଲା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଆରମ୍ଭରୁ କାମକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଡ୍ୟାମ୍ ରାସ୍ତାର ସଂପ୍ରସାରଣ କାମରେ ନିମ୍ନମାନର ଧଳା ମେଟାଲ ବ୍ୟବହାର କରାଯାଉଛି। ଏପରିକି ସୂଚନାଫଳକ ଲଗାଯାଇ ନଥିବାରୁ କାମ ସମ୍ପର୍କରେ ସ୍ଥାନୀୟ ଲୋକେ ଜାଣିପାରୁ ନାହାନ୍ତି। ଡ୍ୟାମ୍‌ର ଜଳଧାରଣ କ୍ଷମତା ବୃଦ୍ଧି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଆନନ୍ଦପୁର ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସୂଚନାଫଳକ ଲଗାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। କାମ ଠିକ୍ ଭାବେ ନକରିଲେ ଠିକାଦାର ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।



# ଖୋର୍ଦ୍ଧା ଜିଲ୍ଲାରେ କୁଷ୍ଠ ସଚେତନତା ଅଭିଯାନ



**ଖୋର୍ଦ୍ଧା,୩।୨(ସଂଚାର ବ୍ୟୁରୋ):** ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଅଧୀନରେ ଆରମ୍ଭ ହୋଇଥିବା ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ ଖୋର୍ଦ୍ଧା ଜିଲ୍ଲାରେ ଆରମ୍ଭ ହୋଇଥିଲା। ଏହି ଶୁଭାରମ୍ଭ ଜାତୀୟ କୁଷ୍ଠ ବିରୋଧୀ ଦିବସ ପାଳନ ସହିତ ଅନୁଷ୍ଠିତ ହୋଇଛି। ଏହି ଅଭିଯାନର ଲକ୍ଷ୍ୟ କୁଷ୍ଠ ରୋଗ ବିଷୟରେ ସଚେତନତା ବୃଦ୍ଧି କରିବା, ପ୍ରାରମ୍ଭିକ ଚିହ୍ନଟକୁ ପ୍ରୋତ୍ସାହିତ କରିବା ଏବଂ ରୋଗ ସହିତ ଜଡିତ କଳଙ୍କକୁ ଦୂର କରିବା। ଜିଲ୍ଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମକୁ ଖୋର୍ଦ୍ଧାର ସିଡିଏମ୍ ଏବଂ ପିଏଚ୍‌ଓ ଡକ୍ଟର ସଞ୍ଜୟ ଚନ୍ଦ୍ର ରାୟ ଉଦଘାଟନ କରିଥିଲେ। ସେ ସଚେତନତା ପ୍ରସାର, ମିଥ୍ୟାକୁ ଭାଙ୍ଗିବା ଏବଂ ଅନ୍ତର୍ଭୁକ୍ତି ସୁନିଶ୍ଚିତ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଯାହା ଦ୍ୱାରା କେହି ପଛରେ ନପଡ଼ିବେ।

ସେ ଉଲ୍ଲେଖ କରିଥିଲେ ଯେ ୨୦୨୭ ସୁଦ୍ଧା କୁଷ୍ଠ ନିରାକରଣ ଉପରେ ଦୃଢ଼ ଧ୍ୟାନ ଦେଇ ପଞ୍ଚାୟତ ଏବଂ ଗ୍ରାମୀଣ ବିକାଶ ବିଭାଗ ସହିତ ସମନ୍ୱୟରେ ଗ୍ରାମସଭା ମାଧ୍ୟମରେ ପ୍ରମୁଖ ଅଭିଯାନ କାର୍ଯ୍ୟକଳାପ କରାଯିବ। ଖୋର୍ଦ୍ଧାର ଏଡିପିଏଚ୍‌ଓ ଡକ୍ଟର ଇନ୍ଦିରା ରଥ ଗୁରୁତ୍ୱାରୋପ କରିଥିଲେ ଯେ ପ୍ରାରମ୍ଭିକ ଚିହ୍ନଟ ଏବଂ ସମ୍ପୂର୍ଣ୍ଣ କୁଷ୍ଠ ପାଇଁ ଚର୍ମ ସମ୍ବନ୍ଧୀୟ ସମସ୍ୟା ଥିବା ବ୍ୟକ୍ତିମାନଙ୍କ ବ୍ୟାପକ ସ୍କ୍ରିନିଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ସମସ୍ତ ସ୍ୱାସ୍ଥ୍ୟ କର୍ମୀଙ୍କୁ ସ୍କ୍ରିନିଂ ପ୍ରୟାସକୁ ତୀବ୍ର କରିବାକୁ ଅନୁରୋଧ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କ ପ୍ରତିଶ୍ରୁତି ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା, କୁଷ୍ଠ ମୁକ୍ତ ସମାଜ ଗଠନ ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶିତ କରାଯାଇଥିଲା। ସଚେତନତା, ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ସମୟୋଚିତ ଚିକିତ୍ସା।

# ଅଭ୍ୟୁଦୟ ଫାଉଣ୍ଡେସନ ଟ୍ରଷ୍ଟର ରୋଗୀସେବା ଶିବିର



**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ଭୁବନେଶ୍ୱରର ପାଣ୍ଡବନଗରସ୍ଥିତ ଅଭ୍ୟୁଦୟ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ରୋଗୀସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରୋଗୀ ସେବା ହିଁ ଈଶ୍ୱର ସେବା ଏହି ମହାନ ଆଦର୍ଶରେ ଅନୁପ୍ରାଣିତ ହୋଇ ଗତ ଦୁଇ ଦିନ ଧରି କଟକ ଓ ଭୁବନେଶ୍ୱରରେ ରୋଗୀସେବା ଶିବିର ଅନୁଷ୍ଠିତ ହୋଇଯାଇଅଛି । ଦୁଃଖି ରଙ୍କିଙ୍କ ସହ ନିଜକୁ ସାମିଲ କରି ସେମାନଙ୍କର ସେବା କରିବାରର ମହାନ କର୍ମକୁ ଆଦରି ନେଇଥିଲେ । ଅନୁଷ୍ଠାନର କାର୍ଯ୍ୟକର୍ତ୍ତାମାନଙ୍କର ଏହି ପ୍ରଚେଷ୍ଟା ଖୁବ୍ ପ୍ରଶଂସନୀୟ ଥିଲା । କଟକର କୁଅଁର ପୁର ଓ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲରେ ବହୁ ରୋଗୀ ଓ ଗରିବ ଅସହାୟ ଲୋକଙ୍କ ଅବସ୍ଥା ବୁଝା ସୁଝା କରିବା ସହ ସେମାନଙ୍କୁ କମ୍ବଳ ଓ ଖାଦ୍ୟ ପ୍ୟାକେଟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୁବକ, ଛାତ୍ର-ଛାତ୍ରୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ଶ୍ରୀଯୁକ୍ତ ପ୍ରବୀର କୁମାର ଆଚାର୍ଯ୍ୟ ରୋଗୀଙ୍କ କଥା ବୁଝି ସେମାନଙ୍କ ମନୋବଳ ବଢାଇଥିଲେ। ସେମାନେ କିପରି ଶୀଘ୍ର ଆରୋଗ୍ୟ ହେବେ ଡାକ୍ତର ପରାମର୍ଶ ଅନୁଷ୍ଠାନର ଅଧକ୍ଷ ତପନ କୁମାର ଶତପଥୀ ଛୁଟି ଦିନରେ ଗୋଟାଏ ଘଣ୍ଟା ଏମାନଙ୍କ ପାଇଁ ସମୟ କୁମାର ଆଚାର୍ଯ୍ୟ ଓ ବରୁଣ କରିଥିଲେ ଓ ଠାକୁରଙ୍କୁ ପ୍ରାର୍ଥନା କରିଥିଲେ। ଅଭ୍ୟୁଦୟ ଫାଉଣ୍ଡେସନ ଟ୍ରଷ୍ଟର ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ବୁଦ୍ଧିଜୀବୀ ମହଲରେ ପ୍ରଶଂସିତ ହୋଇଛି ।

### ସାଧାରଣ ଜନତାଙ୍କ ଆସ୍ଥା ହରାଉଛି ଅସ୍ତରଙ୍ଗ ଥାନା

# ଲୋକଙ୍କୁ ମିଳୁନି ନ୍ୟାୟ; ବଢୁଛି ଅସନ୍ତୋଷ

**କାକଟପୁର/ଅସ୍ତରଙ୍ଗ,୩।୨(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା। ଏଠାରେ ବର୍ଷକୁ ମାମଲା ସଂଖ୍ୟା ୨ଶହ ରୁ ଉର୍ଦ୍ଧ୍ୱ ଛୁଉଁଛି। ସାଧାରଣତଃ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ କାର୍ଯ୍ୟକଳାପ ଉପରେ ଭରସା ହରାଇଲେଣି ସାଧାରଣ ଅଞ୍ଚଳବାସୀ। ବିଗତ କିଛି ମାସ ହେବ ଅସ୍ତରଙ୍ଗ ଥାନା ଅଂଚଳର ବିଭିନ୍ନ ସ୍ଥାନରୁ ଚୋରି ବୃଦ୍ଧି ପାଉଥିବା ବେଳେ ପୋଲିସ କେବଳ ମାମଲା ରୁଜୁ କରି ଚୁପ ବସି ପଡୁଛି। କିନ୍ତୁ ବିଭିନ୍ନ ମନ୍ଦିରରୁ ଚୋରି ସାମଗ୍ରୀ ସହ ଚୋରକୁ ଧରିବାରେ ବିଫଳ। ଗତ କିଛିଦିନ ହେବ ଅସ୍ତରଙ୍ଗ ଥାନା ଅଧୀନ ମାଣ୍ଡୁକି ପଂଚାୟତ ଜାମୁଗାଁରେ ପୂର୍ବ ସପ୍ତାହ ସୋମବାର ଦିନ ପୂର୍ବାହ୍ନରେ ପୂର୍ବ ଶତ୍ରୁତା ଥିବା ବେଳେ ଜମିଜମା ସମସ୍ୟା କୁ ନେଇ ପରସ୍ପର ମାଧ୍ୟମରେ ବାକ ଯୁଦ୍ଧ ପରେ ମାରଣାସ୍ତ୍ର ଆକ୍ରମଣରେ ଉଭୟ ପକ୍ଷରୁ ଚାରିରୁ ଉର୍ଦ୍ଧ୍ୱ ଗୁରୁତର ଥିବା ହେଲେ ଅନେକ ଆହତ ହୋଇଛନ୍ତି। କିନ୍ତୁ ଉଭୟ ପକ୍ଷରୁ ଅସ୍ତରଙ୍ଗ ଥାନାରେ ଅଭିଯୋଗ ହୋଇଥିଲେ ମଧ ଅସ୍ତରଙ୍ଗ ଥାନାରେ କେଶ ନମ୍ବର ୧୪/୨୬, ୧୫/୨୬ରେ ମାମଲା ରୁଜୁ କରି ପୋଲିସ ଚୁପ ବସିଥିବା ବେଳେ ଦୀର୍ଘ ଏକ ସପ୍ତାହ ହୋଇଥିଲେ ମଧ ପୋଲିସ ତଦନ୍ତ କେବଳ ତଦନ୍ତରେ ରହିଯାଇଛି। କିନ୍ତୁ ଗୁରୁତରମାନେ ଭୁବନେଶ୍ୱରରେ ଜୀବନ ସହ ସଂଗ୍ରାମ କରୁଛନ୍ତି। କିନ୍ତୁ ସବୁଠୁ ବିଡମ୍ବନା ବିଷୟ ଗୋଟିଏ ପରିବାରର ୩ଜଣ ସଦସ୍ୟ ମରଣାନ୍ତକ ଆକ୍ରମଣ ଶିକାର ହୋଇ ହସ୍ପିଟାଲରେ ଜୀବନମରଣ ସହ ଲଢୁଥିବା ବେଳେ କିନ୍ତୁ ଅପରପକ୍ଷ ଦୋଷୀମାନେ ଖୁଲମ ଖୁଲା ବୁଲୁଛନ୍ତି। ଦୋଷୀ ମାନଙ୍କ ବିରୋଧ ରେ କଡା ଦଫା ଲଗାଇ ପୋଲିସ ନିରବ ବସିଥିବା ସାଧାରଣ ଚର୍ଚ୍ଚା ହେଉଥିବା ବେଳେ ସାଧାରଣରେ ଆଇନ ଶୃଙ୍ଖଳା ପ୍ରତି ଆସ୍ଥା ଓ ଭରସା ତୁଟି ଗଲାଣି ବୋଲି ଚର୍ଚ୍ଚା ଚାଲିଛି।

# ୪ରେ ବିୟୁଟି କଣ୍ଟେଷ୍ଟର ଗ୍ରାଣ୍ଡ ଫାଇନାଲ



**ପାରାଦୀପ,୩।୨ (ସଂଚାର ବ୍ୟୁରୋ):** ଆସନ୍ତା ଫେବୃୟାରୀ ୪ତାରିଖରେ ଆରମ୍ଭ ହେବାକୁ ଯାଉଛି ପାରାଦୀପ ର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ଆଦିଦେବ ଏଣ୍ଟରଟେନମେଣ୍ଟ' ର ବିୟୁଟି କଣ୍ଟେଷ୍ଟ ଗ୍ରାଣ୍ଡ ଫାଇନାଲ୍। ଏନେଇ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଚାଲିଛି। ପାରାଦୀପ ଜୟଦେବ ସଦନ ସମ୍ମୁଖ ପଡିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ନେଇ ଏହି ବିୟୁଟି କଣ୍ଟେଷ୍ଟର ଗ୍ରାଣ୍ଡ ଫାଇନାଲରେ ଯୋଗଦେବେ ଓଲିଉଡ୍ ର ସିନେ କଳାକାରମାନେ। ଏନେଇ ଗତ ଡିସେମ୍ବର ୨୧ ଓ ଜାନୁଆରୀ ୪ତାରିଖରେ ଆୟୋଜିତ ଅଡିସନ୍‌ରେ ୫୦ଜଣ ପ୍ରତିଯୋଗୀ ଚୟନ ହୋଇଥିବା ବେଳେ ବିୟୁଟି କଣ୍ଟେଷ୍ଟର ଫାଇନାଲକୁ ନେଇ ପାରାଦୀପବାସୀ ଉତ୍ସାହିତ ଥିବା ବେଳେ ୪ତାରିଖ ସଂଧ୍ୟା ରେ ସମସ୍ତ ପାରାଦୀପବାସୀ ଉପଭୋଗ କରିବା ପାଇଁ ଆଦିଦେବ ଏଣ୍ଟରଟେନମେଣ୍ଟର ଅଧକ୍ଷ ନିବେଦନ କରିଛନ୍ତି। ଏହି ଫାଇନାଲ ବିୟୁଟି କଣ୍ଟେଷ୍ଟ ରେ ତିନୋଟି କାଟାଗରି ରଖାଯାଇଛି ପାରାଦୀପ ପରୀ,ପାରାଦୀପ ରାଜକୁମାରୀ ଓ ପାରାଦୀପ ଶ୍ରମତୀ।

# କୋଷ୍ଟାଲ୍ ସାଇକ୍ଲୋଥନକୁ ପାରାଦୀପରେ ସ୍ୱାଗତ




**ପାରାଦୀପ,୩।୨(ସଂଚାର ବ୍ୟୁରୋ):** 'ବନ୍ଦେ ମାତରମ'ର ୧୫୦ତମ ବାର୍ଷିକ ଉତ୍ସବରେ ସି ଆ ଇ ଏ ସ୍ ଏ ଫ୍ ର ବନ୍ଦେମାତରମ୍ କୋଷ୍ଟାଲ୍ ସାଇକ୍ଲୋଥନ ୨୦୨୬। ୨୮ଜାନୁଆରୀରୁ କଲିକତା ବଖାଲିରୁ ସାଇକେଲ ଯୋଗେ ବାହାରି ଥିବା ସିଆଇଏସ୍ଏଫ୍‌ର ଜବାନମାନେ ପାରାଦୀପରେ ପହଞ୍ଚିବା ପରେ ପାରାଦୀପ ବନ୍ଦର ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସାଇକ୍ଲୋଥନ ଅଭିଯାନରେ ୬୫ଜଣଙ୍କ ମଧରେ ୨୫ଜଣ ମହିଳା ସାଇକେଲ ଚାଳକ ଅଛନ୍ତି। ଏହି ସାଇକେଲ ଯାତ୍ରୀ ୯ଟି ରାଜ୍ୟର ପଶ୍ଚିମବଙ୍ଗ, ଓଡିଶା, ଆନ୍ଧ୍ରପ୍ରଦେଶ, ଓ ତାମିଲନାଡୁ ଦେଇ ଶେଷରେ ଫେବୃଆରୀ ୨୨ ତାରିଖରେ ୬ହଜାର କିଲୋମିଟର ଅତିକ୍ରମ କରି କୋଚିନ୍ ଠାରେ ସମାପ୍ତ ହେବ। ସିଆଇଏସ୍ଏଫ୍‌ମାନଙ୍କ ପକ୍ଷରୁ ଉପକୂଳର ସୁରକ୍ଷା ,ପରିବେଶ ର ସୁରକ୍ଷାକୁ ନେଇ ମତ୍ସ୍ୟଜୀବୀ ଏବଂ ଉପକୂଳବାସୀଙ୍କୁ ସଚେତନ କରିବା ପାଇଁ ଏହି ସାଇକ୍ଲୋଥନ ଆରମ୍ଭ ହୋଇଛି। ଏହି ଅବସରରେ ପାରାଦୀପ ଲାଇଟହାଉସ୍ ସମୁଦ୍ର ବେଳାଭୂମିରେ ଆୟୋଜିତ ସାଇକ୍ଲୋଥନ କାର୍ଯ୍ୟକ୍ରମ ରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍. ହରାନାଦ୍ ପତାକା ଦେଖାଇ ସେମାନଙ୍କ ଶୁଭକାମନା କରି ସାଇକେଲ ଯାତ୍ରୀଙ୍କୁ ପାରାଦୀପରୁ ବିଦାୟ ଦେଇଥିଲେ।

# କୋଣାର୍କରେ କୋଷ୍ଟଲ ସାଇକ୍ଲୋଥନକୁ ସ୍ୱାଗତ



**କାକଟପୁର/ଅସ୍ତରଙ୍ଗ, ୩।୨(ସଂଚାର ବ୍ୟୁରୋ):** ଅର୍କକ୍ଷେତ୍ର କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ସିଆଇଏସଏଫ ବନ୍ଦେ ମାତରମ କୋଷ୍ଟାଲ ସାଇକ୍ଲୋଥନକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସାଇକେଲ ଚାଳନା ମାଧ୍ୟମରେ ସୁରକ୍ଷିତ ତଟ ସମୃଦ୍ଧ ଭାରତ ବାର୍ତ୍ତାରେ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା,ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, କୋଣାର୍କ ଏନ୍ଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ,ପଦ୍ମଶ୍ରୀ ଦିଲ୍ଲୀପ ତିର୍କି, ସୁଦର୍ଶନ ପଟ୍ଟନାୟକ ସିଆଇଏସଏଫ ଆଇଜି ଶୀଖର ସହାୟ,କୋଷ୍ଟ ଗାର୍ଡ ଡିଆଇଜି ସତ୍ୟନାରାୟଣ ଦାଶ,ନାଲକୋ ସିଏମଡି ବିଜେନ୍ଦ୍ର ପ୍ରତାପ ସିଂହ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।ଜାନୁୟାରୀ ୨୮ତାରିଖରେ ପଶ୍ଚିମବଙ୍ଗ ବଖାଲିରୁ ଏହି କୋଷ୍ଟାଲ ସାଇକ୍ଲୋଥନ ବାହାରିଥିଲା। ୨୫ଦିନରେ ଭାରତର ୯ଟି ରାଜ୍ୟ ଦେଇ ୬୫୫୩ କିମି ପରିକ୍ରମା କରି ଆସନ୍ତା ଫେବୃୟାରୀ ୨୨ତାରିଖରେ କୋଚିନରେ ଉଦଯାପିତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ୬୫ଜଣ ସିଆଇଏସଏଫର ସୁରକ୍ଷା କର୍ମୀ ସାମିଲ ହୋଇଛନ୍ତି। ସିଆଇଏସଏଫ କମାଣ୍ଡାଣ୍ଟ ରାକେଶ ଚୈଧୁରୀଙ୍କ ତତ୍ତ୍ୱାବଧାନରେ ଏହି ସାଇକ୍ଲୋଥନ ଦଳ କୋଣାର୍କରେ ରାତ୍ରୀଯାପନ କାର୍ଯ୍ୟକ୍ରମ ରହିଛି।

# ସମାସ୍ୟା ଘେରରେ ସହକାରୀ ଶ୍ରମ କାର୍ଯ୍ୟାଳୟ

### ଭଡ଼ାଘରେ ଚାଲିଛି



**ନୀଳଗିରି,୩।୨(ସଂଚାର ବ୍ୟୁରୋ):** ନୀଳଗିରି ସହକାରୀ ଶ୍ରମ କାର୍ଯ୍ୟାଳୟନାମ କା ବାସ୍ତେ ଚାଲିଛି । ବାଲେଶ୍ୱର ଜିଲ୍ଲା. ନୀଳଗିରି ଗଡ଼ଜାତ ଓଡ଼ିଶାରେ ପ୍ରଥମ ଗଡ଼ଯାତ ଭାବରେ ମିଶିଥିଲା। ଏହି ଗୌରବ ଗାଥାକୁ ନେଇ ନୀଳଗିରି ଏକ ଅନ୍ୟତମ ସବଡ଼ିଭିଜନ ଭାବରେ ପରିଚିତ। ଆଜି କିନ୍ତୁ ଜିଲ୍ଲାଶ୍ରମ ଅଧିକାରୀ ଙ୍କ ଅବହେଳା ର ଶିକାର ହୋଇଛି ନୀଳଗିରି ସହକାରୀ ଶ୍ରମ କାର୍ଯ୍ୟାଳୟ । ନିଜସ୍ୱ କାର୍ଯ୍ୟାଳୟ ନ ଥିବାବେଳେ ଭଡା ଘରେ ଉକ୍ତ କାର୍ଯ୍ୟାଳୟ ଚାଲିଛି। ଭଡାରେ ଚାଲିଥିବା ବେଳେ ଉକ୍ତ ଅଫିସରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ସରୋଜିନୀ ନାୟକଙ୍କୁ ବଦଳ କରାଯାଇ ତାଙ୍କ ସ୍ଥାନରେ ବିକ୍ରମ ସ୍ୱାଇଁ ଉକ୍ତ କାର୍ଯ୍ୟାଳୟରେ ପିଅନ ଭାବେ ଯୋଗଦେଇ ଆଉ ଆସୁ ନାହାଁନ୍ତି।

ସୂଚନାରୁ ଜଣାପଡିଛି ଅକ୍ଟୋବର ମାସରୁ ସରୋଜିନୀ ନାୟକଙ୍କୁ ବାଲେଶ୍ୱର ଜିଲ୍ଲା ଶ୍ରମ ଅଧିକାରୀ ଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ତାଙ୍କ ବଦଳରେ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିକ୍ରମ ସ୍ୱାଇଁ ଙ୍କୁ ନୀଳଗିରି ଶ୍ରମ କାର୍ଯ୍ୟାଳୟକୁ ବଦଳି କରାଯାଇଥିଲେ ହେଁ, ବର୍ତ୍ତମାନ ସୁଦ୍ଧା ବିକ୍ରମ ସ୍ୱାଇଁ ନୀଳଗିରି ଶ୍ରମ କାର୍ଯ୍ୟାଳୟକୁ ନ ଆସି ବାଲେଶ୍ୱର ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ଖବର ନେବାରୁ ଜଣାଯାଏ ଯେ ବିକ୍ରମ ସ୍ୱାଇଁ ଗୋଟିଏ ଦିନ ନୀଳଗିରି ଶ୍ରମ କାର୍ଯ୍ୟାଳୟ ରେ କାର୍ଯ୍ୟ ରେ ଯୋଗଦେଇ, ବାଲେଶ୍ୱର ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ କରିବା କେତେଦୂର ଯୁକ୍ତି ସଂଗତ ଅଟେ। ଫଳରେ ନୀଳଗିରି ଶ୍ରମ କାର୍ଯ୍ୟାଳୟରେ ସଠିକ ଭାବେ କାର୍ଯ୍ୟ ହୋଇ ପାରୁ ନାହିଁ। ଉକ୍ତପିଅନକୁ ବାଲେଶ୍ୱର ଜିଲ୍ଲା ଶ୍ରମ କାର୍ଯ୍ୟାଳୟରୁ ନୀଳଗିରି ଶ୍ରମ କାର୍ଯ୍ୟାଳୟରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଥାଇ କେଉଁ କାରଣରୁ ନୀଳଗିରି ଆସୁନାହାନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ହିଞ୍ଜିଳିକାଟୁ,୩।୨(ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରାଞ୍ଚଳସ୍ଥିତ ବି.ନୂଆଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଡ଼ି. ଗୌରୀଙ୍କ ତତ୍ତ୍ୱାବଧାନରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ୯ ନଂ କାଉନସିଲର ରୀନା ଗୌଡ଼ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଏବିଇଓ ବାଳକୃଷ୍ଣ ପାତ୍ର ଓ ସୁଶୀଲ ପାତ୍ର ଯୋଗ ଦେଇଥିଲେ। ଆଗାମୀ ଦିନରେ ଉତ୍ତମ ନାଗରିକ ପାଇଁ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସିଆରସିସି ଅଖିଳ ପଣ୍ଡା ଓ ପରିଚାଳନା କମିଟି ସଭାପତି ଶ୍ରୀକାନ୍ତ ଗୌଡ଼ ମଞ୍ଚାସୀନ ଥିଲେ। ଅପରାହ୍ନରେ ଆଇନଜୀବୀ ଦ୍ୱିତୀକୃଷ୍ଣ ସାବତ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ




**ଧାମନଗର,୩।୨(ସଂଚାର ବ୍ୟୁରୋ):** ଶ୍ରୀରାମ ମହାଯଜ୍ଞ ସମିତି ଧାମନଗର ପକ୍ଷରୁ ଆସନ୍ତା ଶ୍ରୀରାମ ମହାଯଜ୍ଞ ସମିତି ଧାମନଗର ପକ୍ଷରୁ ଆଜି ପବିତ୍ର ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକରେ ସଫଳ ଆୟୋଜନ ପାଇଁ ବିଧି,ବ୍ୟବସ୍ଥା,ସାଂସ୍କୃତିକ ରୂପରେଖ,ସୁରକ୍ଷା ଓ ଜନଭାଗିଦାରୀ ଆଦି ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ଧାମନଗର ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ପରିସରରେ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ତତ୍ତ୍ୱାବଧାନରେ ଓ ଧାମନଗର ଶ୍ରୀ ରାମ ମହାଯଜ୍ଞ ସମିତିର ଆହ୍ୱାନରେ,ସମିତିର ସଭାପତି ସରୋଜ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା।ବୈଠକରେ ମହୋତ୍ସବର ସମ୍ପୂର୍ଣ୍ଣ ରୂପରେଖା, କାର୍ଯ୍ୟକ୍ରମ ତାଲିକା ଓ ବିଭିନ୍ନ ପଞ୍ଚାୟତରୁ ମେଢ଼ ବାହାରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହା ପୂର୍ବରୁ ଚଳିତ ବର୍ଷ ମାର୍ଚ୍ଚ ୧୫ ତାରିଖରେ"ରନ୍ ଫର ରାମ"ନାମରେ ଏକ ଗଣ ଦୌଡ଼ ଆୟୋଜନ କରାଯିବା ସହ ଶିଶୁମାନଙ୍କୁ ନେଇ ସାଇକେଲ ଶୋଭାଯାତ୍ରା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ଧାର୍ମିକ ଉତ୍ସାହ ଓ ପାରମ୍ପରିକ ରୀତିନୀତିକୁ ଉଜାଗର କରିବା ପାଇଁ ୧୦୦୧ କଳସ ଯାତ୍ରା ଆୟୋଜନ କରାଯିବ। ଏହି ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ୩ ଦିନ କାଳ ପାଳନ କରାଯିବ ବୋଲି ସୂଚନା ମିଳିଛି। "ରାମଙ୍କ କର୍ତ୍ତବ୍ୟ, ଆମର କର୍ତ୍ତବ୍ୟ" ବିଷୟବସ୍ତୁକୁ କେନ୍ଦ୍ର କରି ସମାଜିକ ଓ ସାଂସ୍କୃତିକ ସଚେତନତା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ମଧ ସଭାରେ ସହମତି ଦିଆଯାଇଥିଲା।

# ସହକାରୀ ଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା

**ବାଲିଅନ୍ତା,୩।୨(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଅନ୍ତର୍ଗତ ନିଳାଦ୍ରୀ ବିହାର ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ବୀଣାପାଣି ବେହେରାଙ୍କୁ ବିଦ୍ୟାଳୟ ପରିସରରେ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି।ଉକ୍ତ ସଭାରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରବିନାରାୟଣ ଦାସ ସଭାପତିତ୍ୱ କରିଥିଲେ। ମୂଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ତାଲିମ କେନ୍ଦ୍ରର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନିର୍ମଳା କୁମାରୀ ମହାପାତ୍ର ଯୋଗ ଦେଇଥିଲେ। ବାପୁଜୀ




ନୋଡାଲ କ୍ଲଷ୍ଟରର ଅଧୀନ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ। ଅତିଥିମାନେ ବିଣାପାଣି ବେହେରାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନିହାରବାଳା ମହାପାତ୍ର, ନମିତା ଦାସ ଓ ସସ୍ମିତା ନାୟକଙ୍କ ସମେତ ପରିଚାଳନା କମିଟିର ସଭାପତି ଓ ସମସ୍ତ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ଦିବସ ପାଳିତ




**ଖୋର୍ଦ୍ଧା,୩।୨(ସଂଚାର ବ୍ୟୁରୋ):** ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜଙ୍କ ତତ୍ତ୍ୱାବଧାନରେ କଲେକ୍ଟୋରେଟ୍ ଖୋର୍ଦ୍ଧାର ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ କନ୍ୟା ଦିବସ ପାଳିତ ହୋଇଥିଲା। ଏହି ଅବସରରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଜାନୁଆରୀ ୧୭ ରୁ ଜାନୁଆରୀ ୨୪ ତାରିଖ ୨୦୨୬ ପର୍ଯ୍ୟନ୍ତ ଏକ ସପ୍ତାହ ଧରି ଜିଲ୍ଲାର ବିଭିନ୍ନ ସ୍କୁଲ ଏବଂ କଲେଜରେ ଚିତ୍ରାଙ୍କନ, ପ୍ରବନ୍ଧ, ବିତର୍କ ଏବଂ ଅନ୍ୟାନ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଏଡିଏମ୍ ପ୍ରତାପ ଚନ୍ଦ୍ର ବେଉରା, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ପୋଲିସ ଇନ୍ସପେକ୍ଟର ମମତା ପତି ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବରେ ଏଡିଏମ୍ ଶ୍ରୀ ବେଉରା ଜାତୀୟ କନ୍ୟା ଦିବସ ପାଳନର ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ, କନ୍ୟା ସନ୍ତାନଙ୍କ ଅଧିକାର ଏବଂ ସେମାନଙ୍କ ସଶକ୍ତିକରଣ ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ବିସ୍ତୃତ ଭାବରେ କହିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅତିଥିମାନଙ୍କୁ ପରିଚୟ କରାଇଥିଲେ। ଜିଲ୍ଲାର ବିଡିଓ, ସିଡିପିଓ, ସମସ୍ତ ଅଙ୍ଗନୱାଡି ପର୍ଯ୍ୟବେକ୍ଷକ, ଏନଜିଓ ଏବଂ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସ୍ତରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସଂଯୋଜିକା ସସ୍ମିତା ମହାନ୍ତି ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ।

# ହିନ୍ଦୁ ସେନା କଟକ ପୂର୍ବାଞ୍ଚଳ ଶାଖାର ବନ୍ଧୁମିଳନ ଓ ବିଶାଳ ହିନ୍ଦୁ ସମାବେଶ




**କଟକ,୩।୨(ସଂଚାର ବ୍ୟୁରୋ):** ନୂଆବଜାର ସ୍ଥିତ ଗୋଶାଳା ନିକଟସ୍ଥ ପ ଡି ଆ ୦ । ୮ ରେ ହିନ୍ଦୁସେନା କଟକ ପୂର୍ବାଞ୍ଚଳ ଶାଖା ତରଫରୁ ଏକ ବନ୍ଧୁମିଳନ ଓ ବିଶାଳ ହିନ୍ଦୁ ସମାବେଶ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମ ରେ ଓଡ଼ିଶାର ବିଭିନ୍ନ ମଠ ଏବଂ ଆଶ୍ରମର ବହୁ ସାଧୁସନ୍ଥ, ବାଇଶି ଦିଗଭାଗ କଟକ ପୂର୍ବାଞ୍ଚଳ ର ବିଭିନ୍ନ ପୂଜା କମିଟି ର ସଭାପତି ଓ କାର୍ଯ୍ୟକର୍ତ୍ତା, ବିଭିନ୍ନ ସାହି ମୁରବୀ, ବୁଦ୍ଧିଜୀବୀ, ବିଭିନ୍ନ ହିନ୍ଦୁ ସଂଗଠନ ର କାର୍ଯ୍ୟକର୍ତ୍ତା ଓ ଶତାଧିକ ସନାତନୀ ହିନ୍ଦୁ ଯୋଗ ଦେଇଥିଲେ । ସାଧୁସନ୍ଥ ମାନେ ସମସ୍ତ ହିନ୍ଦୁ ଏକାଠି ହେବା, ଗୋମାତା ଙ୍କୁ ସୁରକ୍ଷା ଦେବା, ସର୍ବୋପରି ବିଧର୍ମୀ ଶକ୍ତିମାନଙ୍କ ଠାରୁ ରାଷ୍ଟ୍ରକୁ ରକ୍ଷା କରିବା ଓ ରାଷ୍ଟ୍ର ସେବାକୁ ବ୍ରତୀ କରିବା ପାଇଁ ମତ ରଖିଥିଲେ। ମା ଭାରତୀ ର ସନ୍ତାନ ରୂପେ ଆମେ ସନାତନୀ ହିନ୍ଦୁ ସମାଜକୁ ଏକତାର ସୂତ୍ରରେ ବାନ୍ଧି ରଖିବା ଓ ହିନ୍ଦୁ ବିଚରାଧାରା କୁ ଆଗେଇ ନେବା ଓ ହିନ୍ଦୁ ରାଷ୍ଟ୍ର ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ରେ ହିନ୍ଦୁ ସେନା କଟକ ପୂର୍ବାଞ୍ଚଳ ଶାଖାର ସଭାପତି ଶ୍ରୀ ସୁଜିତ କୁମାର ଦାସ ଅଧକ୍ଷତା କରିଥିଲେ ।

# କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଚାଲିଛି ବେଧଡ଼କ ଇଟାଭାଟି

- ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଫୁ
- ବଢୁଛି ପ୍ରଦୂଷଣ ଓ ଉତ୍ତାପ
- ନୋଟିସକୁ ମାନୁନାହାନ୍ତି ଇଟା ମାଫିଆ



**କାକଟପୁର/ଅସ୍ତରଙ୍ଗ,୩।୨ (ସଂଚାର ବ୍ୟୁରୋ):** ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି । ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ତହସିଲ ଅଞ୍ଚଳରେ ଚାଲିଛି ବେଧଡ଼କ ଇଟାଭାଟି। ଧୂଆଁରେ ପରିବେଷ ପ୍ରଦୂଷଣ ହେଉଛି। ଗତ କିଛି ବର୍ଷ ହେଲା ସ୍ଥାନୀୟ ଅଞ୍ଚଳରେ ତାପମାତ୍ରା ଅହେତୁକ ବୃଦ୍ଧି ପାଉଛି। ଗ୍ରୀଷ୍ମ ଆରମ୍ଭରୁ ହିଁ ଗରମ ଏବଂ ଗୁଳୁଗୁଳିରେ ଜନଜୀବନକୁ ଅସ୍ତବ୍ୟସ୍ତ ହୋଇଯାଉଛି। ଇଟାଭାଟି ଯୋଗୁ ମୃତ୍ତିକା କ୍ଷୟ ହେବାରେ ମଧ ଲାଗିଛି। ବିଭିନ୍ନ ପଂଚାୟତରେ ବେଆଇନ ଭାବେ ଶତାଧିକ ଇଟାଭାଟି ଚାଲିଛି। ସେଗୁଡ଼ିକୁ ତୁରନ୍ତ ବନ୍ଦ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଛନ୍ତି। ତଥାପି ଏ ଦିଗରେ ପଦକ୍ଷେପ ନିଆଯାଉନି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ତହସିଲ ଅଞ୍ଚଳରେ ଥିବା ଗୋଚର ଜମି, ସରକାରୀ ଜମି, ନଦୀ, ନାଳ ଓ ଜଳଉତ୍ସ ନିକଟରେ ଇଟାଭାଟି ଗଢ଼ିଉଠିଛି। ଜଳଉତ୍ସଠାରୁ ୭୫୦ ମିଟର, ଜନବସତିଠାରୁ ହଜାରେ ମିଟର, ମୁଖ୍ୟପଥଠାରୁ ୫୦୦ ମିଟର ଦୂରରେ ଇଟାଭାଟି କରାଯିବାର ନିୟମ ରହିଛି। ଇଟାଭାଟିରେ ଚିମିନି ସ୍ଥାପନ କଲେ ଧୂଆଁ ଉପରକୁ ଛଡ଼ାଯିବ। ବିଡ଼ମ୍ବନାର ବିଷୟ କୌଣସି ଗୋଟିଏ ସ୍ଥାନରେ ମଧ ଏହି ନିୟମ ପାଳନ କରାଯାଉନଥିବା ଦେଖିବାକୁ ମିଳିଛି। ତଥାପି ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଏହା ଦେଖି ଚୁପ୍ ରହୁଛନ୍ତି । କେହି ଅଭିଯୋଗ କଲେ ତହସିଲ୍ କର୍ମଚାରୀ ଲୋକ ଦେଖାଣିଆ ଚଢ଼ଉ କରି ଇଟା ଭାଟି ସ୍ଥାନ ବୁଲି ପକେଟ ଗରମ କରି ଆସୁଛନ୍ତି। ଅନ୍ୟପକ୍ଷରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମଧ ଏ ଦିଗରେ ପଦକ୍ଷେପ ନେଉନାହାନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମଧ କର୍ତ୍ତୃପକ୍ଷ ନିଦାବିଷ୍ଟ ସାଜିଛନ୍ତି । ଏହାର ଫାଇଦା ନେଉଛନ୍ତି ମାଫିଆ। ସ୍ୱଳ୍ପ ମଜୁରିରେ ଲୋକଙ୍କୁ ଖଟାଉଛନ୍ତି। ବେଆଇନ ଭାବେ ଇଟାଭାଟି କରି ମାଲାମାଲ ହେଉଛନ୍ତି।

ରାଜସ୍ୱ ଓ ପ୍ରଦୂଷଣ ବିଭାଗର କୋହଳ ମନୋଭାବ ଯୋଗୁ ଏଭଳି ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ଋଣ ସମ୍ଭାବନା ୩.୧୫ ଲକ୍ଷ କୋଟି

## ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ନାବାର୍ଡର ଆକଳନ

**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (ନାବାର୍ଡ) ପକ୍ଷରୁ ଆଜି ରାଜ୍ୟ କ୍ରେଡିଟ ସେମିନାର ୨୦୨୬-୨୭ ଅନୁଷ୍ଠିତ ହୋଇଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷରେ ଓଡ଼ିଶା ପାଇଁ ୩.୧୫ ଲକ୍ଷ କୋଟି ଟଙ୍କାର ଅଗ୍ରାଧିକାର କ୍ଷେତ୍ର ଋଣ ସମ୍ଭାବନା ରହିଛି ବୋଲି ଆକଳନ କରାଯାଇଛି। ମୋଟ ଆକଳନ ମଧ୍ୟରୁ ଏମ୍ଏସ୍ଏମ୍ଇର ସର୍ବାଧିକ ଅଂଶ ୧.୫୨ ଲକ୍ଷ କୋଟି ଟଙ୍କା ଥିବାବେଳେ କୃଷି କ୍ଷେତ୍ରରେ ୧.୧୪ ଲକ୍ଷ କୋଟି ଟଙ୍କା ରହିଛି। ଅବଶିଷ୍ଟ ଅଂଶ ଗୃହ, ଶିକ୍ଷା, ଅକ୍ଷୟ ଶକ୍ତି, ସାମାଜିକ ଭିତ୍ତିଭୂମି, ରପ୍ତାନି ଋଣ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ରହିଛି।




ଆଲୋଚନାଚକ୍ରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରିଥିବା ବେଳେ ରାଜ୍ୟ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ଆରବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଶାରଦା ପ୍ରସନ୍ନ ମହାନ୍ତି, ଏସବିଆଇର ସିଜିଏମ୍ ଏ.ଡି. ରତ୍ନାତେଜା ଏବଂ ୟୁକୋ ବ୍ୟାଙ୍କର ସିଜିଏମ୍ ତଥା ଏସ୍ଏଲବିସିର ସଂଯୋଜକ ଗୌତମ ପାତ୍ର, ରାଜ୍ୟ ସରକାରଙ୍କ ଅନ୍ୟ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଅନ୍ୟ ଅଂଶୀଦାର ଉପସ୍ଥିତ ଥିଲେ।

ଶାସନ ସଚିବ 'ଓଡ଼ିଶା ଭିଜନ ୨୦୩୬' ଲକ୍ଷ୍ୟ ଉପରେ ରାଜ୍ୟ ସରକାରଙ୍କ ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ ଏବଂ ୨୦୩୬ ସୁଦ୍ଧା ଏକ ବିକଶିତ ରାଜ୍ୟ ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବାର ଉଚ୍ଚାଭିଳାଷୀ ଲକ୍ଷ୍ୟ ହାସଲ ପାଇଁ ସମସ୍ତ ହିତାଧିକାରୀଙ୍କ ସମର୍ଥନ ଲୋଡିଥିଲେ। ଓଡ଼ିଶାର ଭିଜନ ୨୦୩୬ ଆକାଂକ୍ଷା ପୂରଣ କରିବା ପାଇଁ ରାଜ୍ୟ ସରକାର, ସରକାରୀ ଓ ବେସରକାରୀ କ୍ଷେତ୍ରର ଆନ୍ତରିକ ଉଦ୍ୟମ ଆବଶ୍ୟକ। ବର୍ଦ୍ଧିତ ଋଣ ପ୍ରଦାନ ପାଇଁ ବ୍ୟାଙ୍କଗୁଡିକ ଭଲ ଭାବରେ ପ୍ରସ୍ତୁତ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି। ରାଜ୍ୟରେ ଋଣ ବୃଦ୍ଧିକୁ ପ୍ରଶଂସା କରି ଅର୍ଥ ବିଭାଗର ପ୍ରମୁଖ ସଚିବ ଅଧିକ ସନ୍ତୁଳିତ ଏବଂ ସମାବେଶୀ ଆଞ୍ଚଳିକ ବିକାଶ ପାଇଁ ଆହ୍ୱାନ ଦେଇଥିଲେ। ଜନଜାତି ଏବଂ ଅବହେଳିତ ଅଞ୍ଚଳରେ ଋଣ ବୃଦ୍ଧି ଉପରେ ଧ୍ୟାନ ଦିଆଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କ୍ରେଡିଟ ଡିପୋଜିଟ ଅନୁପାତ ବୃଦ୍ଧି ପାଇଁ ସାରା ରାଜ୍ୟରେ ଅଗ୍ରାଧିକାର କ୍ଷେତ୍ରରେ ଋଣ ପ୍ରସାର ବୃଦ୍ଧି କରିବାକୁ ସେ ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକୁ ଆହ୍ୱାନ କରିଛନ୍ତି।

---

ମା' ବିରଜା ଧାମରେ ରାଷ୍ଟ୍ରପତି

# ନାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ

**ଯାଜପୁର,୩।୨(ସଂଚାର ବ୍ୟୁରୋ):** ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରଥମ ଯାଜପୁର ଗସ୍ତକୁ ନେଇ ସମଗ୍ର ଜିଲ୍ଲାରେ ଦେଖାଯାଇଥିଲା ଆନନ୍ଦର ମାହୋଲ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସକାଳ ୯.୩୦ରେ ବାୟୁସେନାର ବିଶେଷ ବିମାନରେ ପହଞ୍ଚି ରାଷ୍ଟ୍ରପତି ପ୍ରଶାସନିକ ଭବନ ପଡ଼ିଆ ହେଲିପ୍ୟାଡରେ ଅବତରଣ କରିଥିଲେ। ସେଠାରେ ରାଜ୍ୟପାଳ ଡ଼ଃ ହରିବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ସାଂସଦ ଡ଼ଃ ରବୀନ୍ଦ୍ର ନାରାୟଣ ବେହେରା, ଜିଲ୍ଲା ବିଜେପି ସଭାପତି, ଜିଲ୍ଲାର ସମସ୍ତ ବିଧାୟକ-ବିଧାୟିକା, ଯାଜପୁର ପୌରାଧ୍ୟକ୍ଷ, ଜିଲ୍ଲାପାଳ ଅମ୍ବର କୁମାର କର, ଏସପି ଯଶ ପ୍ରତାପ ଶ୍ରୀମାଲ ସହ ବରିଷ୍ଠ ପ୍ରଶାସନିକ ଓ ପୁଲିସ ଅଧିକାରୀମାନେ ଉପସ୍ଥିତ ରହି ଭବ୍ୟ ସ୍ୱାଗତ ଜଣାଇଥିଲେ।

କଡ଼ା ସୁରକ୍ଷାରେ ରାଷ୍ଟ୍ରପତି ମା' ବିରଜା ମନ୍ଦିରକୁ ଯାଇଥିଲେ। ପାରମ୍ପରିକ ରୀତିରେ ହସ୍ତପଦ ପ୍ରେକ୍ଷାଳନ କରି ମନ୍ଦିର ପ୍ରବେଶ କରିଥିଲେ। ପ୍ରଥମେ ନାଭିଗୟା କ୍ଷେତ୍ରରେ ପିତୃପୁରୁଷଙ୍କ ନାମରେ ପିଣ୍ଡଦାନ କରିଥିଲେ। ପିଣ୍ଡଦାନ ପରେ ରାଷ୍ଟ୍ରପତି ମା' ବିରଜାଙ୍କ ଦର୍ଶନ କରି ବେଢ଼ା ପରିକ୍ରମା କରିଥିଲେ। ଏହି ସମୟରେ ଗଙ୍ଗେଶ୍ୱର, ମୁକ୍ତେଶ୍ୱର, ସଂହାର ଭୈରବ ଓ ୧୦୮ ଶିବଲିଙ୍ଗ ସହ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରିଥିଲେ। ମୁକ୍ତିମଣ୍ଡପରେ ସେ ଆଶୀର୍ବାଦ ଗ୍ରହଣ କରିଥିଲେ। ମନ୍ଦିର ପରିସର ସମଗ୍ର ବେଦମନ୍ତ୍ର ଓ ହୁଳହୁଳି ନାଦରେ ଗୁଞ୍ଜରିତ ହୋଇଉଠିଥିଲା। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ବୌଦ୍ଧ ମୂର୍ତ୍ତି ଓ ପାରମ୍ପରିକ ଟସର ଶାଢ଼ି ଉପହାର ଦିଆଯାଇଥିଲା। ବିଭିନ୍ନ ସ୍ଥାନରେ ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୂଜା ଓ କାର୍ଯ୍ୟକ୍ରମ ସମାପ୍ତି ପରେ ରାଷ୍ଟ୍ରପତି ସକାଳ ୧୧.୪୦ରେ ପୁନଃ ହେଲିପ୍ୟାଡକୁ ଫେରି ବିଶେଷ ବିମାନରେ ବାଲେଶ୍ୱର ଅଭିମୁଖେ ପ୍ରସ୍ଥାନ କରିଥିଲେ। ରାଷ୍ଟ୍ରପତିଙ୍କ ଏହି ପବିତ୍ର ଗସ୍ତ ଯାଜପୁରର ଐତିହ୍ୟ, ଆଧାତ୍ମିକ ମହତ୍ତ୍ୱ ଓ ସାଂସ୍କୃତିକ ଗରିମାକୁ ଜାତୀୟ ମଞ୍ଚରେ ପୁନର୍ବାର ଉଜାଗର କରିଦେଇଛି।

ଯାଜପୁର ମାଟି ହେଲା ଐତିହାସିକ ମୁହୂର୍ତ୍ତର ସାକ୍ଷୀ



### ଯାଜପୁର ମାଟି ହେଲା ଐତିହାସିକ ମୁହୂର୍ତ୍ତର ସାକ୍ଷୀ

---

● ବେଲଘର ହାତୀ ମୃତ୍ୟୁ ଘଟଣା

## ୪ ଶିକାରୀ ଗିରଫ, ୩ ଦେଶୀ ବନ୍ଧୁକ ଜବତ



**ବାଲିଗୁଡ଼ା ୩।୨ (ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ବେଲଘର ହାତୀ ମୃତ୍ୟୁ ଘଟଣାରେ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୁଣି ଆଉ ୪ ଜଣଙ୍କୁ ଗିରଫ କରିଛି। ହାତୀ ମୃତ୍ୟୁ ପରେ ହାତୀର ମୃତଦେହକୁ ଲୁଚାଇବାକୁ ନିଲମ୍ବିତ ରେଞ୍ଜର ବିନୟ ବିଶି ବ୍ୟବହାର କରିଥିବା ଦୁଇଟି ମାକ୍ସ ପିକଅପ୍ ଗାଡ଼ିକୁ ମଧ ଜବତ କରିବାରେ ସଫଳ ହୋଇଛି। ହାତୀ ମୃତ୍ୟୁ ଘଟଣାରେ ସଂପୃକ୍ତ ଥିବା ଝିରିପାଣି ଗାଁର ଦୁଇ ଶିକାରୀ ଥବିର୍ ପାତ୍ର ଓ ସିକସନ୍ ପାତ୍ରଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ତିନୋଟି ଦେଶୀ ବନ୍ଧୁକ, ଶିକାର କାମରେ ବ୍ୟବହୃତ ତାର, ବିପୁଳ ପରିମାଣରେ ବନ୍ୟଜନ୍ତୁର ଶିଙ୍ଗ, ହାଡ଼, ଚମଡା ଦାନ୍ତକୁ ଜବତ କରିଛି ବନ ବିଭାଗ। ନିଲମ୍ବିତ ଡେପୁଟି ରେଞ୍ଜର ବିନୟ କୁମାର ବିଶିଙ୍କ ସହିତ ହାତୀର ମୃତଦେହକୁ ଲୁଚାଇବାରେ ସହଯୋଗ କରିଥିବା କେସିଙ୍ଗାର ଦୁଇ ଡ୍ରାଇଭର ଅଲେଖ ହିଆଲ୍ ଏବଂ ଦୁଷ୍ମନ୍ତ ପୋଢ଼ଙ୍କୁ ମଧ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ଜାନୁଆରୀ ୫ ତାରିଖ ଦିନ ମୁଣ୍ଡୁଟି ଜଙ୍ଗଲରେ ହାତୀ ମୃତ୍ୟୁ ଘଟଣାକୁ ଚପାଇବାକୁ ପ୍ରଥମେ କାଡାପାନା ନର୍ସରୀରେ ପୋତା ଯାଇଥିଲା ଓ ପରେ ହାତୀର ମୃତଦେହକୁ ୩୨ ଖଣ୍ଡ କରି କାଟି ପଡୋଶୀ କଳାହାଣ୍ଡି ଜିଲ୍ଲା କେସିଙ୍ଗାର ତହସିଲ କେନାଲ ନିକଟରେ ପୋତା ଯାଇଥିଲା । ଏହି ଘଟଣାରେ ଡେପୁଟି ରେଞ୍ଜର ବିନୟ କୁମାର ବିଶି ନିଲମ୍ବିତ ହୋଇଥିବା ବେଳେ ବିନୟଙ୍କ ଡ୍ରାଇଭର ହୃଷୀକେଶ ପଣ୍ଡା ଗିରଫ ହୋଇଥିଲେ। ହାତୀ ମୃତ୍ୟୁ ଘଟଣାକୁ ଚପାଇବାକୁ ତଦନ୍ତକାରୀ ଅଫିସର ଏସିଏଫ୍ ଓ ବନ ବିଭାଗକୁ ମିଥ୍ୟା ତଥ୍ୟ ଦେଇଥିବା ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି। ଏହି ଘଟଣାରେ ଆଉ ୪ ଗିରଫ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ନିଲମ୍ବିତ ଡେପୁଟି ରେଞ୍ଜର ବିନୟ କୁମାର ବିଶି ଫେରାର ଥିବା ଜଣାପଡିଛି ।

---

ମୋ ସାଙ୍ଗେ ଲାଗିଲୁ, ନାମ ନେ'

# ବବିଙ୍କୁ ଟାର୍ଗେଟ କଲେ ଅରିନ୍ଦମ, ଆକାଶ

**ଯାଜପୁର,୩।୨ (ସଂଚାର ବ୍ୟୁରୋ):** ପୁଣି ଚର୍ଚ୍ଚାରେ କରଦା ହରିହାଟ ମହୋତ୍ସବ ମଞ୍ଚ। ଉଦଯାପନୀ ଉତ୍ସବରେ ପୂର୍ବତନ ବିଜେଡି ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ ବବିଙ୍କୁ ଟାର୍ଗେଟ କଲେ ବବିଙ୍କ ଭିଣୋଇ ତଥା ସିନେ ତାରକା ଓ ବିଜେପି ନେତା ଅରିନ୍ଦମ ରାୟ ଏବଂ କୋରେଇ ବିଧାୟକ ଆକାଶ ଦାସ ନାୟକ। ବବିଙ୍କ ବିରୋଧରେ ଦୁଇ ବିଜେପି ନେତାଙ୍କ ଟପ୍ପଣୀ ଯାଜପୁର ରାଜନୀତିକୁ ସରଗରମ କରିଛି।

ଅରିନ୍ଦମ କହିଛନ୍ତି, ଯାଜପୁର ସାଙ୍ଗରେ ମୋର ସଂପର୍କ ଅଛି, ଆପଣମାନେ ଜାଣିଥିବେ। ମୁଁ ୨୦୨୪ ପରଠାରୁ ଯାଜପୁର ଆସି ନଥିଲି, ଆକାଶ ଭାଇ ଆଜି ମୋତେ ଯାଜପୁର ଆସିବାର ସୁଯୋଗ ଦେଇଛନ୍ତି। ଆକାଶ ଭାଇ ବହୁତ ନରମ ଥିଲେ ଏବେ ଗରମ ହେଲେଣି। ଆକାଶଙ୍କୁ ଗରମ କରିବା ପାଇଁ ଅରିନ୍ଦମ ଅଭିନୟ କରିଥିବା ଚଳଚ୍ଚିତ୍ର 'ରଜା ଝିଅ ସଙ୍ଗେ ହୋଇଗଲା ଭାବ'ର ଏକ ଡାଇଲଗ କହିଥିଲେ। ସେ ଡାଇଲଗ ହେଲା - ମୁଁ ମନା କରୁଛି, ମୁଁ ମନା କରୁଛି, ମୋ ସାଙ୍ଗରେ ଲାଗ ନା, ଲାଗ ନା, ନାମ ନେ...। ଆଉ ସେ ଏବେ ନାମ ଦେଇଛନ୍ତି। ଏ ଡାଇଲଗ ଆକାଶ ଭାଇ କହିବା କଥା। କିନ୍ତୁ ମୁଁ ଏହି ଡାଇଲଗ ତାଙ୍କ ପାଇଁ କହୁଛି। ଆକାଶ ଭାଇ ବଢ଼ତେ ଚଲୋ



### 'କୋରେଇବାସୀ ମୁଣ୍ଡ ଖଟେଇଛନ୍ତି, ଖଟ ମୁଣ୍ଡେଇନାହାନ୍ତି'

ହମ୍ ତୁମହାରେ ସାଥ ହେ ବୋଲି କହିଛନ୍ତି ଅରିନ୍ଦମ। କୋରେଇ ବିଧାୟକ ଆକାଶ ମଧ ମଞ୍ଚ ଉପରୁ ବବିଙ୍କୁ ଟାର୍ଗେଟ କରି କହିଛନ୍ତି, କୋରେଇ ଲୋକ ଖଟ ମୁଣ୍ଡେଇ ନାହାନ୍ତି, ମୁଣ୍ଡ ଖଟେଇଛନ୍ତି। କୋରେଇ ଲୋକଙ୍କୁ ବୋକା ଭାବିବନି, କୋରେଇ ଲୋକେ ବହୁତ ଚାଲାକ। ରାମାୟଣରେ ରାବଣ ଛଦ୍ମ ବେଶରେ ଆସିଥିଲେ, ସେହି ଛଦ୍ମବେଶୀ ରାବଣ ଯେଉଁମାନେ ସାଧୁ ବେଶରେ ଆସି ଏବେ କୋରେଇରେ ଘରେ ଘରେ ବୁଲୁଛନ୍ତି, ସେମାନଙ୍କୁ ଆମକୁ ଚିହ୍ନିବାକୁ ପଡ଼ିବ। ଆମେ ଆଉ ଠକେଇର ଶିକାର ହେବାନି। କୋରେଇର ଭାଗ୍ୟ କୋରେଇର ପୁଅ ଏବଂ କୋରେଇବାସୀ ଲେଖିବେ। ଏହିଭଳି ଭାବେ ୨ ବିଜେପି ନେତା ବବିଙ୍କୁ ଟାର୍ଗେଟ କରିଛନ୍ତି।

ଏହି ସମୟରେ ମଞ୍ଚରେ ଉପସ୍ଥିତ ଥିଲେ ବଡ଼ଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀ ପ୍ରଭା ଜେନା, ଉପାଧକ୍ଷଙ୍କ ସମେତ କରଦା ହରିହାଟ ମହୋତ୍ସବ କମିଟିର ସଦସ୍ୟ। ଗତବର୍ଷ ଠିକ୍ ସମାନ ଢଙ୍ଗରେ ବବିଙ୍କୁ ଏହି ମଞ୍ଚ ଉପରୁ ଟାର୍ଗେଟ କରିଥିଲେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ। ଯାହା ରାଜ୍ୟ ରାଜନୀତିରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଥିଲା।

---

## ପୁଣି କୁଳଡିହାରୁ ଦୁଇ ଶିକାରୀ ଗିରଫ

● ବନ୍ୟଜନ୍ତୁ ଦାନ୍ତ, ସିଙ୍ଗ ଓ ଜୀବନ୍ତ ଶୁଆ ଉଦ୍ଧାର

**ନୀଳଗିରି, ୩।୨(ସଂଚାର ବ୍ୟୁରୋ):** କୁଳଡିହା ଅଭୟାରଣ୍ୟରୁ ଆଜି ପୁଣି ଦୁଇ ଶିକାରୀଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ପାଖରୁ ମୃତ ଅଣ୍ଡିରା ହରିଣର ଗୋଟିଏ ସିଙ୍ଗ, ମୃତ ଜଙ୍ଗଲୀ ବାରାହାର ୪ଗୋଟି ଦାନ୍ତ, ଗୋଟିଏ ଜୀବନ୍ତ ଶୁଆ, ଦୁଇଗୋଟି ମୋବାଇଲ ଫୋନ ଜବତ କରାଯାଇଛି। ତେବେ ପୂର୍ବରୁ ସମ୍ପୃକ୍ତି ତିନି ଶିକାରୀ ଗିରଫ ହୋଇଥିବା ବେଳେ ସମୁଦାୟ ଶିକାରୀ ସଂଖ୍ୟା ୫କୁ ଟପିଥିବା ବେଳେ ସମସ୍ତଙ୍କୁ ଗିରଫ କରାଯାଇ ତାଙ୍କ ନାମରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବନବିଭାଗ ସୂଚନା ଦେଇଛି। ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ କୁଳଡିହା ଅଭୟାରଣ୍ୟରୁ ଗତ ୨୨ ତାରିଖରେ ଦୁଇ ସଶସ୍ତ୍ର ଶିକାରୀ ଏବଂ ୨୯ ତାରିଖରେ ଜଣେ ଶିକାରୀଙ୍କୁ ଗିରଫ କରାଯାଇଥିବା ବେଳେ ଏହି ରାକେଟରେ ସମ୍ପୃକ୍ତି ପୁଣି ଦୁଇଜଣ ଶିକାରୀଙ୍କୁ ଆଜି ବନ ବିଭାଗ ଗିରଫ କରି ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

● ବିଜେପି ନେତାଙ୍କ ଘରେ ଆକ୍ରମଣ ଘଟଣା

## ୧୫ ଅଟକ, ପୁଲିସର ଛାନଭିନ୍ ଜାରି

**ଗଜପତି,୩।୨(ସଂଚାର ବ୍ୟୁରୋ):** ଗଜପତି ଜିଲ୍ଲା ମୋହନା ଥାନା ଚାନ୍ଦିପୁଟରେ ଗୋଷ୍ଠୀ ସଂଘର୍ଷ ଘଟିଛି। ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବରାମ ସୁଆରଙ୍କ ଘର ଉପରେ ଆକ୍ରମଣ ଅଭିଯୋଗ ହୋଇଛି। ଗୋଷ୍ଠୀ ସଂଘର୍ଷ ଯୋଗୁଁ ୧୦ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ବ୍ରହ୍ମପୁର ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୁଲିସ ୧୫ଜଣଙ୍କୁ ଉଠାଇ ନେଇ ଅଟକ ରଖି ପଚରାଉଚରା କରୁଛି। ଚାନ୍ଦିପୁଟରେ ଗତକାଲି ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ରାତିରେ ଗୋଟିଏ ଗୋଷ୍ଠୀର ଶତାଧିକ ବ୍ୟକ୍ତି ବିଭିନ୍ନ ପ୍ରକାର ମାରଣାସ୍ତ୍ର ଧରି ଚାନ୍ଦିପୁଟ ବଜାରରେ ଉତ୍ତେଜନା ସୃଷ୍ଟି କରିବା ସହ ବିଜେପି ନେତା ଶିବରାମ ସୁଆରଙ୍କ ଘର ଉପରେ ଆକ୍ରମଣ କରିଥିଲେ। ଯାହାର ଚିତ୍ର ସିସିଟିଭି ରେ କଏଦ ହୋଇଛି। ଏହି ଆକ୍ରମଣରେ ବିଜେପି ନେତାଙ୍କ ମା' ମଧ ଆହତ ହୋଇଛନ୍ତି। ଗାଁରେ ଉତ୍ତେଜନା ଲାଗି ରହିଛି ।

● ଜାତୀୟ କନ୍ୟା ସନ୍ତାନ ଦିବସ

## ସଚେତନତାମୂଳକ ପଦଯାତ୍ରା




**କଟକ,୩।୨(ସଂଚାର ବିରୋ):** ଜାତୀୟ କନ୍ୟା ସନ୍ତାନ ଦିବସ ୨୦୨୬ ପାଳନ ଅବସରରେ ଆଜି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଏକ ସଚେତନତାମୂଳକ ପଦଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଏହି ପଦଯାତ୍ରାର ଉଦଘାଟନ କରି କନ୍ୟାସନ୍ତାନ ମାନଙ୍କର ଶିକ୍ଷା, ସୁରକ୍ଷା, ସ୍ୱାସ୍ଥ୍ୟ, ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଓ ସମାନ ଅଧିକାର ସମ୍ପର୍କରେ ସାମାଜିକ ସଚେତନତା ବୃଦ୍ଧି କରିବା ନେଇ ମତପ୍ରକାଶ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମାଜର ପ୍ରତ୍ୟେକ ବ୍ୟକ୍ତି କନ୍ୟାଶିଶୁଙ୍କ ଅଧିକାର ଓ ସୁରକ୍ଷା ପାଇଁ ସକ୍ରିୟ ଭୂମିକା ନେବାକୁ ସେ ଆହ୍ୱାନ ଦେଇଥିଲେ। ପଦଯାତ୍ରାରେ 'ବେଟି ବଚାଓ, ବେଟି ପଢ଼ାଓ' ପରି ସ୍ଲୋଗାନ୍ ମାଧ୍ୟମରେ ସମାଜକୁ ସକାରାତ୍ମକ ସନ୍ଦେଶ ଦିଆଯାଇଥିଲା।

---

କଟନି ଛଟନି, ଟୋକନ ଟେନସନ, ମିଲର୍ସଙ୍କ ମନମାନି

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବି ସ୍ୱାଭାବିକ ହେଉନି ମଣ୍ଡି

**ଭୁବନେଶ୍ୱର,୩।୨(ସଂଚାର ବ୍ୟୁରୋ):** ସବୁ ଚାଷୀଙ୍କ ଧାନ କିଣିବାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ବି ସ୍ୱାଭାବିକ ହେଉନି ମଣ୍ଡି। ଧାନ ଅମଳ କରିବା ପରେ ବିକ୍ରି କରିବାକୁ ସଂଘର୍ଷ କରୁଛନ୍ତି। କେଉଁଠି ଟୋକନ ମିଳିନି ତ କେଉଁଠି ଟାର୍ଗେଟ ଶେଷ ହୋଇଯିବାରୁ ଧାନ ବିକ୍ରି କରିପାରୁନାହାନ୍ତି ଚାଷୀ। ଯିଏ ବିକ୍ରି କରୁଛନ୍ତି ସେମାନେ କଟନି ଛଟନିର ଶିକାର ହେଉଛନ୍ତି।

ଚାଷ ଜମିରେ ଝାଳ ବୁହାଇ ଧାନ ଅମଳ କରିବା ପରେ ଏବେ ବିକ୍ରି କରିବାକୁ ସଂଘର୍ଷ କରୁଛି ଅନ୍ନଦାତା। ମିଲର୍ସଙ୍କ ମନମାନି ଯୋଗୁଁ ଗଦା ହୋଇଛି ଶହ ଶହ ଧାନ ବସ୍ତା। କିନ୍ତୁ ଟାର୍ଗେଟ ପୂରଣ ହୋଇଯାଇଥିବା ଆଳରେ ଧାନ ଉଠା ଯାଉନି। ଯେଉଁଠି ଧାନ ଉଠୁଛି ସେଠି କୁଇଣ୍ଟାଲ ପିଛା ୪ରୁ ୫କିଲୋ କଟନି ଛଟନି ହେଉଛି। ଅଖା ଓଜନ ବାବଦକୁ ବି ୫ଶହରୁ ୬ଶହ ଗ୍ରାମ୍ କଟାଯାଉଛି। ଅଖା ପଇସା ବି ମିଳୁନି। ଅନ୍ୟପଟେ କିଛି ଚାଷୀଙ୍କ ଟୋକନ ଅବଧି ସରି ସରି ଆସୁଥିବା ବେଳେ ଆଉ କେତେଜଣ ଚାଷୀଙ୍କୁ ଏପର୍ଯ୍ୟନ୍ତ ଟୋକନ ମିଳିନି। ମାଲକାନଗିରି, ଜୟପୁର, ପଦ୍ମପୁର, ପିପିଲି ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ମଣ୍ଡି ଅବ୍ୟବସ୍ଥା ଲାଗି ରହିଥିବାରୁ ବଢୁଛି ଚାଷୀ ଅସନ୍ତୋଷ। କଟନି ଛଟନି, ଟୋକନ ଟେନସନ, ମିଲର୍ସଙ୍କ ମନମାନି ବିରୋଧରେ ଚାଷୀ ଅସନ୍ତୋଷ ବଢ଼ୁଥିବାବେଳେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବିଭିନ୍ନ ସଙ୍ଗଠନ। ସରକାରଙ୍କ ଚାଷୀ ମାରଣ ନୀତି ବିରୋଧରେ ବରଗଡରେ ବିଶାଳ ସମାବେଶ କରି ଗର୍ଜିଛି ବିଜେଡି। ଢେଙ୍କାନାଳରେ ଧାନ କିଣାରେ ହେରଫେର ଅଭିଯୋଗ ଆଣି ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଧାନ ବସ୍ତା ରଖି ପ୍ରତିବାଦ କରାଯାଇଛି।



ତେବେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କହିଛନ୍ତି ସ୍ୱତନ୍ତ୍ର ଟିମ୍ ଗଠନ ହୋଇ ମଣ୍ଡିଗୁଡ଼ିକର ଯାଞ୍ଚ କରାଯିବ। ସବୁଠୁ ବଡ କଥା ହେଉଛି, ହନ୍ତସନ୍ତ ହେଉଥିଲେ ବି ଭୟରେ ମୁହଁ ଖୋଲି କହିପାରୁନାହାନ୍ତି ଚାଷୀ। ପ୍ରଶ୍ନ ଉଠୁଛି, ମିଲର୍ସଙ୍କ ମନମୁଖୀ ଶାସନ ଚାଲିଥିବା ବେଳେ ସରକାର କାହିଁକି ଚୁପ୍।

---

ସ୍କୁଲ୍ କ୍ୟାମ୍ପସ୍‌ରେ ଜଣ୍ଡିସ୍ ଘଟଣା

## ନବୋଦୟ ସ୍କୁଲ୍ ପ୍ରିନ୍ସିପାଲ୍ ନିଲମ୍ବିତ

**ଖୋର୍ଦ୍ଧା,୩।୨(ସଂଚାର ବ୍ୟୁରୋ):** ସ୍କୁଲ୍ କ୍ୟାମ୍ପସ୍‌ରେ ଜଣ୍ଡିସ୍ ବିସ୍ଫୋରକ ରୂପ ନେବା ଘଟଣାରେ ଶେଷରେ ଖୋର୍ଦ୍ଧା ଗୁରୁଜଙ୍ଗ ସ୍ଥିତ ନବୋଦୟ ବିଦ୍ୟାଳୟର ପ୍ରିନ୍ସିପାଲ୍ କବିତା କରଙ୍କୁ ନିଲମ୍ବିତ କରାଯାଇଛି। ନବୋଦୟ ବିଦ୍ୟାଳୟ ସମିତି କର୍ତ୍ତୃପକ୍ଷ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ତାଙ୍କ ବଦଳରେ ଭାଇସ୍ ପ୍ରିନ୍ସିପାଲ୍ ନୃସିଂହ ଚରଣ ଚକ୍ରଙ୍କୁ ଭାରପ୍ରାପ୍ତ ପ୍ରିନ୍ସିପାଲ୍ ଦାୟିତ୍ୱ ଭାର ଦିଆଯାଇଛି। ନୂତନ ପ୍ରିନ୍ସିପାଲ୍ ନ ଆସିବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ ବୋଲି ଜଣାପଡ଼ିଛି।

ନିଲମ୍ବିତ ପ୍ରିନ୍ସିପାଲ୍ ଶ୍ରୀମତୀ କରଙ୍କୁ ଭୋପାଳ ସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର ଘୋର ଅବହେଳା କାରଣରୁ ବିଦ୍ୟାଳୟରେ ଜଣ୍ଡିସ୍ ବ୍ୟାପକ ରୂପ ନେଇଥିଲା। ପରିସ୍ଥିତି ଏମିତି ହୋଇଥିଲା ଯେ, କଥା ଖୋର୍ଦ୍ଧାରୁ ଦିଲ୍ଲୀ ଯାଏ ଯାଇଥିଲା। ଦିଲ୍ଲୀ ଟିମ୍, ଭୋପାଳ ଟିମ୍ ଆସି କ୍ୟାମ୍ପସ୍ ପରିସ୍ଥିତି ଯାଞ୍ଚ କରିବାକୁ ବାଧ ହୋଇଥିଲେ। ମୋଟ୍ ଉପରେ ପ୍ରାୟ ୯୦ରୁ ଅଧିକ ବିଦ୍ୟାର୍ଥୀ, ସ୍କୁଲ୍ କର୍ମଚାରୀ ଜଣ୍ଡିସ୍ କବଳରେ କବଳିତ ହୋଇଥିଲେ। ସଂକ୍ରମଣ ବ୍ୟାପକ ହେବା କାରଣରୁ ସ୍କୁଲ୍ କର୍ତ୍ତୃପକ୍ଷ ବିଦ୍ୟାଳୟକୁ ବନ୍ଦ କରିବାକୁ ବାଧ ହୋଇଥିଲେ। ତା' ସହିତ ବିଦ୍ୟାଳୟର ଟାଙ୍କି ଓ ଅନ୍ୟାନ୍ୟ ପରିସରକୁ ସଫେଇକୁ ଜୋର୍‌ଦାର କରାଯାଇଥିଲା। ଏହି ଘଟଣାରେ ସ୍କୁଲ୍ କର୍ତ୍ତୃପକ୍ଷଙ୍କର ଅବହେଳା ଜଳଜଳ ଦିଶୁଥିଲା। ଜଣ୍ଡିସ୍ କାରଣକୁ ନେଇ ପ୍ରିନ୍ସିପାଲ୍ ଶ୍ରୀମତୀ କରଙ୍କୁ ନିଲମ୍ବିତ କରାଯାଇଛି ବୋଲି ଭାଇସ୍ ପ୍ରିନ୍ସିପାଲ୍ ଶ୍ରୀ ଚକ୍ର ପ୍ରକାଶ କରିଛନ୍ତି।

---

# ବନ୍ଧୁକ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ପ୍ରଭୁ

## ରାଉରକେଲା ପୁଲିସ ନିକଟରେ ଆତ୍ମସମର୍ପଣ

ରାଉରକେଲା, ୩।୨(ସଂଚାର ବ୍ୟୁରୋ) : ଭାଙ୍ଗୁଛି ଲାଲ୍ ଗଡ଼। ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହେଉଛନ୍ତି ଟପ୍ ମାଓନେତା। ଦେଶକୁ ମାଓମୁକ୍ତ କରିବା ପାଇଁ ମାର୍ଚ୍ଚ ୩୧ ରହିଛି ଡେଡଲାଇନ୍। ଏହାଭିତରେ ମାଓ ସଂଗଠନ ଛାଡୁଛନ୍ତି ଅନେକ ଟପ୍ କ୍ୟାଡର। ଏହିକ୍ରମରେ ରାଉରକେଲା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି ମାଓନେତା ଅବ୍ଲେମ୍ ହୋନେଜ୍ ଓରଫ ପ୍ରଭୁ।

ମାଓ ନେତା ପ୍ରଭୁର ଘର ଝାଡଖଣ୍ଡ ଛୋଟାନାଗାରା ଥାନା ହଲମୁଲି ଗାଁରେ। ନାବାଳକ ଥିବା ସମୟରେ ଦୁଇବର୍ଷ ତଳେ ମାଓ ସଂଗଠନରେ ହୋଇଥିଲେ ସାମିଲ। ଟପ୍ ମାଓ ନେତା ଅନ୍ମୋଲ୍ ଟିମରେ କାମ କରୁଥିଲେ ପ୍ରଭୁ। ବନ୍ଧୁକ ବୋହିବା, ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ମାଓ କ୍ୟାମ୍ପ ସ୍ଥାନାନ୍ତର ସମୟରେ ପୁଲିସ ଏବଂ ସୁରକ୍ଷାକର୍ମୀଙ୍କ ଉପରେ ନଜର ରଖିବା, ମାଓ ହିଂସା ସମୟରେ ସହଯୋଗ କରିବା ତାଙ୍କର ମୁଖ୍ୟ କାମ ଥିଲା। କିନ୍ତୁ ଏସବୁ କାମ ଭିତରେ ମାଓ ସଂଗଠନ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି ପ୍ରଭୁ। ମଙ୍ଗଳବାର ଦିନ ରାଉରକେଲା ପୁଲିସ ନିକଟରେ ସେ ଆତ୍ମସମର୍ପଣ କରିଛନ୍ତି। ସରକାରଙ୍କ ବ୍ୟବସ୍ଥା ଅନୁସାରେ ସମସ୍ତ ସହଯୋଗ କରାଯିବ ବୋଲି ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ସାମ୍ବାଦିକ ସମ୍ମିଳନୀ ସୂଚନା ଦେଇଛନ୍ତି। ଖୁବଶୀଘ୍ର ସବୁ ମାଓବାଦୀମାନେ ଡେଡଲାଇନ ପୂର୍ବରୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ଲଗି ପ୍ରଶାସନ ପକ୍ଷରୁ କୁହାଯାଇଛି।



---

ଦ୍ୱିତୀୟ ଦିନରେ ଓପିଟିସିଏଲ୍ ଟାରିଫ ଦରଖାସ୍ତ ଶୁଣାଣି

# ପ୍ରସ୍ତାବିତ ଟାରିଫ ବୃଦ୍ଧି ପ୍ରସ୍ତାବକୁ ବିରୋଧ

**ଭୁବନେଶ୍ୱର,୩।୧(ସଂଚାର ବ୍ୟୁରୋ) :** ଚଳିତ ଶତାବ୍ଦୀରେ ଓଡିଶା ବିଦ୍ୟୁତ ସଞ୍ଚାରଣ ଓ ବିତରଣ ଭିତ୍ତିଭୂମିକୁ ମଜଭୁତ ଓ ବୃଦ୍ଧି କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାୟ ୩୦ ହଜାର କୋଟି ଟଙ୍କା ପୁଞ୍ଜିନିବେଶ କରିଥିଲେ ବି ଫଳାଫଳ ଆଶାନୁରୂପ ହୋଇନାହି। ବିତରଣ ଓ ସଞ୍ଚାରଣ କମ୍ପାନୀମାନଙ୍କ ଖାତାରେ ସମ ପରିମାଣର ସମ୍ପତ୍ତି ନାହିଁ। ଓଡିଶାର ବିଦ୍ୟୁତ ସଞ୍ଚାରଣ ଯୋଜନା ଅନ୍ୟ ରାଜ୍ୟ ତୁଳନାରେ ଦୁର୍ବଳ ଅଛି। ବିଦ୍ୟୁତ ବିଭାଗରେ ଯନ୍ତ୍ରୀମାନଙ୍କର ଆବଶ୍ୟକୀୟ ଦକ୍ଷତା ଅଭାବ ଦେଖାଦେଇଛି। ଏପରି ଗୁରୁତର ଅସଙ୍ଗତିକୁ ଠିକ କରିବା ପାଇଁ ଆଜି ଦ୍ୱିତୀୟ ଦିନ ଜନଶୁଣାଣିରେ ଓଇଆରସି ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା ଆଉଟକମ ଅଡିଟ କରିବା ସହ ଏନପିଟିଆଇ ଶୈଳୀରେ ଏକ ବିଦ୍ୟୁତ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ଜନଶୁଣାଣିରେ ଓପିଟିସିଏଲ ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା ଓପିଟିସିଏଲ ଦରଖାସ୍ତକୁ ଉପସ୍ଥାପନ କରି କହିଲେ ଆସନ୍ତା ବର୍ଷରେ ୪୧୮୫୦ ନିୟୁତ ୟୁନିଟ ରାଜ୍ୟ ଗ୍ରୀଡରେ ସଞ୍ଚାରଣ ହେବ। ସେଥିପାଇଁ ସମୁଦାୟ ଖର୍ଚ୍ଚ ୧୪୯୦ କୋଟିଟଙ୍କା ଖର୍ଚ୍ଚ ହେବ। ଚଳିତ ବର୍ଷପାଇଁ ଧାର୍ଯ୍ୟ ହୋଇଥିବା ବିଦ୍ୟୁତ ସଞ୍ଚାରଣ ଟାରିଫ ୟୁନିଟ ପିଛା ୨୫.୫୦ ପଇସା ଅନୁସାରେ ଓପିଟିସିଏଲ ମାତ୍ର ୧୦୬୭ କୋଟିଟଙ୍କା ରାଜସ୍ୱ ପାଇବ। ତେଣୁ ନିଅଣ୍ଟ ହେଉଥିବା ୪୨୩ କୋଟି ଟଙ୍କା ଖର୍ଚ୍ଚକୁ ଭରଣା କରିବା ପାଇଁ ସଞ୍ଚାରଣ ଟାରିଫକୁ ବୃଦ୍ଧି କରି ୟୁନିଟ ପିଛା ୩୫.୬୧ ପଇସାରେ ଧାର୍ଯ୍ୟ କରିବା ପାଇଁ ନିବେଦନ କରିଥିଲେ। ଆୟୋଗଙ୍କ ପକ୍ଷରୁ ନିଯୁକ୍ତ ପାଇଥିବା ଉପଭୋକ୍ତା ପରାମର୍ଶଦାତା ଡେଲୋଇଟ କମ୍ପାନୀ ଓପିଟିସିଏଲ ରାଜସ୍ୱ ଆବଶ୍ୟକତା ଦରଖାସ୍ତକୁ ସମୀକ୍ଷା କରି ମତାମତ ଉପସ୍ଥାପନ କଲେ।




ଜନଶୁଣାଣିରେ ପ୍ରଥମ ଆପତ୍ତିକର୍ତ୍ତା ଭାବେ ଆମ ଜନତା ଅଧିକାରର ସଭାପତି ବାସୁଦେବ ଭଞ୍ଜ କହିଲେ ଓପିଟିସିଏଲ ଗତବର୍ଷ ୨୩୮ କୋଟିଟଙ୍କା ଲାଭ କରିଛନ୍ତି। ତେଣୁ କର୍ପୋରେଟ ସାମାଜିକ ଦାୟିତ୍ୱ ବାବଦକୁ କ'ଣ ଖର୍ଚ୍ଚ କରିଛନ୍ତି ତା'ର ହିସାବ ରଖିବା ପାଇଁ ନିବେଦନ କରିଥିଲେ। ଉପଭୋକ୍ତା ମହାସଂଘ ସଭାପତି ରମେଶ ଶତପଥୀ ସରକାରୀ ପୁଞ୍ଜିନିବେଶ ଅପବ୍ୟବହାର ଉପରେ କ୍ଷୋଭ ପ୍ରକାଶ କରି ବିଦ୍ୟୁତ ସଞ୍ଚାରଣ ବ୍ୟବସ୍ଥା ଦୁର୍ବଳ ହେଲାଣି କହିଥିଲେ। ପାୱାର ଟେକ କନ୍ସଲଟାଣ୍ଟ ତରଫରୁ ବିଭୁ ସ୍ୱାଇଁ ଶିଳ୍ପ ପାଇଁ ଅହରହ ବିଦ୍ୟୁତ ଯୋଗାଣକୁ ନିଶ୍ଚିତ କରିବା, ନୂତନ ଶିଳ୍ପକୁ ସହଜରେ ଗ୍ରୀଡ ସଂଯୋଗ ଉପଲବ୍ଧ କରାଇବା ଓ ବିଲିଂ ବ୍ୟବସ୍ଥାକୁ ବିବରଣୀ ଯୁକ୍ତ କରିବା ପାଇଁ ଆୟୋଗଙ୍କୁ ନିବେଦନ କରିଥିଲେ। ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ଓପିଟିସିଏଲର ସଞ୍ଚାରଣ କ୍ଷତି ଗତ ୫-୬ ବର୍ଷ ଧରି ୩% ହିସାବରେ ଟାରିଫ ନିର୍ଣ୍ଣୟ କରାଯାଉଛି। ବହୁତ ଗୁଡିଏ ରାଜ୍ୟରେ ସଞ୍ଚାରଣ କ୍ଷତି ଅତିବେଶିରେ ୨.୫% ରହିଛି। ଗ୍ରୀଡକୋ ପଇଠ କରିଥିବା ତଥ୍ୟ ଅନୁସାରେ ୨.୫୯% ରହିଛି। ତେଣୁ ଏହାକୁ ୨.୬୦% ରେ ଅନୁମୋଦନ କରିବା ପାଇଁ ଆୟୋଗଙ୍କୁ ନିବେଦନ କଲେ। ଟାରିଫ ବୃଦ୍ଧି ପ୍ରସ୍ତାବକୁ ବିରୋଧକରି ଶ୍ରୀ ମହାପାତ୍ର କହିଲେ ଓପିଟିସିଏଲ ଆକଳନ କରିଥିବା ସମୁଦାୟ ବିଦ୍ୟୁତ ସଞ୍ଚାରଣ ପରିମାଣ ଠାରୁ ଗ୍ରୀଡକୋ ଅଧିକ ଆକଳନ କରିଛି। ତେଣୁ ଗ୍ରୀଡକୋ ଆକଳନକୁ ଅନୁମୋଦନ କଲେ ଟାରିଫ ବୃଦ୍ଧିର ଆବଶ୍ୟକ ପଡିବ ନାହିଁ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776 Editor: Himanshu Bhusan Kar ସମ୍ପାଦକ: ହିମାଂଶୁ ଭୂଷଣ କର Chief Editor: Ajit Kumar Dash ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ



# ବଢ଼ିବ ରପ୍ତାନୀ, ଶସ୍ତା ହେବ ଏହିସବୁ ଜିନିଷ

## ଭାରତ-ୟୁଏସ ଡିଲ୍ ପରେ ବ୍ୟବସାୟୀ ଖୁସ

ନୂଆଦିଲ୍ଲୀ,୩।୨: ଭାରତ ଏବଂ ଆମେରିକା ମଧ୍ୟରେ ଆରମ୍ଭ ହୋଇଛି ବ୍ୟବସାୟର ନୂଆ ଯୁଗ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫୋନ୍ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ଭାରତ ଉପରେ ଲଗାଯାଇଥିବା ହାଇ ଟାରିଫ୍ କୁ ମଧ୍ୟ ହ୍ରାସ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହାର ପ୍ରଭାବ ସିଧାସଳଖ ବ୍ୟବସାୟୀଙ୍କ ଉପରେ ପଡିବ। ଘରୋଇ ବଜାରରେ ଅନେକ ସାମଗ୍ରୀ ଏବେ ଶସ୍ତାରେ ମିଳିବ। ଏହାସହ ଆମେରିକାରେ ଭାରତୀୟ ବସ୍ତୁର ଚାହିଦା ବୃଦ୍ଧି ପାଇବ। ଗତ କିଛି ମାସ ହେଲା ଭାରତ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ଭଲ ନଥିଲା। ଭାରତ ଋଷଠୁ ତେଲ କିଣୁଥିବା ନେଇ ଆମେରିକା ଅଭିଯୋଗ କରିଥିଲା। ଫଳରେ ଉଚ୍ଚା ଟାରିଫ୍ ଲଗାଇଥିଲା। ଯାହା ଦେଶର ବ୍ୟବସାୟୀଙ୍କୁ କ୍ଷତି ପହଁଚାଇଥିଲା। କ୍ଷୁଦ୍ର ବ୍ୟବସାୟୀମାନେ କୌଣସି ନୂଆ ରପ୍ତାନୀ ପାଇଁ ଅର୍ଡର ରଖୁନଥିଲେ। ବଡବଡ ବ୍ୟବସାୟୀମାନେ ସିପମେଣ୍ଟ୍ ଅର୍ଡର ରଖୁଥିଲେ ବି ସେତେଟା ଲାଭ ହେଉନଥିଲା। ଏବେ ଉଭୟ ଦେଶ ମଧ୍ୟରେ ନୂଆ ବ୍ୟବସାୟ ବୁଝାମଣା ପରେ ଭାରତୀୟ ବସ୍ତୁର ଚାହିଦା ବଢ଼ିଛି। ଏହା ଅନ୍ୟ ଦେଶର ଜିନିଷକୁ କଡା ଟକ୍କର ଦେବା ଆରମ୍ଭ କରିଛି। ଭାରତ ଉପରେ ଏବେ ୧୮ ପ୍ରତିଶତ ଟାରିଫ୍ ଲାଗିବ। ପୂର୍ବରୁ ଏହା ୨୫ ପ୍ରତିଶତ ଥିଲା। ଏହାଦ୍ୱାରା ଅନ୍ୟ ଦେଶର କାରବାର ତୁଳନାରେ ଭାରତର ବସ୍ତୁ ଅଧିକ ପ୍ରତିଦ୍ୱନ୍ଦ୍ୱିତା କରିପାରିବ।

ଭାରତର ରପ୍ତାନୀ ହେଉଥିବା ପୋଷାକ ଉପରେ ଏବେ ୧୮ ପ୍ରତିଶତ ଟାରିଫ୍ ଲାଗିବ। ଯାହା ବାଂଲାଦେଶ ଏବଂ ଶ୍ରୀଲଙ୍କା ଉପରେ ଲଗାଯାଇଥିବା ଟାରିଫ୍ ତୁଳନାରେ କମ୍। ଏହାଛଡା ଭାରତୀୟ କାରପେଟ୍ ମଧ୍ୟ ପୂର୍ବରୁ ନିଜର ଚାହିଦା ହରାଇଥିଲା। ଏବେ ପୁଣି ଏହାର ଡିମାଣ୍ଡ୍ ବଢ଼ିବ। ଗହଣା ସମେତ ଅନ୍ୟ ଅଳଙ୍କାର ଆମେରିକା ବଜାରରେ ଅନ୍ୟଦେଶର ସାମଗ୍ରୀ ଅନୁସାରେ ଶସ୍ତା ହୋଇଯିବ। ଯାହା ଭାରତୀୟ ବ୍ୟବସାୟୀଙ୍କୁ ଭଲ ଲାଭ ଦେବ। ତେବେ ଅଟୋମାବାଇଲ ଶିଳ୍ପରେ କେତେ ଲାଭ ହେବ ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ। ବୁଝାମଣା ସମ୍ବନ୍ଧୀୟ ସମସ୍ତ ତଥ୍ୟ ଆସିଲେ ଏଥିରେ ସ୍ପଷ୍ଟତା ମିଳିବ।

ଗତ ଏପ୍ରିଲରୁ ନଭେମ୍ବର ମଧ୍ୟରେ ଭାରତର ଆମେରିକାକୁ ରପ୍ତାନୀରେ ୧୧.୩ ପ୍ରତିଶତ ବୃଦ୍ଧି ଘଟିଥିଲା। ଯାହାର ମୂଲ୍ୟ ପ୍ରାୟ ୫୯ ବିଲିୟନ ଡଲାର ହେବ। କେବଳ ସ୍ମାର୍ଟଫୋନ୍ ୧୬.୭ ବିଲିୟନ ଡଲାରର ରପ୍ତାନୀ ହୋଇଛି। ଇଲେକ୍ଟ୍ରୋନିକ୍ସ ଏବଂ ଫାର୍ମା ମଧ୍ୟ ଭଲ ରପ୍ତାନୀ ହୋଇଛି। ଏସବୁ ଉପରେ ଟାରିଫର ପ୍ରଭାବ ପଡିନାହିଁ। କେନ୍ଦ୍ରମନ୍ତ୍ରୀ ଅମିତ ଶାହ ସୋସିଆଲ ସାଇଟ୍ ଏକ୍ସରେ କହିଛନ୍ତି ଯେ, ଭାରତ ଏବଂ ଆମେରିକା ମଧ୍ୟରେ ହୋଇଥିବା ଡିଲ୍ ନୂଆ ସୁଯୋଗ ସୃଷ୍ଟି କରିବ। ଆମେରିକା ଟାରିଫକୁ ୧୮ ପ୍ରତିଶତକୁ କମାଇଦେଇଛି। ଏହା ଦୁଇ ଦେଶ ପାଇଁ ସହାୟକ ହେବ। ସେହିପରି କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପିୟୁଷ ଗୋୟଲ କହିଛନ୍ତି ଯେ, ଭାରତ ଏବଂ ଆମେରିକା ହେଉଛନ୍ତି ପାରମ୍ପରିକ ମିତ୍ର। ଉଭୟଙ୍କ ଏକାଠି ପ୍ରଯୁକ୍ତିବିଦ୍ୟା, ବିକାଶ, ଶାନ୍ତି ଏବଂ ସମୃଦ୍ଧି ଦିଗରେ କାମ କରୁଛନ୍ତି। ଯାହା ଭାରତ ଏବଂ ଆମେରିକାର ଭବିଷ୍ୟତର ପାଇଁ ଖୁବ୍ ଭଲ ହେବ ବୋଲି ସେ କହିଛନ୍ତି।

ଟ୍ରେଡ୍ ଡିଲ୍ ପ୍ରଭାବ



## ଭାରତ ବଜାରରେ ପ୍ରବେଶ କରିପାରିବନି ବିଦେଶୀ କ୍ଷୀର, ଦହି, ଘିଅ

ନୂଆଦିଲ୍ଲୀ, ୩।୨: ବ୍ରିଟେନ୍, ୟୁରୋପ ପରେ ଏବେ ଆମେରିକା ସହ ଭାରତର ଟ୍ରେଡ୍ ଡିଲ୍ ସ୍ୱାକ୍ଷର ହୋଇଛି। ଏହି ଦ୍ୱାରା ଦେଶରେ ଅନେକ ସାମଗ୍ରୀ ଶସ୍ତା ହେବା ନେଇ ଆଶା ବଢ଼ିଛି। ପ୍ରାୟ ସବୁ ସେକ୍ଟର ସାମଗ୍ରୀର ଆମଦାନୀ, ରପ୍ତାନୀ ବି ବୃଦ୍ଧି ପାଇବ ବୋଲି ମଧ୍ୟ ଆଶା ବଢ଼ିଛି, କିନ୍ତୁ କିଛି ସେକ୍ଟର ଏପରି ରହିଛି ଯେଉଁଥିରେ ବିଦେଶୀ ସାମଗ୍ରୀକୁ ଅନ୍ତର୍ଭୁକ୍ତ କରିନାହାନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ସତ୍ତ୍ୱେ, ଭାରତ କୃଷି କ୍ଷେତ୍ର ଏବଂ ଦୁଗ୍ଧ ଶିଳ୍ପକୁ ଆମେରିକା ପାଇଁ ଖୋଲିବ ନାହିଁ, ସରକାରୀ ସୂତ୍ର ଅନୁଯାୟୀ, ଭାରତ ଏହି ବାଣିଜ୍ୟ ଚୁକ୍ତିରେ ସମ୍ବେଦନଶୀଳ କୃଷି ଉତ୍ପାଦ ଓ ଦୁଗ୍ଧଶିଳ୍ପ କ୍ଷେତ୍ରକୁ ସୁରକ୍ଷା ଦେବାର ଦୀର୍ଘକାଳୀନ ନୀତି ବଜାୟ ରଖିବ। ଏହାର ଅର୍ଥ ହେଉଛି, ଭାରତରେ କୌଣସି ବିଦେଶୀ କୃଷିଜାତୀୟ ସାମଗ୍ରୀକୁ ପ୍ରବେଶ କରାଯିବ ନାହିଁ, ଯଥା ଧାନ, ଚାଉଳ, ଗହମ, ମକା, ବାଜରା, ମୁଗ, ବିରି, ଚଣା, କ୍ଷୀର, ଦହି, ଘିଅ ଭଳି ଅନ୍ୟାନ୍ୟ ସାମଗ୍ରୀ ଭାରତ ବଜାରରେ ପ୍ରବେଶ କରିବ ନାହିଁ। ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି ସ୍ପଷ୍ଟ କରିଛନ୍ତି, "ବର୍ତ୍ତମାନର ସ୍ଥିତି ଭଲ ରହିଛି; ସମ୍ବେଦନଶୀଳ ସାମଗ୍ରୀ ପ୍ରତି ଆମର ସାଧାରଣ ଆଭିମୁଖ୍ୟ ଜାରି ରହିଛି।" ଭାରତର ଏହି ନିଷ୍ପତ୍ତି ଏହାର ଦୀର୍ଘକାଳୀନ ବାଣିଜ୍ୟ ରଣନୀତିର ଏକ ଅଂଶ। ଭାରତ ୟୁକେ, ନ୍ୟୁଜିଲ୍ୟାଣ୍ଡ ଓ ୟୁରୋପୀୟ ସଂଘ ସହିତ ଆଲୋଚନାରେ ବି କୃଷି ଏବଂ ଦୁଗ୍ଧ ସ୍ୱାର୍ଥକୁ ମଧ୍ୟ ସୁରକ୍ଷା ଦେଇଛି। ତେବେ ଭାରତ ସରକାର ଏହା ବିଶ୍ୱାସ କରନ୍ତି ଯେ, ଦୁଗ୍ଧ ଏବଂ କୃଷି କ୍ଷେତ୍ର ଲକ୍ଷ ଲକ୍ଷ କ୍ଷୁଦ୍ର ଚାଷୀଙ୍କ ଜୀବିକା ସହିତ ସିଧାସଳଖ ଭାବେ ଜଡିତ। ବିଦେଶୀ ବଜାରରୁ ଶସ୍ତା ଆମଦାନୀ ସ୍ଥାନୀୟ ଚାଷୀଙ୍କ ଆର୍ଥିକ ଉନ୍ନତିକୁ ବିପଦରେ ପକାଇବାର ଆଶଙ୍କା ସୃଷ୍ଟି କରୁଛି, ଯାହାକୁ ସରକାର କୌଣସି ମୂଲ୍ୟରେ ଗ୍ରହଣ କରିବେ ନାହିଁ।

# ମୋଦୀଙ୍କ ୭ ପଏଣ୍ଟରେ ରାଜି ହେଲେ ଟ୍ରମ୍ପ୍



ନୂଆଦିଲ୍ଲୀ,୩।୨: ସମ୍ପର୍କର ନୂଆ ଅଧ୍ୟାୟ। ଦୁଇ ଶକ୍ତିଶାଳୀ ଗଣତନ୍ତ୍ର ମଧ୍ୟରେ ବଡ ଡିଲ୍।ଭାରତ-ଆମେରିକା ମଧ୍ୟରେ ହୋଇଛି ଟ୍ରେଡ୍ ଡିଲ୍। ଆମେରିକା ଦ୍ୱାରା ଲଗାଯାଇଥିବା ଟାରିଫ ମଧ୍ୟ ହ୍ରାସ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହା ଘୋଷଣା କରିଛନ୍ତି। ଏହା ଅନୁସାରେ ୟୁଏସ ପାରସ୍ପରିକ ଶୁଳ୍କକୁ ୨୫%ରୁ ୧୮%କୁ ହ୍ରାସ କରିବ। ଏନେଇ ସୋସିଆଲ ମିଡିଆରେ ଲେଖିଛନ୍ତି ୟୁଏସ ପ୍ରେସିଡେଣ୍ଟ୍। ତେବେ ଏହି ଡିଲ୍ ୭ଟି ମୁଖ୍ୟ ପଏଣ୍ଟ ଉପରେ ଆଧାରିତ। ୟୁଏସ ପ୍ରେସିଡେଣ୍ଟ୍ କହିଛନ୍ତି ଯେ, ଭାରତୀୟ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କଥା ହେବା ଏକ ସମ୍ମାନର କଥା। ସେ ମୋର ସବୁଠାରୁ ଘନିଷ୍ଠ ବନ୍ଧୁମାନଙ୍କ ମଧ୍ୟରୁ ଜଣେ ଏବଂ ତାଙ୍କ ଦେଶର ଜଣେ ଶକ୍ତିଶାଳୀ ଓ ସମ୍ମାନିତ ନେତା। ଆମେ ବାଣିଜ୍ୟ ଏବଂ ରୁଷ ଓ ୟୁକ୍ରେନ ସହିତ ଯୁଦ୍ଧ ସମାପ୍ତ କରିବା ସମେତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଛୁ। ଭାରତ ରୁଷରୁ ତେଲ କିଣିବା ବନ୍ଦ କରିଦେଇଛି। ଆମେରିକା ଏବଂ ସମ୍ଭବତଃ ଭେନେଜୁଏଲାରୁ ଅଧିକ କିଣିବାକୁ ରାଜି ହୋଇଛି। ଏହା ୟୁକ୍ରେନରେ ଚାଲିଥିବା ଯୁଦ୍ଧର ଅନ୍ତ କରିବାରେ ସାହାଯ୍ୟ କରିବ, ଯାହା ପ୍ରତି ସପ୍ତାହରେ ହଜାର ହଜାର ଲୋକଙ୍କୁ ହତ୍ୟା କରୁଥିବା ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତି ବନ୍ଧୁତା ଏବଂ ସମ୍ମାନ ଯୋଗୁଁ ଓ ତାଙ୍କ ଅନୁରୋଧରେ ଆମେରିକା ଏବଂ ଭାରତ ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ଉପରେ ସହମତି ହୋଇଛି। ଏହା ଅଧୀନରେ ଆମେରିକା ପାରସ୍ପରିକ ଶୁଳ୍କକୁ ୨୫%ରୁ ୧୮%କୁ ହ୍ରାସ କରିବ। ଭାରତ ସେହିପରି ଆମେରିକା ବିରୁଦ୍ଧରେ ଏହାର ଶୁଳ୍କ ଏବଂ ଅଣ-ଶୁଳ୍କ ପ୍ରତିବନ୍ଧକକୁ ଶୂନ୍ୟ କରିବା ଦିଗରେ ଅଗ୍ରସର ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଟ୍ରମ୍ପଙ୍କ ପୋଷ୍ଟ ପରେ ଧନ୍ୟବାଦ ଜଣାଇଛନ୍ତି। ମେଡ୍ ଇନ୍ ଇଣ୍ଡିଆକୁ ଟ୍ରମ୍ପଙ୍କ ନିଷ୍ପତ୍ତି ବଡ ସୁଯୋଗ ଦେବ। ଏହା କୋଟି ଭାରତୀୟଙ୍କ ପାଇଁ ଲାଭଦାୟକ ହେବ ବୋଲି ମୋଦୀ କହିଛନ୍ତି।

ଫୋକସରେ ୭ ପଏଣ୍ଟ୍

- ଆମେରିକାରୁ ଭାରତ ରପ୍ତାନୀ ହେଉଥିବା ଜିନିଷ ଉପରେ ସମ୍ପୂର୍ଣ୍ଣ ଟାରିଫ୍ ଛାଡ
- ଆମେରିକା ଭାରତରୁ ରପ୍ତାନୀ ହେଉଥିବା ଜିନିଷ ଉପରେ ଟାରିଫକୁ ୨୫ରୁ ୧୮ ପ୍ରତିଶତକୁ ହ୍ରାସ କରିବ
- ଋଷଠୁ ତୈଳ ଆମଦାନୀ ଆଗାମୀ ଦିନରେ ଭାରତ ସମ୍ପୂର୍ଣ୍ଣ ବନ୍ଦ କରିଦେବ
- ଆମେରିକାଠୁ ଅଧିକରୁ ଅଧିକ ତେଲ କିଣିବ ଭାରତ
- ଭେନେଜୁଏଲାଠୁ ମଧ୍ୟ ଭାରତ ତୈଳ କିଣିପାରିବ
- ଆମେରିକାଠୁ ଭାରତ ୫୦୦ ବିଲିୟନ ଡଲାରର ଶକ୍ତି, କୃଷି, କୋଇଲା ଏବଂ ପ୍ରଯୁକ୍ତିବିଦ୍ୟା ସହ ଜଡିତ ଜିନିଷ କ୍ରୟ କରିବ
- ଏହି ଡିଲ୍ ଋଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ରୋକିବାରେ ସାହାଯ୍ୟ କରିବ

# ଭାରତକୁ ମିଳିଲା ସବୁଠୁ ବଡ଼ ଟ୍ରେଡ୍ ଡିଲ୍

## ଦେଶର ପ୍ରଗତିକୁ ଘୃଣା କରୁଛନ୍ତି ରାହୁଲ: ପୀୟୂଷ ଗୋୟଲ



ନୂଆଦିଲ୍ଲୀ, ୩।୨: ଭାରତ ଓ ଆମେରିକା ମଧ୍ୟରେ ହୋଇଥିବା ବାଣିଜ୍ୟିକ ଚୁକ୍ତି ଉପରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ମଙ୍ଗଳବାର ସରକାରଙ୍କ ପକ୍ଷ ରଖିଛନ୍ତି। ସାମ୍ବାଦିକ ସମ୍ମିଳନୀ କରି ସେ ବିରୋଧୀଙ୍କ ଉପରେ ଶାଣିତ ସ୍ୱରରେ ବର୍ଷିଛନ୍ତି। ସେ କହିଛନ୍ତି, ଭାରତ-ଆମେରିକା ବାଣିଜ୍ୟିକ ବୁଝାମଣା ଦେଶର ଲୋକଙ୍କ ପାଇଁ ଅନେକ ସମ୍ଭାବନା ନେଇ ଆସିଛି। ଏହା ଆଜି ଯାଏଁର ସବୁଠୁ ଭଲ ଡିଲ୍, ଯାହା ଭାରତକୁ ନିଜ ପଡ଼ୋଶୀଙ୍କ ତୁଳନାରେ ମିଳିଛି। ଗୋୟଲ କହିଛନ୍ତି, ଭାରତକୁ ସବୁଠୁ ବଡ଼ ଟ୍ରେଡ୍ ଡିଲ୍ ମିଳିଛି। ସେ ଏହାକୁ କୃଷକଙ୍କୁ ପ୍ରାଥମିକତା ଦେଉଥିବା ଡିଲ୍ ବୋଲି କହିଛନ୍ତି। ଏହା କୃଷି, ଡାଏରୀ ଓ ସମ୍ବେଦନଶୀଳ କ୍ଷେତ୍ରର ସୁରକ୍ଷା କରିବ।

ଗୋୟଲ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରି ତାଙ୍କ ବକ୍ତବ୍ୟକୁ ନକାରାତ୍ମକ ଏବଂ ବିଭ୍ରାନ୍ତିକର ବୋଲି କହିଛନ୍ତି। ରାହୁଲ ଗାନ୍ଧୀ ଜନସାଧାରଣଙ୍କୁ ଭ୍ରମିତ କରୁଛନ୍ତି ଏବଂ ଦେଶର ପ୍ରଗତିକୁ ଘୃଣା କରନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଅଭିଯୋଗ କରିଛନ୍ତି। ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରି ଗୋୟଲ କହିଛନ୍ତି, "ଭାରତ ପ୍ରଗତି କରୁଛି ବୋଲି ତାଙ୍କୁ କୌଣସି ଫରକ ପଡୁ ନାହିଁ। ତାଙ୍କର ନକାରାତ୍ମକ ଚିନ୍ତାଧାରା ରାହୁଲ ଗାନ୍ଧୀଙ୍କୁ ଅସହଜ କରିଥାଏ।" କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଏକ "କୃଷକ-ପ୍ରଥମେ" ପଦକ୍ଷେପ ଏବଂ କୃଷି ଓ କ୍ଷୀର ଭଳି ସମ୍ବେଦନଶୀଳ କ୍ଷେତ୍ରକୁ ସୁରକ୍ଷା ଦିଏ। ଗୋୟଲ କହିଛନ୍ତି, "ରାହୁଲ ଗାନ୍ଧୀଙ୍କ ଦୋମୁହାଁ ନୀତି ଦେଖି ମୁଁ ଆଶ୍ଚର୍ଯ୍ୟ। ପ୍ରଧାନମନ୍ତ୍ରୀ ମୋଦୀ ଗତକାଲି ଭାରତ ପାଇଁ ଏକ ଭଲ ଚୁକ୍ତି ସୁରକ୍ଷିତ କରିଥିଲେ। ଆମେ ଏତେ ଦିନ ଧରି ଯେଉଁ ଚୁକ୍ତି ପୂରଣ କରିପାରି ନଥିଲୁ, ତାହା ତାଙ୍କ ଯୋଗୁଁ ହୋଇଥିଲା। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଯୋଗୁଁ ଆମେ ଏହି ଚୁକ୍ତି ପାଇଲୁ।"

ଗୋୟଲ କହିଛନ୍ତି, ଏହି ଚୁକ୍ତିନାମା ଭାରତୀୟ ଏବଂ ଆମେରିକୀୟ ଦଳ ମଧ୍ୟରେ ନିରନ୍ତର ଆଲୋଚନାର ଫଳାଫଳ। ସେ କହିଛନ୍ତି, "ଯେପରି ଆପଣ ଜାଣନ୍ତି, ଆମର ପ୍ରତିନିଧି ଦଳ, ଆମେରିକୀୟ ଦଳ ଏବଂ ଅନ୍ୟମାନେ ନିରନ୍ତର ଆଲୋଚନାରେ ଥିଲେ।" ସେ ଗୁରୁତ୍ୱାରୋପ କରିଥିଲେ ଯେ ଉଦ୍ୟୋଗ ଜଗତର ପ୍ରମୁଖ ଚିନ୍ତାର ସମାଧାନ କରାଯାଇଛି। ବୟନ ଶିଳ୍ପ ପାଇଁ ହାର ହ୍ରାସ ଆବଶ୍ୟକ ଥିଲା। ଟ୍ରମ୍ପଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରି ଗୋୟଲ କହିଛନ୍ତି, "ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ତାଙ୍କର ବନ୍ଧୁତାକୁ ସମ୍ମାନ ଦେବା ପାଇଁ ମୁଁ ଟ୍ରମ୍ପଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି। ଏହି ଚୁକ୍ତିନାମା କେବଳ ବାଣିଜ୍ୟ ନୁହେଁ ବରଂ ଏହା "ଏକ ବଡ଼ ପଦକ୍ଷେପ ଯାହା ଦର୍ଶାଏ ଯେ ଭାରତ ଦ୍ରୁତ ଗତିରେ ପ୍ରଗତି କରିବ।"

ସେ କୃଷକ, କୃଷି, ଦୁଗ୍ଧ, ଶ୍ରମ-ପ୍ରଧାନ କ୍ଷେତ୍ର, ମତ୍ସ୍ୟଜୀବୀ, ଏମଏସଏମଇ, ଇଞ୍ଜିନିୟରିଂ ଏବଂ ଅଟୋ ଉପାଦାନ ପାଇଁ ଚୁକ୍ତିନାମାର ଲାଭ ଏବଂ ଭାରତରେ ଉଚ୍ଚମାନର ଡାଟା ସେଣ୍ଟର ପାଇଁ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ଗୋୟଲ କହିଛନ୍ତି, "ଆମେ ସମସ୍ତେ ଜାଣୁ ଯେ ପ୍ରଧାନମନ୍ତ୍ରୀ ମୋଦୀ କୃଷକମାନଙ୍କ ପାଇଁ କିପରି କାମ କରନ୍ତି ଏବଂ ସେ ସେମାନଙ୍କ ପାଇଁ କେତେ ଯତ୍ନବାନ। ଏହା ଭାରତ ପାଇଁ 'କୃଷକ-ପ୍ରଥମେ' ଚୁକ୍ତି।"

ସେ କହିଛନ୍ତି, "ଆମେରିକା ସହିତ ବହୁ ପ୍ରତୀକ୍ଷିତ ବାଣିଜ୍ୟ ଚୁକ୍ତି ସଫଳତାର ସହ ଶେଷ ହୋଇଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ଚୁକ୍ତି , ଯାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଚୂଡ଼ାନ୍ତ କରାଯାଇଛି। ଏହା ଦେଶ ଏବଂ ଏହାର ଲୋକଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖିଛି। ଏହା ଏକ ଏପରି ଚୁକ୍ତି ଯାହା ଭାରତର ଭବିଷ୍ୟତକୁ ଆହୁରି ମଜଭୁତ କରିବ। ୧.୪ ବିଲିୟନ ନାଗରିକଙ୍କ ପକ୍ଷରୁ, ମୁଁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଉଛି ଏବଂ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି, କାରଣ ଏହା ଦେଶ ପାଇଁ ଏକ ଐତିହାସିକ ସଫଳତା।"

ଗୋୟଲ କହିଛନ୍ତି, "ମୁଁ ରାହୁଲ ଗାନ୍ଧୀଙ୍କ ଚିନ୍ତାଧାରାକୁ ନିନ୍ଦା କରୁଛି ଏବଂ ଏପରି ନକାରାତ୍ମକ ମତ ପ୍ରକାଶ କରିବା ପାଇଁ ତାଙ୍କୁ ସମାଲୋଚନା କରୁଛି। ବିରୋଧୀ ଦଳ କ୍ଷମା ମାଗିବା ଉଚିତ। ସେମାନେ ଭାରତର ବିକାଶ ବିରୋଧରେ।" ସେ ଆହୁରି କହିଛନ୍ତି, "ସେମାନେ ପଚାରୁଛନ୍ତି ଯେ ଆମେରିକା ରାଷ୍ଟ୍ରପତି ପ୍ରଥମେ ଶୁଳ୍କ ହ୍ରାସ ଘୋଷଣା କାହିଁକି କଲେ, କିନ୍ତୁ ଯଦି ଆମେରିକା ଆମ ଉପରେ ଏପରି ଶୁଳ୍କ ଲାଗୁ କରିଥାନ୍ତା, ତେବେ ସେମାନେ ସ୍ପଷ୍ଟ ଭାବରେ ପ୍ରଥମେ ଏହା ଘୋଷଣା କରିଥାନ୍ତେ। ସେମାନେ ସେମାନଙ୍କର ନକାରାତ୍ମକ ଚିନ୍ତାଧାରା ସହିତ କ'ଣ ଚାହୁଁଛନ୍ତି ତାହାର ଉତ୍ତର ଦେବା ଉଚିତ।"

## ଋଷ ତେଲ କିଣା ବନ୍ଦ କରିବା ଘଟଣା

# ଭାରତର ପଦକ୍ଷେପକୁ ରୁଷର ଅପେକ୍ଷା



ମସ୍କୋ, ୩।୨: ଗତକାଲି ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ନେଇ ଘୋଷଣା କରିଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଏବଂ କହିଥିଲେ ଭାରତ ଋଷଠାରୁ ତେଲ କିଣିବା ବନ୍ଦ କରି ଆମେରିକାଠାରୁ ଅଧିକ କିଣିବ। ଏହାପରେ ସବୁଆଡ଼େ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା।

ଘଟଣାକୁ ନେଇ ଋଷରେ ଆଲୋଚନା ପର୍ଯ୍ୟାଲୋଚନା ଜାରି ରହିଥିବା ବେଳେ ମଙ୍ଗଳବାର ମସ୍କୋ ପକ୍ଷରୁ ଏନେଇ ପ୍ରତିକ୍ରିୟା ଆସିଛି। ଆମେ ଭାରତ ଠାରୁ ଏଭଳି କୌଣସି କଥା ଏପର୍ଯ୍ୟନ୍ତ ଶୁଣି ନାହୁଁ ବୋଲି ମସ୍କୋ କହିଛି। ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀରେ ମସ୍କ କହିଛି ଯେ ରୁଷୀୟ ତୈଳ କ୍ରୟ ବନ୍ଦ କରିବା ସମ୍ପର୍କରେ ଭାରତ ପକ୍ଷରୁ କୌଣସି ସରକାରୀ ବିବୃତ୍ତି ଆମକୁ ମିଳି ନାହିଁ। ଏବଂ ମସ୍କ ନୂଆଦିଲ୍ଲୀ ସହିତ ଏହାର ରଣନୈତିକ ସହଭାଗୀତା ବିକଶିତ କରିବାକୁ ଚାହୁଁଛି ବୋଲି ଋଷିଆ କହିଛି।

ଗତକାଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟ୍ରୁଥ ଶୋସାଲ୍ରେ ପୋଷ୍ଟ କରି ଭାରତ ଆମେରିକା ଡିଲ୍ ସମ୍ପର୍କରେ ସୂଚନା ଦେଇଥିଲେ। ଏବଂ ବଡ଼ ଅହଂକାରର ସହିତ କହିଥିଲେ ଯେ ଭାରତ ଋଷ ତେଲ କିଣିବା ବନ୍ଦ କରିବା ସର୍ତ୍ତରେ ଏହି ଡିଲ୍ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରତି ବନ୍ଧୁତା ଏବଂ ସମ୍ମାନ ହେତୁ ଏବଂ ତାଙ୍କ ଅନୁରୋଧ ଅନୁସାରେ ଏହି ଚୁକ୍ତିକୁ ସେ ମଞ୍ଜୁରି ଦେଇଛନ୍ତି।

ଭାରତ ଓ ଆମେରିକା ମଧ୍ୟରେ ଟ୍ରେଡ୍ ଡିଲ୍ ନେଇ ବର୍ଷାଧିକ କାଳ ଅସାମଞ୍ଜସ୍ୟ ଲାଗି ରହିଥିବା ବେଳେ ସୋମବାର ଡିଲ୍ ଫାଇନାଲ ନେଇ ଘୋଷଣା ହୋଇଥିଲା। ଟ୍ରମ୍ପ ତାଙ୍କ ପୋଷ୍ଟରେ ଲେଖିଥିଲେ " ଭାରତ ଋଷ ତେଲ କିଣିବା ବନ୍ଦ କରି ଆମେରିକା ଠାରୁ ଅଧିକ କିଣିବାକୁ ରାଜି ହୋଇଛି।"

ଏହି ଘଟଣା ପରେ କ୍ରେମଲିନ୍ ମୁଖପାତ୍ର ଦିମିତ୍ରୀ ପେସକୋଭ୍ କହିଛନ୍ତି ଯେ ରୁଷ ଭାରତ ସହିତ ସମ୍ପର୍କ ଉପରେ ଟ୍ରମ୍ପଙ୍କ ମନ୍ତବ୍ୟକୁ ଭଲଭାବରେ ବିଶ୍ଳେଷଣ କରୁଛି। ଭାରତ ରୁଷ ତେଲ କିଣିବା ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି କି ନାହିଁ ତାହା ସିଧାସଳଖ ପଚରାଯିବାରୁ ସେ ଉତ୍ତର ଦେଇ କହିଛନ୍ତି "ଏପର୍ଯ୍ୟନ୍ତ, ଆମେ ଏହି ପ୍ରସଙ୍ଗରେ ନୂଆଦିଲ୍ଲୀରୁ କୌଣସି ବିବୃତ୍ତି ପାଇ ନାହୁଁ। ଆମେ ଭାରତ-ଆମେରିକା ଦ୍ୱିପାକ୍ଷିକ ସମ୍ପର୍କକୁ ସମ୍ମାନ କରୁଛୁ। କିନ୍ତୁ ଆମେ ରୁଷ ଏବଂ ଭାରତ ମଧ୍ୟରେ ଏକ ଉନ୍ନତ ରଣନୈତିକ ସହଭାଗୀତା ବିକାଶକୁ କମ୍ ଗୁରୁତ୍ୱ ଦେଉ ନାହୁଁ। ଏହା ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏବଂ ଆମେ ଦିଲ୍ଲୀ ସହିତ ଆମର ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ବିକଶିତ କରିବାକୁ ଚାହୁଁଛୁ।"

୨୦୨୨ ମସିହାରେ ୟୁକ୍ରେନ୍ ଓ ଋଷ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରେ ଭାରତ ଋଷ ଠାରୁ ବହୁ ପରିମାଣରେ ସମୁଦ୍ରଜାତ ଅଶୋଧିତ ତୈଳ କିଣୁଥିଲା। ରିହାତି ମୂଲ୍ୟରେ ମିଳୁଥିବାରୁ ଏହା ଦେଶ ପାଇଁ ହିତକର କହି ଭାରତ ଋଷୀୟ ତୈଳ କିଣିବାର ଅନ୍ୟ ଦେଶମାନଙ୍କ ତୁଳନାରେ ଟପ୍ରେ ରହିଥିଲା। ଯାହାକୁ ନେଇ ପଶ୍ଚିମ ଦେଶଗୁଡ଼ିକ ଭାରତକୁ ଘେରିବା ଆରମ୍ଭ କରିଥିଲେ। ଭାରତ ଋଷ ଠାରୁ ତେଲ କିଣି ଯୁଦ୍ଧ ପାଇଁ ପାଣ୍ଠି ଯୋଗାଉଛି ବୋଲି ସେମାନେ ଅଭିଯୋଗ କରିଥିଲେ।

ଋଷଠାରୁ ତେଲ କିଣୁଥିବା ଅଭିଯୋଗ କରି ଆମେରିକା ଭାରତ ଉପରେ ଅତିରିକ୍ତ ୨୫% ଶୁଳ୍କ ଲଗାଇଥିଲା। ଜବାବୀ ଶୁଳ୍କ ସହ ଦଣ୍ଡାତ୍ମକ ଶୁଳ୍କ ଲଗାଇବା ପରେ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ହୋଇଥିଲା। ହେଲେ ଏବେ ଡିଲ୍ ଫାଇନାଲ୍ ହେବା ପରେ ଏହି ଶୁଳ୍କ ୧୮%କୁ ଖସି ଆସିଛି।

ଆମେରିକା ସହ ବାଣିଜ୍ୟ ଡିଲ୍ ହେବା ପରେ ଟ୍ରମ୍ପ କହିଛନ୍ତି " ଆମେରିକା ଏବଂ ସମ୍ଭବତଃ ଭେନେଜୁଏଲାରୁ ବହୁତ ଅଧିକ ମାତ୍ରାରେ ତେଲ କିଣିବାକୁ ସେ(ମୋଦୀ) ରାଜି ହୋଇଛନ୍ତି। ଏହା ୟୁକ୍ରେନରେ ବର୍ତ୍ତମାନ ଚାଲିଥିବା ଯୁଦ୍ଧର ଅନ୍ତ କରିବାରେ ସାହାଯ୍ୟ କରିବ, ଯେଉଁଠାରେ ପ୍ରତି ସପ୍ତାହରେ ହଜାର ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି।"



## ଆଜିର ସୁନା ଦର

ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୮,୬୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୪୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୮,୬୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୫,୪୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୮,୬୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୫,୪୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୯,୮୬୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୬,୫୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୮୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୮,୬୨୦ ଓ ୧,୪୫,୪୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୩,୩୫,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ତରଙ୍ଗ

## କ୍ଷୀରୋଦ ପରିଡ଼ା



ମୁଁ ଏଠାକୁ ଆସିଲି ବା ମୋତେ କେହି ବା କିଛି ଗୋଟେ ନେଇଆସିଛି ନିଶ୍ଚୟ। ମୋ ଭିତରେ ଏକ ତାଗିଦ ଥିଲା ଅଥବା ତା' ଅନରେ ଏକ ଆକର୍ଷଣ ଥିଲା ବୋଲି ମୁଁ ଏବେ ଏଇଠି, ଏଇ ଶିଳାଖଣ୍ଡ ଉପରେ ବସିଛି। ମୋ ଭିତରେ ଏକ ଉଦବେଳନକୁ ମୁଁ ଯଥାରୀତି ଅନୁଶୀଳନ କରିଚାଲିଛି। ସାମ୍ନାରେ ସମୁଦ୍ର, ବେଳାଭୂମି ବିଜନ।

ନିରନ୍ତର କ୍ରିୟାଶୀଳ ରହିଛି ସମୁଦ୍ରର ଲହରି। ଭିଜୁଛି ବାଲିର ଦେହ। ଏକ ଭଉଁରି ଖେଳୁଛି ମୋ ମନ ଭିତରେ। ସମୁଦ୍ର ପ୍ରଶାନ୍ତ, ପ୍ରଶସ୍ତ ; ତେବେ ଗମ୍ଭୀର ହୋଇଥିବ ଭିତରେ ଭିତରେ। କୂଳକୁ ଛୁଉଁଥିବା ବେଳେ ଏସବୁ ଲହଡ଼ି ଏମିତି ଭୟଙ୍କର ହୋଇଯାଆନ୍ତି କାହିଁକି ? ନା, ଇଏ କେଉଁ ଉପଲବ୍ଧିର ବିହ୍ୱଳପଣ ? କହିପାରିବା କି ଇଏ ଏକାନ୍ତ ମିଳନର ଏକ ଉଚ୍ଛ୍ୱାସ। ଏବେ ମୋ ଦୃଷ୍ଟି ସ୍ଥିର, ଅବିଚଳ ଓ ଏକଇ ଦୃଶ୍ୟରେ ସୀମାବଦ୍ଧ। ସମୁଦ୍ରରେ ଉଡ଼ିବୁଲୁଥିବା ଚଢ଼େଇ, ନାଚୁଥିବା ଲହଡ଼ି, ଭିଜିଭିଜି ଶୀତେଇ ଉଠୁଥିବା ବାଲୁଚର, ମୁଁ ବସି ରହିଥିବା ଶୀଳାଖଣ୍ଡ - ସବୁ କିଛି ନିଜ ନିଜର ଚିରାୟତ ଢଙ୍ଗରେ। ସ୍ଥିରତାର ଏକ ରହସ୍ୟମୟ ଉପଲବ୍ଧିରେ ମୁଁ ଉଲ୍ଲସିତ। ପ୍ରବାହମାନତାର ଜୀବନଚକ୍ରରେ ଥିବା ରୂପାନ୍ତର କୌଣସି ଭାବାନ୍ତର ଥାଏ କି ? ନା, ତାର ସ୍ୱୀକାର କି ଅସ୍ୱୀକାର କଥା ଉଠେନାହିଁ, କାରଣ ତା ପାଇଁ ଖରାର ଉଷ୍ଣତା ଓ ଜହ୍ନର ଶୀତଳତା ଏକଇ ଅନୁଭବ୍ୟ।

ମୁଁ ଓହ୍ଲେଇ ପଡ଼ିଲି। ଶୀଳାଖଣ୍ଡଟି ପ୍ରତିକ୍ରିୟାହୀନ। ଏବେ ମୁଁ ଏଇଠୁ ଫେରିଯିବାରେ କାହାରି କିଛି ବି ଫରକ ପଡ଼ିବ ନାହିଁ ଓ କେହି ବି କିଛି କହିବେ ନାହିଁ। ମୋର ସେମାନଙ୍କ ସହ କୌଣସି ସଂପୃକ୍ତି ନାହିଁ ବା ସେମାନେ କୌଣସି ସମ୍ପର୍କ ସଂପୃକ୍ତି କଥା କହିବେ ନାହିଁ।

ମୁଁ ଫେରୁଛି କିନ୍ତୁ ମୁଁ ମୋ ମୁଣ୍ଡ ଭିତରେ ଏମାନଙ୍କୁ ବୋହି ଚାଲିଛି କାହିଁକି ? ମୋ ଦୃଷ୍ଟି ତ ଏବେ ଫେରିବା ବାଟକୁ ଚାହିଁଛି! ଯିବା ଓ ଫେରିବା ସତରେ ଏକାଏକା ଚାଲୁଥାଏ। ମୁଣ୍ଡ ଭିତରେ ଥାଏ ସହଯାତ୍ରା, କଥାବାର୍ତ୍ତା, କୋଳାହଳ ଓ କିଛି ଚିତ୍ରବୀଥି।

ମେଳ ଭିତରୁ ଏକ ବିଶାଳ ଲହଡ଼ି ଆସି କୂଳରେ ପିଟି ହୋଇଯିବାର ଶବ୍ଦ ଶୁଭିଲା। ମୁଁ ପଛକୁ ବୁଲିପଡ଼ି ଚାହିଁଲି ଓ ପୁଣି ବୁଲିପଡିଲି ମୋ ଫେରିବା ବାଟଆଡ଼େ। ମୁଣ୍ଡ ଭିତରେ ଅସଂଖ୍ୟ ଜଳବିନ୍ଦୁ ଛିଟିକି ପଡୁଥାଏ ଓ ଏକ ବିସ୍ତୀର୍ଣ୍ଣ ବାଲୁଖଣ୍ଡ ସେସବୁକୁ ଶୋଷି ଚାଲିଥାଏ। ମୁଁ ଏବେ ଶୁଷ୍କ। ମୋ ପଛେପଛେ ବୋଧ ହୁଏ ସମୁଦ୍ର!



# ସେ ଆସେ

## ଡ ଚନ୍ଦ୍ରକଳା ନାୟକ



ମୋ ଝରକାର ଫାଙ୍କାବାଟେ
କାହାର ପ୍ରତିଛବି ଭଙ୍ଗିମାରେ
ଧୀର ପତଳା ଶବ୍ଦ ଭିତରେ
ସୁକ୍ଷ୍ମ ରୂପରେ ଚିହ୍ନା ପରି ଲାଗେ
ଯାହାର ଲୋଭାଣିଆ ଆଖିଦିଟା
ସଫା ଜହ୍ନ ଆଲୁଅର ଛିଟାରେ
ମନ ଗହନକୁ ଆନ୍ଦୋଳିତ କରେ ।
ଯାହାକୁ ମୁଁ ନଦେଖିଲେ
ମୁହୁର୍ତ୍ତ ପରେ ମୁହୁର୍ତ୍ତ ଅଧୀର ହୁଏ
ଅଥୟ ହୁଏ ମନ ଗହ୍ୱରର
ଅବ୍ୟକ୍ତ ଶୂନ୍ୟ ସତ୍ତା
ସମସ୍ତ ସମୟର ଠାଣିରେ
ଏକାନ୍ତ ଏବଂ ନିର୍ଜନ ରାସ୍ତା ଭିତରେ
ଅନେକ ବେଳେ ଦୋଛକି ରାସ୍ତାକୁ ଖୋଜେ ।
ତା'ରି ଅଲରା କେଶର
ଇଂଚକୁଂଚିଆ ବେଣିରେ
ମନଟା ବିହ୍ୱଳିତ ହୁଏ
ମଦମତ୍ତ ଆଖିର ପରଦା ତଳେ
ବୁଢ଼ିଆଣି ବସା ବାନ୍ଧେ
ଘଡିଏ ପରେ ପୁଣି ଅପସରି ଯାଏ ।
ସେ କାଳେ ପାଗଳ ଭ୍ରମରଟିଏ
ଯିଏ ମୁହୁର୍ତ୍ତ ଗୁଡାକୁ
ଗୁଣୁଗୁଣୁ କରି ସଜାଡି ଥାଏ
ଆର୍ତ୍ତ ନାଦ କରୁଥିବା ସମୁଦ୍ର ଢେଉରେ
ଉଜାଣି ବହୁଥିବା ତରଙ୍ଗ ଭିତରେ
ନିଇତି ଦେଉଥିବା ଜିଇଁବାର ମନ୍ତ୍ର ଭିତରେ
ଏବେ ଏବେ ମୁଁ ଦେଖୁଛି
ମୋ ଝର୍କାର ଛିଦ୍ରରେ କିଏ ଲେଖିଦିଏ
ଆଗାମୀ କାଲିର ଅସ୍ତମିତ
ପ୍ରାଚୀନ ଇତିହାସର ପୃଷ୍ଠା ଗୁଡିକୁ
ଅନାଗତ ଅତୀତର ଗହନ ବନରେ
ତ୍ରିକୋଣମେଟ୍ରିର ତ୍ରିଭୂଜ ଭିତରେ
ଏବେ ଏବେ ପଢିବା ପାଇଁ
ଭବିଷ୍ୟତର ଜ୍ୟାମିତି ଗୁଡାକୁ ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛଡିଆ, ଯାଜପୁର, ମୋ- ୯୪୩୭୯୫୭୬୧୭**



# ଜାବୁଡ଼ି ଧରନା ଅହଙ୍କାରକୁ

## ନିବେଦିତା ପଣ୍ଡା



ଅହଙ୍କାର ଧ୍ୱଂସ ଡାକି ଆଣିଥାଏ
କରିଥାଏ ସର୍ବନାଶ,
ଦୟା,କ୍ଷମା ଗୁଣ ହଜାଇ,ସଜାଏ
ବିବେକହୀନ ମଣିଷ।

ସର୍ବଶ୍ରେଷ୍ଠ ଜୀବ ହୋଇ ବି ମାନବ
ମାନବିକତାକୁ ଛାଡ଼ି,
ଯନ୍ତ୍ରଣା ଦୁଃଖକୁ ଆମନ୍ତ୍ରଣ କରେ
ଜୀବନ ଦିଏ ବିଗାଡି।

ଅହଙ୍କାରକୁ ଆପଣେଇ ସିଏ
ହିତାହିତ ଭୁଲିଯାଏ,
ନିଜେ ହିଁ ନିଜର ପ୍ରତିବାଦୀ ସାଜି
ଅଶାନ୍ତିକୁ କିଣିଥାଏ।

ଅଶାନ୍ତି ଅନଳେ ଜଳି ଜଳି ସଦା
ହରାଏ ନିଜର ଖୁସି,
ପର ଶୀରି ଦେଖି ଈର୍ଷା କରି କରି
ପାରେନା ଜୀବନେ ହସି।
ପର ନିନ୍ଦୁକର ଉନ୍ନତି ହୁଏନି
ବିଫଳତା ମିଳିଥାଏ,
ଆତ୍ମ ସମ୍ମାନ ଓ ଆତ୍ମ ବିଶ୍ୱାସକୁ
ଅଜାଣତେ ହାରିଦିଏ।

ଚରିତ୍ରଟି ଯଦି ଶୁଦ୍ଧ ନିର୍ମଳ
ଉଠେନି ଆଙ୍ଗୁଠି କା'ର,
ଶିକ୍ଷା ଓ ସଂସ୍କାର ଉତ୍ତମ ଗୁଣ ତ
ସୁମାନବ ବ୍ୟବହାର।

ଯାହାକୁ କହୁଛ ସ୍ୱାଭିମାନ ବୋଲି
ତାହା ଅଟେ ଅହଙ୍କାର,
ଅଦମ୍ୟ ସ୍ୱାର୍ଥର ଅଜଣା ଅର୍ଥରେ
କରଇ ତୀବ୍ର ହୁଙ୍କାର।

ଅଭିମାନ ଭାବି ଅହଙ୍କାର କଲେ
ସମ୍ମାନ ହୁଅଇ କ୍ଷୁର୍ଣ୍ଣ ,
ଜାବୁଡି ଧରନା ଅହଙ୍କାରକୁ ଯେ
ସମ୍ପର୍କ ହୋଇବ ଛିନ୍ନ।

ରାଉରକେଲା



# ଗୋଟିଏ ଗାଁ'ର ଗପ

## ଜ୍ୟୋତି ପ୍ରକାଶ ମହାପାତ୍ର

ଉଦିଆ ବାରିକ।
ଉଦିଆ ବାରିକ ରହୁଥିଲା
ଗୁଡ଼ିଆ ସାହି ପଛ ପଟେ ବାଉଁଶ
ବାଡ଼ି ଭିତରେ। ବାଉଁଶ ବୁଦା
ଲମ୍ବି ଆସିଥିଲା ତା ଘର ଦାଣ୍ଡ
ଦୁଆରକୁ। ବୁଢ଼ା ଏକା, ଆମ ଗାଁ
ମଣିଷ ସେ ନୁହେଁ। କୋଉ ଦୂର
ଗାଁରୁ ଉଠି ଆସିଥିଲା, ଇତିହାସ
ତାର ଅଜଣା।
ଇସ୍କୁଲ ପଛ ଦେଇ ଗୋଟେ
ମାଟି ବନ୍ଧ ସେବେ ଯାଇଥିଲା
ମହାଦେବ ମୁଣ୍ଡ ଆଡ଼େ।
ଉଦିଆ ବାରିକ ସେଇ ବନ୍ଧରେ
ବସି ପୁରିଆ ସାଆଁନ୍ତ ଚୁଟି
କାଟୁଥିଲା।
କଥା ଉଠିଲା କିଏ ବଡ଼ ତାସ୍
ଖେଳାଳି !!
ପୁରିଆ ବୁଢ଼ା କହିଲା ମୁଁ।
ଉଦିଆ ବାରିକ କୋଉ ଛାଡ଼ିବା
ଜନ୍ତୁ। ସେ କହିଲା ମୁଁ।
ଯୋଉ ଗାମୁଛା ପାରି ଦେଇ
ଚୁଟି କାଟୁଥିଲା ଉଦିଆ ବାରିକ,
ସେଇଥିରେ ତାସ ପଡ଼ିଲା
ତେଣିକି। ଉଦିଆ ବାରିକ ଚୁଟି
କଟା ଭୁଲିଗଲା, ପୁରିଆ ବୁଢ଼ା ବି।
ଖେଳ ଚାଲିଲା ଦି ଘଣ୍ଟା। କେହି
ପଛୁକୁ ହଟୁ ନ ଥାଆନ୍ତି। କେଇ
ଜଣ ଯାଉଥିବା ଲୋକ ସେଇଠି
ବସିଲେ, ଦେଖିଲେ ଖେଳ।
ଶେଷକୁ ବେଳ ବୁଡ଼ିଲା ବେଳକୁ
ଘୋଷଣା ହେଲା - ପୁରିଆ ବୁଢ଼ା
ଜିତିଲା।
ଉଦିଆ ବାରିକ ମାନିବାକୁ
ନାରାଜ। କହିଲା - ଆଉ ପାଳିଏ
ହଉ।
ଗାଁ ଲୋକେ ଦେଲେ ଗାଳି।
ଉଦିଆ କିନ୍ତୁ ଆଉ ଚୁଟି କରିବାକୁ
ମନା କଲା। ପୁରିଆ ବୁଢ଼ା ଅଧା
ଚୁଟି କଟା ବାକି।
କ୍ଷୁର, କଇଁଚି ଧରି ଉଦିଆ ବାରିକ
ଉଠିଗଲା।
କଇଲା - ଯା ମ ! ଏ ଭୂତେଇକି
ଜିତିଚି, ଯୋଉଠି ଭଲ ବାରିକ
ପାଇବୁ ସେଠି କାଟିବୁ। ଯାଆ
ଶଳା।
ପୁରିଆ ବୁଢ଼ା ଅଧା ଚୁଟି କାଟି
ରହିଲା ସିନା, ବିଜୟୀ ପଦରୁ ଆଉ
ଓହ୍ଲେଇଲା ନାଇଁ।
ସେଇ ଆମ #ଗାଁ। ଅନେକ ସଜଳ
କାହାଣୀର ଭଣ୍ଡାର ଘରର ମାଆ।



# ଶାନ୍ତି ସଂହିତା

## ଅପରାଜିତା ହୋତା

ରହି ରହି ଆଉ ଯୁଦ୍ଧ ଡାକରା ଦିଅନା
ସଂଗ୍ରାମର ରଣଭୂମି ଜାଗ୍ରତ କର ଚିରକାଳେ
ମାନବ ସଭ୍ୟତାର ଜଳାଂଜଳି ଏମିତି
ଦିଅନା।
ବିପ୍ଲବ ଜାଗେ ଜହିଁ ଆସେ ହା ହାକାର
ରହିରହି ଶୁଭେ କରୁ ଆର୍ତ୍ତ ଚିତ୍କାର
ଆତଂକରେ ଜଳୁଥାଏ ସାଂସଂରିକ ସତା
ହଜିଯାଏ ସୁଖଶାନ୍ତି ଅଖଣ୍ଡ ଏକତା।
ବାଜୁଛି ବିପ୍ଲବ ଭେରି କାନଡେରି ଶୁଣ ;
ସୀମାର ସୁରକ୍ଷା ଲାଗି ଯୋଦ୍ଧାର
ଆତ୍ମବଳିଦାନ।
ଗୋଳାବାରୁଦର ପ୍ରଲେପରେ ବ୍ରହ୍ମାଣ୍ଡ
ବିଧ୍ୱଂସ କରି
ପ୍ରକାଶକୁ ଅନ୍ଧକାରେ କବର ଦିଅନା।
ଏଇ ମାଟି ସାକ୍ଷୀ ଆମ କଳିଙ୍ଗ ଯୁଦ୍ଧର
ଯହିଁ ଦୟାନଦୀ ସାଜିଥିଲା ରକ୍ତର ସାଗର
ବିନାଶ ବର୍ତିକା ଜାଳି ସମ୍ରାଟଙ୍କ ସ୍ୱପ୍ନ
ରକ୍ତ ରଞ୍ଜିତ ମାଟିରେ ହୋଇଚିରେ ଭସ୍ମ
ସାକ୍ଷୀଥିଲା, ସାକ୍ଷୀ ଅଛି ଶାନ୍ତିର ସେଇ
ସ୍ତୁପ
ଧଉଳି ଗର୍ଭରେ ଉଭା ଉତ୍କଳ
ଅତୀତ।
ହିଂସା ପରାକ୍ରମ ବଳେ ଜଗତ
ଜିତେନା କେହି
ଅହିଂସାର ପୁଣ୍ୟଭୂମି ମୋ ଭାରତ
ମାତା
ଶିଖାଇଛି ଚିରକାଳ ତ୍ୟାଗ ପ୍ରେମ
ଗାଥା
ତୁଙ୍ଗ ହିମାଳୟେ ଅବା ଅତଳ
ସାଗରେ
ଗଗନେ ପବନେ ଚିର ଶୋଭିତ
ସାର୍ବଭୌମତାର ଛବି ଆମ ଅଖଣ୍ଡ
ଦୃଢ଼ତା।



# ପୋଷା କୁକୁରଙ୍କ ବିଚାର

## ଡ଼ଃ ଅନୁପମା ବିଶ୍ୱାଳ

ପୋଷା କୁକୁରଙ୍କ ଆଜି ପଡିଛି ବିଚାର
ମାନବ ପାଇଁକି ବୁଦ୍ଧି ହଜୁଛି ତାଙ୍କର।
କିଏ କହୁଥାଏ ଯେବେ ଛୋଟଥିଲି ମୁହିଁ
ମାଲିକ ଆଣିଲା ମତେ ମାଆଠୁ ଛଡେଇ।
ଏରୂପେ ମୋ ଭାଇଭଗ୍ନୀ ସର୍ବେ ହେଲେ ଦୂର
ମନେ ପଡିଲେ ମୋ ଲୁହ ଝରେ ଝରଝର।
କିଏ କହେ ମୋ ଜୀବନ ଅଟେ ପରାଧୀନ
ନଜର ଦିଏ ମାଲିକ ମୋତେ ରାତିଦିନ।
ନିଜ ଜାତି ସହ ଭେଟ ନହୁଏ ମୋହର
ଶୁଣିବାକୁ ପାଏ ନାହିଁ କାହାର ବା ସ୍ୱର।
ମୋ ମାଲିକ ଭାରି କଡା କହଇ ଯେ ଆନ
ତାଲିମ ଦିଅଇ ମୋତେ
ନଥିଲେ ବି ମନ।
ଯୁଆଡେ ଗଲେ ବି ମୋତେ ନିଏ
ତା ସଙ୍ଗରେ
ଅଯଥାରେ ଭୁକେ
ମୁହିଁ ପାଗଳ ପରାଏ।
ଚୋର ନିଶା ଦିଏ କେବେ
ନେଇଯାଏ ପ୍ରାଣ
ବିନା ଦୋଷେ ଯାଉଅଛି
ଆମରି ପରାଣ।
ସୁଯୋଗ ମିଳିଛି ଆଜି
କରିବା ବିଚାର
ମଣିଷକୁ ପାନେ ଦେବା
ଜାଣିବ ଏଥର।
ସଭିଏଁ କହିଲେ କରିବା
ହେ ଅନଶନ
ସପ୍ତାହରେ ଦିନଟିଏ
କରନ୍ତୁ ସ୍ୱାଧୀନ।
ପରସ୍ପର ଦୁଃଖ ସୁଖ
ବୁଝିବା ସେଦିନ
ମଣିଷ ପାଇବ ଆମଠାରୁ
ବୁଦ୍ଧି ଜ୍ଞାନ।

**ସମ୍ବଲପୁର**
**ମୋବାଇଲ୍: ୭୯୭୮୫୬୮୩୨୨**



# ଶୀତ ସକାଳ କାଳିଆ ମନ୍ଦିରେ ଲାଗିଛି ଭିଡ଼

## ସ୍ୱାଗତିକା ସାହୁ

ଅଜସ୍ର ପ୍ରାଣ ଯେ ଚଞ୍ଚଳତା ଭରେ
ଭାବ ମଗ୍ନ ପୁଣି ହୁଏ
ମଧୁ ଝରି ପଡ଼େ ପ୍ରତିଟି ପ୍ରାଣରେ
ଉଷା ସ୍ୱାଗତିକା ଗାଏ ।

ଦେଖିବ ନୟନ ଚକା ଚକା ଆଖି
ଫେଡି ନୟନ ଯୁଗଳ
ଲୋତକ ନୀରରେ ପଖାଳି ପାଇବ
ସଂଜୀବନୀ ମନ୍ତ୍ର ବଳ ।

ପ୍ରାତଃ ପ୍ରହରୁ ଶୀତ ବିନ୍ଦୁ ପରେ
ନେତ୍ର ଖୋଜେ ସେ ଆଖିକୁ
ଶୀତ ମଳୟର ପ୍ରତି ରେଣୁ ପରେ
ଝୁରେ ମନ ହଜିବାକୁ ।

ତୁମରି ପଣତ ସ୍ନେହ ଶ୍ରଦ୍ଧା ପଣ
ସତେ ମଳୟର ବାଆ
ହାତ ବାଜି ଗଲେ ତୁମ ପାଦ ପରେ
ସତେ କି ମଧୁର ଛୁଆଁ ।

ଆଶିଷ ତୁମରି ଅଭୟ ତୁମରି
ଝୁରେ ହୁଏ ପ୍ରାତଃ କାଳେ
ମନ ହୃଦ ସବୁ ବନ୍ଧା ହେ କେବେଠୁ
ତୁମରି ଚରଣ ତଳେ ।

ଏମିତି କେମିତି ଜଗତ ସୃଜିଛ
ଜଗତର ଜଗଦୀଶ
ଯୁଆଡ଼େ ଚାହିଁଲେ ତୁମ ରୂପ ପ୍ରଭୁ
ଭାଳି ହୁଏ ପରିବେଶ ।

ତୁମରି ପ୍ରେମରେ ବନ୍ଧା ଦୁଇ ନେତ୍ର
ଦିବାରୁ ରାତ୍ରୀ ପର୍ଯ୍ୟନ୍ତ
ତୁମ ଭାବ ଡୋରି ନେଉ ଅଛି ଟାଣି
ତୁମେ ହିଁ ଲୀଳା ସମୁତ ।

କୋମଳ ଶ୍ରୀମୁଖ ସାଉଁଟି ସାଉଁଟି
ମାନେ ମାଦକତା ଭରେ
ଅସ୍ତାଚଳ ହୃଦ ଦିବ୍ୟ କାରଣରେ
କଇଁ କଇଁ କାନ୍ଦି ମରେ ।

ଆହେ ଚକ୍ରପାଣି ମୋର ଚିନ୍ତାମଣି
ତୁମେ ହିଁ ମୋର ନଜର
ବିଶ୍ୱାସ ଟିକକ ଥିବା ଯାଏଁ ସାଇଁ
କରିବନି କେବେ ପର ।

ମୋ କଳା ଇଶ୍ୱର ହେ ଚକା ନୟନ
ତୁଣ୍ଡେ ଥାଉ ତୁମ ନାମ
ତୁମରି ଆଶିଷେ କୃପାର ପରଶେ
ଧନ୍ୟ ମଣେ ପୁରୀ ଧାମ ।

ସତେ ବା ଅମୃତ ପାନ କରୁଅଛି
ପାଉଛି ସରଗ ସୁଖ
ଉଭେଇ ଯାଏ ଯେ ରୋଗ ଦୁଃଖ ଶୋକ
ଯାଏ ସମସ୍ତ କଳୁଷ ।

**ଉମରକୋଟ, ନବରଙ୍ଗପୁର**



# ମୋ ବାପା ମୋ ହିରୋ

## ଶୋଭାମୟୀ ପତ୍ରୀ

ସକଳ ତୀର୍ଥ ମୁଁ ବୁଲି ଆସିଲଇଁ
ଭେଟି ସର୍ବ,ପୁଣ୍ୟ ଧାମ,
ସଂସାରର ଯେତେ ଦେବ କି ମାନବ
କେ ନୁହେଁ ମୋ ବାପା ସମ ॥
ପ୍ରଶାନ୍ତ ସାଗର ପରି ମନ ତାଙ୍କ
ସ୍ୱଭାବ ନିର୍ମଳ ସ୍ୱଚ୍ଛ,
ସଂସାରେ ଗଛିତ ଅମାପ ଐଶ୍ୱର୍ଯ୍ୟ
ମୋ ବାପା ଆଗରେ ତୁଚ୍ଛ ॥
ନିତି ଆଦର୍ଶର ଗନ୍ତାଘର ସେହି
ଦାନୀ ପଣେ ବଳିରାଜ,
ଅଗାଧ ଜ୍ଞାନର ଅଧିକାରୀ ବାପା
ଚିନ୍ତନରେ ବିଜେ ବ୍ରଜ ॥
ଇଚ୍ଛା ପୂର୍ତ୍ତିକାରୀ କଳ୍ପବଟ ସେ ଯେ
ଅକର୍ମା ଦାନୀ ମୋ ପାଇଁ,
ପଥ ପ୍ରଦର୍ଶକ ଉତ୍ସାହ ପ୍ରେରକ
ସାହାରା ଭରସା ସେହି ॥
ପ୍ରେମ ମନ୍ଦାକିନୀ ଝରୁଥାଏ ତାଙ୍କ
କଠୋର ହୃଦୟ ତଳେ,
ସଂସ୍କାର ସଂସ୍କୃତି ସେବା ଧର୍ମ ପ୍ରୀତି
ପ୍ରତିମୂର୍ତ୍ତି ମହୀସ୍ଥଳେ ॥
ଦୟା କ୍ଷମା ସହନଶିଳତା ଗୁଣେ
ଧରା ଠୁଁ ମହାନ ସେଯେ,
ଚଳନ୍ତି ପ୍ରତିମା ମୋ ବାପା ମୋ ପାଇଁ
ସର୍ବ ସମ୍ପଦ ସେ ପଦ ରଜେ ॥
ଶିକ୍ଷଗୁରୁ ଦୀକ୍ଷା ଗୁରୁ ବାପା ମୋର
ସେ ମୋ ସଖା ସହୋଦର,
ମୋ ଜୀବନର ପ୍ରଥମ ପୁରୁଷ ମୋ
ବାପା ମୋହର ହିରୋ ॥
ତାଙ୍କ ହାତ ମୋର ମଥା ପରେ ଥିଲେ
ଜିତାପଟ ସଦାବେଳେ,
ବାପା ପାଖେଥିଲେ ସାହସ ସଞ୍ଚରେ
ବିପଦ ଅଚିରେ ଟଳେ ॥

**କେନ୍ଦ୍ରାପଡ଼ା**



# ବିବେକ

## ଡଃ ତାନଶ୍ରୀ ପାଣିଗ୍ରାହୀ

ଏ ଧରାଧାମରେ ଈଶ୍ୱରଙ୍କ ସୃଷ୍ଟି
ମଣିଷ ହିଁ ଶ୍ରେଷ୍ଠ ପ୍ରାଣୀ
ବୁଦ୍ଧି ବିଚାର ଓ ଜ୍ଞାନ ବିବେକରେ
ଜଗତକୁ ପାରେ ଜିଣି...
ବିବେକ ହିଁ ଦିଏ ମଣିଷକୁ ଦିନେ
ଶ୍ରେଷ୍ଠତାର ପରିଚୟ
ବିବେକବିହୀନ ମଣିଷଟା ହୁଏ
ସଭିଙ୍କ ପାଖେ ଅପ୍ରିୟ...
କରିଥାଏ ଭଲ ମନ୍ଦର ବିଚାର
ଥାଏ ବିବେକ ଯାହାର
ଜୀବନ ବାଟରେ ସତ୍ୟ ନ୍ୟାୟ ପଥେ
ହୋଇଥାଏ ଅଗ୍ରସର...
ବିବେକ ବଳରେ ମଣିଷ ହିଁ ହୁଏ
ଆତ୍ମଜ୍ଞାନ ଅଧିକାରୀ
କ୍ରୋଧ ମିଥ୍ୟା ଲୋଭ ଅହଂକାର ଭାବ
ଦୂର କରେ ସେ ସବୁରି...
ବିବେକ ଅଟଇ ସୂକ୍ଷ୍ମ ବିଚାରକ
ସବୁ ପ୍ରଶ୍ନର ଉତ୍ତର
ଉଚ୍ଚ ଚିନ୍ତନ ରଖି ଦୂର ଦୃଷ୍ଟି
ଦିଏ ସେ ଶିକ୍ଷା ସଂସ୍କାର...
ହୃଦୟ ଦୀପରେ ଜଳାଇ ରଖିବା
ବିବେକର ଦିବ୍ୟ ଜ୍ୟୋତି
ପୁଣ୍ୟ ପ୍ରାଣତାରେ ପ୍ରୀତି ସରସୀରେ
ପ୍ରାପ୍ତି ହେବ ସୁଖ ଶାନ୍ତି ॥

**ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର**
**ବାଲିଆ, ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**



# ରାଗ ବ୍ରହ୍ମ ଚଣ୍ଡାଳ

## କବି ଭାରତୀ ବାସନ୍ତୀ ଲତା ଜେନା

ଲୋଭ ମୋହ କ୍ରୋଧ ଷଡ଼ ରିପୁ ଦାନ
ଜୀବ ମଧ୍ୟେ ବଳବନ୍ତ
ମାନବ ମନକୁ କବଳିତ କରେ
ଲୋକ ହୁଏ ହନ୍ତସନ୍ତ ।୦।
କାମନା ବାସନା ଇନ୍ଦ୍ରିୟ ଲାଳସେ
ଯେଉଁ ନର ପରାଜିୟତ
ହିଂସା ଈର୍ଷା ଦ୍ୱେଷ ତା ପାଖେ ସଂଚିତ
ଜୀବନ ନଈର ସ୍ରୋତ
ପାଇବାର ଇଛା ନିଷ୍ଫଳ ହୋଇଲର
ମନେ କ୍ରୋଧ ଜର୍ଜରିତ ଲୋଭ ମୋହ
କ୍ରୋଧ...... ।୧।
ସ୍ୱାର୍ଥନ୍ୱେଷି ବ୍ୟକ୍ତି ସ୍ୱାର୍ଥ ଚିନ୍ତା କରେ
ପାଇବାର ଅଭିଳାଷ
ସେଥିରୁ ବିରତ କିଞ୍ଚିତେ ହୋଇଲେ
କରେ ସିଏ ଅବଶୋଷ
ରାଗ ବଢ଼ିଯାଏ ମନ ମଧ୍ୟେ ତାର
କର୍ମ କରେ ଅନୁଚିତ
ଲୋଭ ମୋହ.. ।୨।
ସଂଯମ ତାହାର କ୍ରୋଧ ତଳେ ଦବେ
ରାଗ ତ ବ୍ରହ୍ମ ଚଣ୍ଡାଳ
ଅନୁଚିତ କାର୍ଯ୍ୟ କରି ବସେ ସିଏ
ଅପରେ କରେ ବେହାଲ
ବୁଦ୍ଧି ଜ୍ଞାନ ସବୁ ତାର ନଷ୍ଟ ହୁଏ
ନଷ୍ଟ ହୁଅଇ ଚରିତ୍ର
ଲୋଭ ମୋହ କ୍ରୋଧ..... ।୩।
ନଷ୍ଟ ଚରିତ୍ର ଯେ ଘୃଣା ପାତ୍ର ହୁଏ
ପ୍ରିୟଜନ ନ ହୁଅଇ
ଅର୍ଥ ଶକ୍ତି ବଳେ ନ୍ୟାୟ କିଣା ଯାଏ
ନିର୍ଦ୍ଦୋଷର ମୁକ୍ତି କାହିଁ
ଏଣୁ କରି ବନ୍ଧୁ ସଂଯମୀ ଗୁଣରେ
ରାଗକୁ କର ସଂଯତ
ଲୋଭ ମୋହ କ୍ରୋଧ... ।୪।

**ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର**

